# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




କୁଲଦୀପ ସିରିଜ୍‌ର ଶ୍ରେଷ୍ଠ


▶ପୃଷ୍ଠା ୧୨ ଦେଖନ୍ତୁ...






indriya.com
ADITYA BIRLA
JEWELLERY
INDRIYA
ADITYA BIRLA | JEWELLERY
presents
alka
FESTIVE COLLECTION
ଏହି ପର୍ବର ଦିନରେ ଇନ୍ଦ୍ରିୟା ଷ୍ଟୋର୍ କୁ ଆସନ୍ତୁ
ଆଉ ଦେଖନ୍ତୁ ପ୍ରେମରେ ଝିଲିମିଲି ନୂଆ ଅଳକା କଲେକ୍ଶନ୍ କୁ ।
ତାହାର ଆଲୋକେ ପର୍ବଣ ହେବ ଅଧିକ ପ୍ରିୟ ।
ପ୍ରତି କ୍ଷଣରେ ଦୀପ୍ତି ହେଉଛି ପ୍ରିୟଜନଙ୍କର ସ୍ମିତା ।
ସୁନା, ପୋଲ୍କୀ ଓ ହୀରାର 20,000 ରୁ ଅଧିକ
ଡିଜାଇନ ଦେଖି ହୃଦୟରେ ଭରିଯିବ ଅସୀମ ପ୍ରେମର ସ୍ପନ୍ଦନ ।
ତଥାପି ମନ କହିବ, ମନ ଏବେବି ଭରି ନାହିଁ
ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟ୍ୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



ଆଜିଠୁ ରଣଜୀ ଟ୍ରଫି

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-109 •WEDNESDAY •15 OCTOBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୧୦୯ •ବୁଧବାର •୧୫ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ୧୫.୬୭ ଲକ୍ଷ ହିତାଧିକାରୀଙ୍କ ଚାଉଳ ବନ୍ଦ

## ଗଞ୍ଜାମରୁ ସର୍ବାଧିକ ୧.୬୪ ଲକ୍ଷ ହିତାଧିକାରୀ ବାଦ

## କଟକରୁ ବାଦ୍ ୯୧ ହଜାର, ମୟୂରଭଞ୍ଜରୁ ୮୭ ହଜାର

## ବଲାଙ୍ଗିରରୁ ୮୩ ହଜାର, କଳାହାଣ୍ଡିରୁ ୮୨ ହଜାର ବାଦ

## କେନ୍ଦ୍ର ଦ୍ୱାହି ଦେଇ ହାତ ଟେକିଦେଲେ ଯୋଗାଣ ମନ୍ତ୍ରୀ



■ ଭୁବନେଶ୍ୱର, ୧୪।୧୦ (ସମିସ): ଆସନ୍ତା ମାସରୁ ରାଜ୍ୟର ୧୫.୬୭ ଲକ୍ଷ ହିତାଧିକାରୀଙ୍କୁ ମିଳିବ ନାହିଁ ମାଗଣା ଚାଉଳ। ଇ-କେୱାଇସି କରି ନ ଥିବା ଯୋଗୁଁ ସେମାନଙ୍କୁ ଚାଉଳ ମିଳିବ ନାହିଁ । ରାଜ୍ୟ ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏପରି ସୂଚନା ପରେ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। କେନ୍ଦ୍ର ସରକାର ଇ-କେୱାସି ପ୍ରକ୍ରିୟା ବନ୍ଦ କରିଦେଇଛନ୍ତି। କେୱାଇସି କରି ନ ଥିବା ଲୋକଙ୍କୁ ଚଳିତ ମାସ ଚାଉଳ ପ୍ରଦାନ କରାଯାଇଛି; ମାତ୍ର ଶୀଘ୍ର ଏହି ଚାଉଳ ପ୍ରଦାନ ବନ୍ଦ କରିଦିଆଯିବ। ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଇ-କେୱାଇସି ଅବଧି ବଢ଼ାଇବେ, ତେବେ ଆମେ ମଧ୍ୟ ଏହି ଅବଧି ବଢ଼ାଇବୁ। ଯଦି କିଏ ବାଦ୍ ରହିଯାଇଥିବ, ତେବେ ସେମାନଙ୍କୁ ଲିଖିତ ଭାବେ ଦେବାକୁ ପଡିବ। ତାପରେ ଯାଇ ଆମେ ସେମାନଙ୍କ କଥା ବିଚାର କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ରାସନ କାର୍ଡରେ ଥିବା କିମ୍ବା ପରିବାର ସମସ୍ତ ସଦସ୍ୟଙ୍କୁ ଆଉ ଥରେ କେୱାଇସି କରିବା ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଧାର୍ଯ୍ୟ ତାରିଖ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଲକ୍ଷ ଲକ୍ଷ ଯୋଗ୍ୟ ହିତାଧିକାରୀ ଇ-କେୱାଇସି ▶ପୃଷ୍ଠା-୧୦

## ହିମାଳୟର ୮୭% ଅଞ୍ଚଳ ବରଫାବୃତ

# ଆଗୁଆ ଆସିବ ଶୀତ, ଅଧିକ ଦିନ ରହିବ



■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୦ (ସମିସ): ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସିଥିଲା, ସ୍ୱାଭାବିକ ଭାବରେ ବର୍ଷିବା ସହ ଧାର୍ଯ୍ୟ ସମୟରେ ବିଦାୟ ନେଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଶୀଘ୍ର ଆସିବ ଥଣ୍ଡା। ଏପରିକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଅଧିକ ଥଣ୍ଡା ପଡ଼ିବ ବୋଲି ପାଣିପାଗବିଜ୍ଞାନୀମାନେ ଆକଳନ କରୁଛନ୍ତି। ପ୍ରାୟ ୨ ମାସ ପୂର୍ବରୁ ହିମାଳୟ ଉପରାର୍ଦ୍ଧର ୮୭% ଅଞ୍ଚଳ ବରଫରେ ଆବୃତ୍ତ ହୋଇଛି ଓ ହିମାଳୟର ନିମ୍ନଭାଗ ଅଞ୍ଚଳର ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଛି ଓ ବରଫ ତରଳିବା ହାର ପ୍ରାୟ ଶୂନ୍ୟକୁ ଖସି ଆସିଛି। ଡିସେମ୍ବରରେ ଲା ନିନା ସକ୍ରିୟ ହେବା ସମ୍ଭାବନା ଥିବାରୁ ଚଳିତବର୍ଷ ଭାରତରେ ଭଲ ବର୍ଷା ହୋଇଛି ଓ ଅଧିକ ଥଣ୍ଡା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ହିମାଳୟର ଉପରାର୍ଦ୍ଧା ଅର୍ଥାତ୍ ୪ ହଜାର ଫୁଟ ଉଚ୍ଚରୁ ଅଧିକ ଅଞ୍ଚଳରେ ତାପମାତ୍ରା ଏବେ ବିଯୁକ୍ତ ୧୫ ଡ଼ିଗ୍ରୀ ରହିଛି। ଲା ନିନା କାରଣରୁ ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ତାପମାତ୍ରା ଖୁବ୍ ଶୀଘ୍ର ୩ରୁ ୪ ଡ଼ିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ, ସିକିମ, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର ତାପମାତ୍ରା ଦ୍ରୁତ ବେଗରେ ହ୍ରାସ ପାଇଛି। ଏପରିକି ମଧ୍ୟପ୍ରଦେଶରେ ତାପମାତ୍ରା ୧୬ ଡ଼ିଗ୍ରୀ ଫସିଛି। ଭୋପାଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ ଡ଼ିଗ୍ରୀ କମ୍ ହୋଇ ୧୫.୮ ଡ଼ିଗ୍ରୀକୁ ଖସିଛି। ରାଜସ୍ଥାନରେ ଦିନ ଓ ରାତିର ତାପମାତ୍ରା ମଧ୍ୟ ହ୍ରାସ ପାଇଛି । ରାତିର ତାପମାତ୍ରା ୧୫ ଡ଼ିଗ୍ରୀ ତଳକୁ ଖସିଥିବା ▶ପୃଷ୍ଠା-୧୦

# ରୁପା ୨ ଲକ୍ଷ ପାର୍

## ସପ୍ତାହକରେ ୩୩ ହଜାର ମହଙ୍ଗା

■ ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଇତିହାସ ରଚିଲାଣି ସୁନା ଓ ରୁପା ଦର। ଦୈନିକ ଦରରେ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି। ସୋମବାର ଘରୋଇ ବଜାରରେ ପୁନର୍ବାର ସୁନା ଏବଂ ରୁପା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ହେଲେ ଦର ବୃଦ୍ଧି କ୍ଷେତ୍ରରେ ବର୍ତ୍ତମାନ ସୁନା ଦରକୁ ବଳିଯାଉଛି ରୁପା ଦର। ରକେଟ୍ ଭଳି ଉଠିବାରେ ଲାଗିଛି ରୁପା ଦର। ଏମିତିକି ମାତ୍ର ଗୋଟିଏ ଦିନରେ ରୁପା କିଲୋ ପିଛା ୭ ହଜାର ଟଙ୍କାରୁ ଅଧିକ ବୃଦ୍ଧି ଘଟିଛି। ଫଳରେ ପ୍ରଥମ ଥର ପାଇଁ ଦେଶରେ ରୁପା ଦର ୨ ଲକ୍ଷ ଟଙ୍କା ଟପି ଇତିହାସ ରଚିଛି। ଏଥିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ▶ପୃଷ୍ଠା-୧୦

## ବୈଷ୍ଣୋଦେବୀରୁ ଫେରିବାବେଳେ ଦୁର୍ଘଟଣା

# ସୋନପୁରର ୩ ଶ୍ରଦ୍ଧାଳୁ ମୃତ

■ ତରଭା, ୧୪।୧୦ (ସମିସ): ଜମ୍ମୁ-କାଶ୍ମୀରର ପ୍ରସିଦ୍ଧ ଦେବୀପୀଠ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇ ଯାଇଥିବା ସୋନପୁରର ୩ଶ୍ରଦ୍ଧାଳୁଙ୍କ ସେଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଲେ, ତରଭାର ବିଚିତ୍ର କୁମାର ସାହୁ (୬୬), ତାଙ୍କ ପତ୍ନୀ କବିତା ସାହୁ(୫୮) ଓ ବନ୍ଧୁ ଯୋଗିନ୍ଦ୍ର ମଟାରୀ (୬୬)। ଆଜି ସକାଳେ ଏହି ଦୁଃଖଦ ଘଟଣା ଘଟିଛି। ଏମାନେ ଏକ ଅଟୋରେ ଜାମ୍ମୁ-କଟରା ଏକ୍ସପ୍ରେସ୍-ୱେରେ ଯାଉଥିବା ବେଳେ ଏକ ବୁଲାଣିରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବସ୍ ଧକ୍କା ଦେଇଥିଲା। ଏଥିରେ ସ୍ଥାନୀୟ ଅଟୋ






ଚାଳକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ତରଭାର ବିଚିତ୍ର ଓ ଯୋଗିନ୍ଦ୍ରଙ୍କ ପରିବାର ମିଳିତ ଭାବେ ଗତ ୧୧ ତାରିଖରେ ବୈଷ୍ଣୋଦେବୀ ଦର୍ଶନ ପାଇଁ ଯାଇଥିଲେ। ସାଥିରେ ବିଚିତ୍ରଙ୍କ ପତ୍ନୀ କବିତା ଓ ଯୋଗିନ୍ଦ୍ରଙ୍କ ପତ୍ନୀ ସ୍ନେହଲତା ▶ପୃଷ୍ଠା-୧୦

## ଦୀପାବଳିରେ ବାଣଫୁଟା ମାର୍ଗଦର୍ଶିକା ଜାରି

# ଜଗିବ କିଏ ? ମାପିବ କିଏ ?

■ ଭୁବନେଶ୍ୱର, ୧୪।୧୦ (ସମିସ): ଏଥର ଦୀପାବଳିରେ ମାତ୍ର ୨ ଘଣ୍ଟା ବାଣ ଫୁଟାଯାଇ ପାରିବ, ତାହା ପୁଣି ସବୁଜ ବାଣ। ଏଥିପାଇଁ ପୁଣି ସର୍ତ୍ତ ରହିଛି ଯେ ଏହି ବାଣର ଶବ୍ଦ ୧୨୫ ଡ଼େସିବେଲରୁ ଅଧିକ ହେବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନୁରୂପ ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏହା ସହ ଯେଉଁମାନେ ଏହି ନିୟମ ନ ମାନିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ଏହି ନିର୍ଦ୍ଦେଶକୁ ନେଇ ମଧ୍ୟ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଧାର୍ଯ୍ୟ ସମୟ ମଧ୍ୟରେ ବାଣ ଫୁଟାଯିବା ବେଳେ ଏହାର ଡେସିବେଲ କିଏ ମାପିବ ଏବଂ ୭ଟା ପୂର୍ବରୁ ଓ ୯ଟା ପରେ ବାଣଫୁଟାକୁ କିଏ ଜଗିବ ବୋଲି ପ୍ରଶ୍ନ ଉଠିଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସବୁଜ ବାଣ ବ୍ୟତୀତ ▶ପୃଷ୍ଠା-୧୦



ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଫୁଟାଯିବ ବାଣ

୧୨୫ ଡେସିବେଲରୁ ଅଧିକ ହେବନି ଶବ୍ଦ

ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |



*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ରୁ ବୈଧ । ମୋଟ ସଞ୍ଚୟରେ ଅଛି 100% GST ଲାଭ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ପ୍ରଯୁଜ୍ୟ RTO କର ରେ), ନିଲ୍ ପ୍ରୋସେସିଙ୍ଗ ଫୀ, ଆଉ 1-ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ । ଫାଇନାନ୍ସର୍/ଇନ୍ସ୍ୟୋରର୍ ଆଉ ଲୋକେଶନ୍ ଅନୁସାରେ ନିଲ୍ PF ଆଉ OD ରେ ସଞ୍ଚୟ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । 5 ବର୍ଷର ଷ୍ଟାଣ୍ଡାର୍ଡ ୱାରଣ୍ଟୀ + 5 ବର୍ଷର ଏକ୍ସଟେଣ୍ଡେଡ୍ ୱାରଣ୍ଟୀ @ ₹999/- । ପ୍ରଦର୍ଶିତ ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ପରିବେଶରେ କରାଯାଇଛି । ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili** MSB BAJAJ 7077735755 • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • RAJNAGAR MAITREE BAJAJ 7064987720/9668801781 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.

# ହଷ୍ଟେଲ ଫି' ହ୍ରାସ ଦାବିରେ ବ୍ରହ୍ମପୁରରେ ଛାତ୍ର ଅଶାନ୍ତି





■ ଧାରଣା ସହ କୁଳପତିଙ୍କୁ ଘେରିଲେ; ସମୟ ମାଗିଲେ ଭିସି
■ ଦାବି ପୂରଣ ନହେଲ ନାକ୍ ଟିମ ସମ୍ମୁଖରେ ନାରାବାଜି ଚେତାବନୀ

ବ୍ରହ୍ମପୁର,୧୪ ।୧୦(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି । ବର୍ଦ୍ଧିତ ହଷ୍ଟେଲ ଫି' ହ୍ରାସ ଦାବିରେ ଛାତ୍ରଛାତ୍ରୀମାନେ ଧାରଣା ଦେବା ସହ କୁଳପତିଙ୍କୁ ଘେରିଛନ୍ତି ।

ସୂଚନା ପ୍ରକାରେ, ସମସ୍ତ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି' ବୃଦ୍ଧି ହୋଇଥିଲା । ଏହାକୁ ହ୍ରାସ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଗତ ଅଗଷ୍ଟ ମାସରେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଏହି ସମୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ । ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ବିରତ ରହିଥିଲେ । ପୁଣି ସେପ୍ଟେମ୍ବର ୧୬ରେ ଶତାଧିକ ଛାତ୍ରଛାତ୍ରୀ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଉଦ୍ଦେଶ୍ୟରେ ପିଜି କାଉନ୍ସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ମଧ୍ୟ ଫି' କମାଇବା ନେଇ ପ୍ରତିଶ୍ରୁତି ମିଳିଥିଲା । କିନ୍ତୁ ଆଜିଯାଏଁ ତାହା କାର୍ଯ୍ୟକାରୀ ହୋଇନି । ଯାହାକୁ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି ।

ମଙ୍ଗଳବାର ପୁଣି ଶତାଧିକ ଛାତ୍ରଛାତ୍ରୀ କୁଳପତିଙ୍କୁ ଘେରିଥିଲେ । ସେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ ହେଁ ଛାତ୍ରଛାତ୍ରୀମାନେ ତାଙ୍କ ଜିଦ୍‌ରେ ଅଟଳ ରହିଛନ୍ତି । ତୁରନ୍ତ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆସନ୍ତା ଦିନରେ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସୁଥିବା ନାକ୍ ଟିମ ଆଗରେ ଧାରଣା ଓ ନାରାବାଜି ଦିଆଯିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି । ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ଓଡିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବାଧିକ ଅଧିକ ହଷ୍ଟେଲ ଫି' ପ୍ରଦାନ କରୁଛନ୍ତି । ସେହି ତୁଳନାରେ ସେମାନଙ୍କୁ ମିଳୁଥିବା ସୁବିଧା ଅତ୍ୟନ୍ତ ନିମ୍ନମାନର । ଖାଇବା, ସଫା ସୁତରା, ଛାତର ପଲସ୍ତରା ଖସିବା, ବିଦ୍ୟୁତ୍ ତାର ଠିକ ନଥିବା, କମନ୍ ରୁମ, ଜିମ୍ ଆଦି ଫି' ଆଦାୟ ହେଉଥିଲେ ମଧ୍ୟ ତାହାର ସୁବିଧା ନଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ସେହିଭଳି ବିଶୁଦ୍ଧ ପାନୀୟ ଜଳ ମିଳିବାରେ ସମସ୍ୟା ସହ ଗୋଟିଏ ରୁମ୍‌ରେ ଏକାଧିକ ବିଦ୍ୟାର୍ଥୀ ରହୁଥିବା ଅଭିଯୋଗ ହୋଇଛି । ଅଧିକାଂଶ ହଷ୍ଟେଲ କାନ୍ଥ ଫାଟି ଆଁ ହୋଇଯାଇଥିବା ବେଳେ ଛାତରୁ ସିମେଣ୍ଟ ଖସି ଲୁହାରଡ୍ ଦେଖାଯାଉଛି । ଆଉ କେଉଁ କୋଠାରେ ବର୍ଷା ହେଲେ ପାଣି ଗଳୁଛି । ଆଜି ଛାତ୍ରଛାତ୍ରୀ କୁଳପତିଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ, ଏ ବାବଦରେ ସିଣ୍ଡିକେଟ ଡକାଇ ଆଲୋଚନା କରି ଖୁବ୍‌ଶୀଘ୍ର ହଷ୍ଟେଲ ଫି' କମାଇବାକୁ ନିଷ୍ପତ୍ତି ନିଆଯିବ । ସେ ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀ ବର୍ଦ୍ଧିତ ଫି' ବାନ୍ଧିବେ ନାହିଁ ବୋଲି ମଧ୍ୟ ସେ କହିଥିବା ସୂଚନା ମିଳିଛି । ଧାରଣା ବେଳେ ଛାତ୍ରନେତା ଇଜୁ ଆମିନ ଖାନ, ବାଲ୍ମୀକି ସେଠୀ, ସୁଦର୍ଶନ ମଲ୍ଲିକ, ମନିଷା କହଁର, ଗୋବିନ୍ଦ ତ୍ରିପାଠୀ, ସିପୁନ ପ୍ରଧାନ, ବିଭୁ ପ୍ରସାଦ, ଶିବାନୀ ପାଢୀ, ଏନ୍ କାମରଜୁ ପାତ୍ର, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ



ଗଞ୍ଜାମ,୧୪ ।୧୦(ସମିସ): ଗଞ୍ଜାମ ବ୍ଲକ କାଇଁଚପୁର ଗ୍ରାମର ଯୁବ ସାମ୍ବାଦିକ କେ. ରଜନୀ ରେଡି (୩୮)ଙ୍କ ସୋମବାର ବିଳମ୍ବିତ ରାତିରେ ଅକାଳ ବିୟୋଗ ଘଟିଛି । ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ସେ ଏକ ସପ୍ତାହ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସୋମବାର ତାଙ୍କର ପରଲୋକ ଘଟିଛି । ଖବର ପ୍ରଚାରିତ ହେବା ପରେ ସ୍ଥାନୀୟଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ସେ ଓଡିଶା ସମ୍ବାଦିକ ସଙ୍ଘ, ଗଞ୍ଜାମ ପ୍ରେସ କ୍ଲବ ଓ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ଜଣେ ସକ୍ରିୟ ସଦସ୍ୟ ରହିଥିଲେ । ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ୟୁନିଟ ହେଡ୍ ଅଜୟ ଗୁପ୍ତା, ମାନବ ସମ୍ବଳ ଅଧିକାରୀ ନିରଜ ପଟ୍ଟନାୟକ, ଦୁର୍ଯ୍ୟୋଧନ ରେଡି, ସରପଞ୍ଚ ପ୍ରତିନିଧି ବାପି ଦାସ, ପ୍ରେସ୍ କ୍ଲବ ସଭାପତି ଶବର କୁମାର ତରାଇ, ପୂର୍ବତନ କାଉନ୍‌ସିଲର ଦୁର୍ଗା ମାଧବ ପାଣିଗ୍ରାହି, ପ୍ରେସ୍ କ୍ଲବ କୋଷାଧକ୍ଷ ପ୍ରଦୀପ କୁମାର ପଣ୍ଡା, ମନୋଜ ପ୍ରଧାନ, ରାକେଶ ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଭାଗ୍ୟ ରେଡି, ପୂର୍ବତନ ସରପଞ୍ଚ ଶ୍ୟାମା ରେଡିଙ୍କ ସମେତ ବହୁ ମାନ୍ୟଗନ ବ୍ୟକ୍ତି ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଥିଲେ । ଋଷିକୁଲ୍ୟା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ୧୪ ମାସର ଏକ ଶିଶୁ କନ୍ୟା ରହିଛି ।

# ବାଳିକା ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ




କବିସୂର୍ଯ୍ୟନଗର,୧୪ ।୧୦(ସମିସ): ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍, ଅଲ ଇଣ୍ଡିଆ ଚେସ ଫେଡେରେସନ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ମିଳିତ ସହଯୋଗରେ କବିସୂର୍ଯ୍ୟନଗର ସ୍ଥିତ ବିଆଇଟିସିରେ ଗତ ୧୦ ଅକ୍ଟୋବରଠାରୁ ଚାଲିଥିବା ୧୯ ବର୍ଷରୁ କମ୍ ଓପନ ଓ ବାଳିକା ଚେସ୍ ଚମ୍ପିଅନ୍‌ସିପ୍-୨୦୨୫ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅଲ୍ ଓଡ଼ିଶା ଚେସ ସଂଘର ସାଧାରଣ ସଂପାଦକ ଦେବବ୍ରତ ଭଟ୍ଟ, ସମ୍ମାନୀତ ଅତିଥି କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି ଅଧକ୍ଷ ବିକ୍ରାନ୍ତ କୁମାର ସାହୁ, ବନଦେବୀ ଆଇଟିଆଇ ପ୍ରିନ୍ସପାଲ ତଥା ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧକ୍ଷ ପ୍ରଭାସ ଚନ୍ଦ୍ର ନାହାକ, ଚିଫ୍ ଅର୍ବିଟର ବାଦଲ କୁମାର ସାହୁ ମଞ୍ଚାସୀନ ହୋଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ଓଡ଼ିଶାର ୧୪ ଜିଲ୍ଲାରୁ ମୋଟ ୬୩ଜଣ ଅଂଶଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ କବିସୂର୍ଯ୍ୟ ଚେସ୍ ଏକାଡ଼େମୀର କର୍ମକର୍ତ୍ତା ଓ ଗଂଜାମ ଜିଲ୍ଲା ଚେସ ସଂଘ ପରିଚାଳନା କରିଥିଲେ । ଶେଷରେ ଏସ୍. ଗୋରାଚାନ୍ଦ ରେଡି ଧନ୍ୟବାଦ ପ୍ରଦାନ କରିଥିଲେ ।

# ଖବର ପ୍ରକାଶ ପରେ ବିଜୟଙ୍କୁ ସହାୟତାର ସୁଅ

କୋଦଳା,୧୪ ।୧୦(ସମିସ): ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ପଞ୍ଚାୟତ ତୋଟାସାହିର ମେଧାବୀ ଛାତ୍ର ବିଜୟ କୁମାର ସାହୁ (୨୦) ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ସ୍ୱାସ୍ଥ୍ୟକାର୍ଡରୁ ଟଙ୍କା ଶେଷ ହୋଇଗଲାଣି । ଏନେଇ ଖବର ପ୍ରକାଶ ପରେ ସ୍ଥାନୀୟ ବିଧାୟକଙ୍କ ସମେତ ଅଙ୍ଗାରଗାଁ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସହାୟତା ପ୍ରଦାନ କରିଥିଲେ । ମଙ୍ଗଳବାର ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ, ସହ ସମ୍ପାଦକ ମହେଶ୍ୱର ବରଡ଼, ଉପସଭାପତି ଚନ୍ଦ୍ରଶେଖର ପଟ୍ଟନାୟକ, ସୁନୀଲ ମହାପାତ୍ର, ତ୍ରିନାଥ ଭୂୟାଁ, ଅନିରୁଦ୍ଧ ସାହୁ, ଅଶ୍ୱିନୀ କୁମାର ମିଶ୍ର, ସୀମାଞ୍ଚଳ ସାମଲ, ତ୍ରିନାଥ ଭୂୟାଁ ପ୍ରମୁଖ ଭୁବନେଶ୍ୱରରେ ବିଜୟକୁ ସାକ୍ଷାତ କରି ୧ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ । ଏଥିସହିତ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସଭାପତି ଡ଼ାକ୍ତର ସାକେତ ରାମା ରାଓ ଫୋନ ଯୋଗେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ବିଜୟଙ୍କ ସହ ଆଲୋଚନା କରିଥିଲେ ।

# ଜାତୀୟ ରାଜପଥରେ ଅବାଧ ପାର୍କିଂ

ଆସିକା,୧୪ ।୧୦(ସମିସ): ଆସିକା ସହର ମଧ୍ୟ ଦେଇ ଜାତୀୟ ରାଜପଥ ୫୯ ପ୍ରାୟ ତିନି କିଲୋମିଟରରୁ ଅଧିକ ରାସ୍ତା ଯାଇଛି । ଏହି ରାଜପାଥ ପାଶ୍ୱର୍ରେ ଗୋଟିଏ ସରକାରୀ ବସଷ୍ଟାଣ୍ଡ ଓ ଗୋଟିଏ ବେସରକାରୀ ବସଷ୍ଟାଣ୍ଡ ସହିତ ବ୍ୟାଙ୍କ ଓ ବହୁ ସଂଖ୍ୟକ ବ୍ୟବସାୟିକ ଅନୁଷ୍ଠାନ ରହିଛି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡ଼ି ଚଳାଚଳ କରୁଛି । ଏତିକିବେଳେ ରାସ୍ତା ଉପରେ ଆବାଧ ପାର୍କିଂ ପାଇଁ ଯାତ୍ରୀ ଘଣ୍ଟା ଘଣ୍ଟା ଅଟକି ରହୁଛନ୍ତି । ଯିଏ ଯେଉଁଠି ଚାହିଁଲା ନିଜ ଗାଡି ରାସ୍ତା ମଝିରେ ରଖିଦେଲା । ଆବଶ୍ୟକତାକୁ ଅନୁଭବ କରି ଆସିକା ସହର ମଧ୍ୟରେ ଏହି ରାସ୍ତା ଚାରି ଥାକିଆ ନିର୍ମାଣ ହୋଇଥିଲା । କିନ୍ତୁ ଏହାର ୫୦ ପ୍ରତିଶତକୁ ଅବରୋଧ କରାଯାଇଥିବା ବେଳେ ଆଉ ୨୫ ପ୍ରତିଶତକୁ ଆବାଧ ପାର୍କିଂ ସମସ୍ୟା ସୃଷ୍ଟି କରୁଛି । ସନ୍ଧ୍ୟାରେ ଏହି ସମସ୍ୟା ବହୁଗୁଣିତ ହେଉଛି । ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସର ଯାତାୟତରେ ନାନା ସମସ୍ୟା ସୃଷ୍ଟି ହେଉଛି । ପୁଲିସ ପକ୍ଷରୁ ଆବଶ୍ୟକ ପାଟ୍ରୋଲିଂ ହେଉନଥିବା ଓ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ଦିନକୁ ଦିନ ଏହି ସମସ୍ୟା ବୃଦ୍ଧି ପାଉଛି । ପରିବହନ ବିଭାଗ ମଧ୍ୟ ନିଷ୍କ୍ରିୟ। ଏଭଳି ସ୍ଥିତିରେ ଆବାଧ ପାର୍କିଂ ପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି ।

# ଦେଢ଼ ଲକ୍ଷ ଟଙ୍କାର ବାଣ ଜବତ; ଜଣେ ଗିରଫ

ଭଞ୍ଜନଗର,୧୪।୧୦(ସମିସ): ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି । ବାଣ ବିକ୍ରୀ ପାଇଁ ବ୍ୟବସାୟୀମାନେ ପ୍ରଶାସନ ଠାରେ ଲାଇସେନ୍ସ ପାଇଁ ଆବେଦନ କରିଥିବା ଆଉ କିଛି ଲୋକ ଅସାଧୁ ଉପାୟରେ ଅଧିକ ଲାଭ ପାଇବା ପାଇଁ ବେଆଇନ ଭାବେ ପୂର୍ବରୁ ବାଣ ଆଣି ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖିଛନ୍ତି । ଏସମ୍ପର୍କରେ ଭଞ୍ଜନଗର ପୁଲିସ ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ସେହିପରି ଆଜି ଜିଲୁଣ୍ଡି ଗ୍ରାମର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଘରୁ ପୁଲିସ ବେଆଇନ ଭାବେ ବିକ୍ରି ପାଇଁ ଥିବା ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ବାଣ ଜବତ କରିଛି । ଏହି ଘଟଣାରେ ଭଞ୍ଜନଗର ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରାଯାଇଛି ।



ସହିପରି ଆସନ୍ତା ଦୀପାବଳିରେ ସତର୍କତା ଅବଲମ୍ବନ କରି ବାଣ ଫୁଟାଇବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଦୀପାବଳୀକୁ ଜେବଳ ଦୀପ ଜଳାଇ ପାଳନ କରିବା ଏବଂ ବାଣ ଫୁଟାଇବା ସମୟ ସନ୍ଧ୍ୟା ୭ଟାରୁ ୯ ଟା ପର୍ଯ୍ୟନ୍ତ ସୀମିତ ରଖିବା, ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ବର୍ଜନ, ବାଣର ଶବ୍ଦ ୧୨୫ ଡେସିବଲ ଭିତରେ ରଖିବା, ଶାନ୍ତି କ୍ଷେତ୍ର ଅନ୍ତର୍ଗତ ବଗିଚା, ପାର୍କ, ହସ୍ପିଟାଲ, ଶିକ୍ଷା ସଂସ୍ଥା, କୋର୍ଟ, ଧାର୍ମିକ ସ୍ଥାନ ଇତ୍ୟାଦିର ୧୦୦ ମିଟର ଦୂରତା ଭିତରେ ବାଣ ନ ଫୁଟାଇବା, କେବଳ ପରିବେଶ ସୁରକ୍ଷିତ ବାଣ ଖୋଲା ଜାଗାରେ ଫୁଟାଇବାକୁ ଅନୁମତି ରହିଛି । ଏଥିସହ ଝୁମ୍ପୁଡି, ଦୋକାନ, ଘର, ଅଗ୍ନି ପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବାକୁ ବାରଣ ସହ ୧୦ ବର୍ଷରୁ କମ ବୟସର ଶିଶୁମାନେ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ଅନୁମତି ନାହିଁ ।

# ଘୁମୁସର ବନଖଣ୍ଡରେ ହାତୀ ଉପଦ୍ରବ

ଭଞ୍ଜନଗର,୧୪।୧୦(ସମିସ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ବିଗତ କିଛିଦିନ ହେବ ହାତୀ ଆତଙ୍କ ଦେଖାଦେଇଛି । ହାତୀମାନେ ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ବ୍ୟାପକ କ୍ଷତି ଘଟାଉଛନ୍ତି । କେତେକ ସ୍ଥାନରେ ଘରଦ୍ୱାର ଭାଙ୍ଗିବା ସହ ଫସଲ ଖାଇ ନଷ୍ଟ କରୁଛନ୍ତି । ଯାହାକୁ ନେଇ ସନ୍ଧ୍ୟା ହେଲେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏହିଭଳି ପରିସ୍ଥିତିରେ ସୋମବାର ରାତିରେ ହାତୀ ଦରପଙ୍ଗି ଗ୍ରାମରେ ପଶି ଘର ଭାଙ୍ଗିବା ସହ ଫସଲ କ୍ଷତି କରିଥିବା ଜଣାପଡ଼ିଛି । ଜୀବନ ବଞ୍ଚାଇବାକୁ ଘଟଣାସ୍ଥଳରୁ ଲୋକେ ଦୌଡ଼ି ପଳାଇଥିଲେ । ଅପରପକ୍ଷେ ତାରସିଂ ଏବଂ ଗାଲେରୀ ରେଞ୍ଜର ତିଲିସିଙ୍ଗି, ଲେମ୍ବେଇ ବିଭିନ୍ନ ଗ୍ରାମରେ ହାତୀପଲ ଚାଷୀଙ୍କ ଧାନ ଫସଲ କ୍ଷତି କରିଥିବା ଜଣାପଡିଛି । ବର୍ତ୍ତମାନ ଧାନରେ ପୁଡା ଧରୁଥିବା ବେଳେ ହାତୀ ଯେତିକି ଖାଉଛି ତା'ଠାରୁ ଅଧିକ ୫ ଗୁଣା ଦଳିଚକଟି ନଷ୍ଟ କରୁଛି । ଯାହାକି ଚିନ୍ତାଜନକ ବିଷୟ। ଅପରପକ୍ଷେ ହାତୀ ପାଇଁ ଲୋକେ ରାତି ଉଜାଗର ରହୁଛନ୍ତି । ଅନ୍ୟପଟେ ବନ ବିଭାଗ କର୍ମଚାରୀ ମଧ୍ୟ ହାତୀ ଘଉଡ଼ାଇବାକୁ ସମସ୍ତ ଚେଷ୍ଟା କରି ବିଫଳ ହୋଇଛନ୍ତି । ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ହାତୀ ଘର ଭାଙ୍ଗିଥିବା ଖବର ଆମ ପାଖରେ ନାହିଁ। ଲୋକଙ୍କ ଧନ ଜୀବନ ଯେଭଳି ସୁରକ୍ଷିତ ରହିପାରିବ ସେଥିପାଇଁ ପଦକ୍ଷେପ ନିଆଯାଇଛି ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ଛତ୍ରପୁର,୧୪ ।୧୦(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ କେଟିଏନପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କେରାଣ୍ଡିତୋଳା ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଟାଙ୍ଗଣା ପଲ୍ଲୀ ସରପଞ୍ଚ ବି. ସୁଦାମଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଟାଙ୍ଗଣାପଲ୍ଲୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବଳରାମ ସେଠୀ, ବାସନ୍ତୀ ନାୟକ, ଏସଏମସି ସଭାପତି ଶିବ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷକ ସୁନୀଲ କୁମାର ଶତପଥିଙ୍କ ସଂଯୋଜନାରେ ପରିଚାଳିତ ଉତ୍ସବରେ ସଆରସିସି ଗିରିଶ ଚନ୍ଦ୍ର ମହାନ୍ତି ବିବରଣୀ ଉପସ୍ଥାପନ କରିଥିଲେ । କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପୂର୍ବରୁ ଏବିଓ ନମିତା ରାଣୀ ରାଉତ ଉତ୍ସବ ଉଦଘାଟନ କରିଥିଲେ । ରାଜେନ୍ଦ୍ର ମହାପାତ୍ର ଓ ନିରଞ୍ଜନ ବାଡତ୍ୟା ବିଚାରକ ରୂପେ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ରିଫିନା ମଲ୍ଲିକ, ସୁଦାମ ଷଣ୍ଢ, ସୁମିତ୍ରା ପରିଡା, ରମା ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ତାଲିମ ଶିବିର



ଛତ୍ରପୁର,୧୪ ।୧୦(ସମିସ): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ଼ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ସମ୍ପର୍କିତ ତାଲିମ ଶିବିର ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ସଂଯୋଜକ ଦେବବ୍ରତ ମାହୁନ୍ତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସର ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଯୋଗ ଦେଇଥିଲେ । ଜିଲ୍ଲା କୃଷି ଅଧିକାରୀ ଡ. ଅଜୟ କୁମାର କର ମାଣ୍ଡିଆ ଚାଷ ଓ ଏଥିରୁ କିପରି ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ବୁଝାଇ ଥିଲେ । ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଏ. ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ. ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ ନିଜ ନିଜ ମନ୍ତବ୍ୟ ଉପସ୍ଥାପନ କରିଥିଲେ । ସାନଖେମୁଣ୍ଡି ସିଡିପିଓ ଭବାନୀ ବେହେରା, ବ୍ଲକ୍ କୋର୍ଡିନେଟର୍ ଶିବ ଶଙ୍କର ଆଚାର୍ଯ୍ୟ, ଦୀପୁ ପ୍ରଧାନ ବେଗୁନିଆପଡା ବ୍ଲକ୍, ମାନସ ରଞ୍ଜନ ଦାଶ ବେଲଗୁଣ୍ଠା ବ୍ଲକ୍, ସୁନୀତା ଜେନା ଜଗନ୍ନାଥ ପ୍ରସାଦ ବ୍ଲକ୍, ଗୋପାଳ କୃଷ୍ଣ ପଟ୍ଟନାୟକ ଛତ୍ରପୁର ବ୍ଲକ୍, ବ୍ରହ୍ମପୁର ଲେଡି ସୁପରଭାଇଜର୍ ସବିତା ଜେନା ଓ ଆସ୍କା ଲେଡି ସୁପରଭାଇଜର୍ କୁମାରୀ ଦୀପ୍ତିଙ୍କୁ ସମ୍ମାନୀତ କରାଯାଇଥିଲା ।

# ଗଜଲକ୍ଷ୍ମୀ ଭସାଣିରେ କଳାହାଣ୍ଡି 'କଟାପ୍ପା'



ଜଗନ୍ନାଥପ୍ରସାଦ,୧୪ ।୧୦(ସମିସ): ଜଗନ୍ନାଥପ୍ରସାଦ ମୁଖ୍ୟ ବଜାର ମା'କରଞ୍ଜେଇ ବଣିକ ସଙ୍ଘ ଦ୍ୱାରା ଆୟୋଜିତ ହୋଇଥିବା ମା'ଗଜଲକ୍ଷ୍ମୀ ପୂଜା ବିସର୍ଜନ କରାଯାଇଛି । କାର୍ଯ୍ୟକ୍ରମରେ ବେଶ ଆକର୍ଷଣ ଥିଲା କଳାହାଣ୍ଡି ଜିଲ୍ଲାର "କଟାପ୍ପା' । ଏଥିରେ ଆଦିବାସୀ ପାରମ୍ପରିକ ବେଶବୁଷା, ଆଦିବାସୀ ତାଳରେ ତାଳ ଦେଇ ନାଚିବା ବେଶ ଆକର୍ଷଣ ରହିଥିଲା । ଏହାକୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଦର୍ଶକ ଜଗନ୍ନାଥପ୍ରସାଦ ଆସିଥିଲେ । କେଉଁଠି 'କଟାପ୍ପା' ସହିତ ସେଲ୍ଫି ପଏଣ୍ଟ ତ ଆଉ କେଉଁଠି ଯୁବକ ମାନଙ୍କ ଗ୍ରୁପ ଫଟୋ ଉଠାଇ ମଜା ନେଇଥିଲେ । ଜିରାବାଡି ଗ୍ରାମର ମୃଦଙ୍ଗ, ଘଣ୍ଟ, ଗିନି ତାଳରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ବଣିକ ସଙ୍ଘ ସଭାପତି, ଉପସଭାପତି, ସମ୍ପାଦକ, କୋଷାଧକ୍ଷ, ଉପଦେଷ୍ଟା, କମିଟି ମେମ୍ବର ଏବଂ ଶତାଧିକ ବ୍ୟବସାୟୀଙ୍କ ସହଯୋଗରେ ମୁଖ୍ୟ ବଜାର, କଇଥସାହି, ବଡଦାଣ୍ଡ, ତନ୍ତୀକଲୋନୀ, ବ୍ଲକଛକ ବୁଲିବା ପରେ ମଠ ପୋଖରୀରେ ମା'ଙ୍କ ବିସର୍ଜନ ହୋଇଥିଲା ।

# ପ୍ରଶାସନର ଉଦ୍ୟମ ବିଫଳ ପଥର ଖାଦାନ ବନ୍ଦ ଦାବିରେ ଧାରଣା ଜାରି

ଛତ୍ରପୁର,୧୪ ।୧୦(ସମିସ): ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତ ଝରପୋଖରୀ ଗ୍ରାମବାସୀ ପଥର ଖାଦାନ ବନ୍ଦ ଦାବି ନେଇ ଦେଇଥିବା ଧାରଣା ଆଜି ଷଷ୍ଠ ଦିନରେ ପହଞ୍ଚିଛି । ମଙ୍ଗଳବାର ଏହି ଧାରଣା କିପରି ହଟିବ ସେନେଇ କିଛି ଜଣ ଲିଜ୍‌ଧାରୀଙ୍କ ମଧ୍ୟସ୍ଥି ସାଜି ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝେଇବାକୁ ଚେଷ୍ଟାକରିଥିଲେ ବି ଆନ୍ଦୋଳନକାରୀ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ । ସେମାନଙ୍କ ଗୋଟିଏ ଦାବି ପଥର ଖାଦାନ ବନ୍ଦ ହେଉ । ଏହାପରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା, ଛତ୍ରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଣି ଆନ୍ଦୋଳନକାରୀମାନଙ୍କୁ ବୁଝାଇଥିଲେ । ଧାରଣା ନକରି ଆଲୋଚନା କରି ଏହାର ସମାଧାନ କରିବାକୁ ପ୍ରଶାସନ ଲୋକଙ୍କୁ ଚାପ ପକାଇଥିଲା । କିନ୍ତୁ ଗ୍ରାମବାସୀ ପ୍ରଶାସନକୁ ରୋକଠୋକ ଶୁଣାଇଥିଲେ କି, ଯେତେଦିନ ପର୍ଯ୍ୟନ୍ତ ଏହି ଖାଦାନ ବନ୍ଦ ହୋଇନାହିଁ ଧାରଣା ଜାରି ରହିବ । ଅନ୍ୟପକ୍ଷରେ ସୋମବାର ଛୋଟଛୋଟ ସ୍କୁଲ ଛାତ୍ରାତ୍ରୀ ଏବଂ କଲେଜ ଛାତ୍ରଛାତ୍ରୀମାନେ ଏହି ଧାରଣାରେ ସାମିଲ ହୋଇଥିବାରୁ ପ୍ରଶାସନକୁ ଚିନ୍ତା ଘାରିଛି । ତେଣୁ ବିଭିନ୍ନ ଉପାୟରେ କିପରି ଏହାର ସମାଧାନ ହେବ ଚେଷ୍ଟା ଜାରି ରଖିଥିବା ସୂଚନା ମିଳିଛି । ଗ୍ରାମବାସୀଙ୍କ ଗୋଟିଏ ଦାବି ପଥର ଖାଦାନ ବନ୍ଦ ହେଉ, ନଚେତ ଏଠି ହିଁ ମରିବୁ ପଛେ ହଟିବୁ ନାହିଁ। ଆନ୍ଦୋଳନ ପାଇଁ ସେଠାରେ ପଥର ଖାଦାନ ବନ୍ଦ ରଖିବାକୁ ଖଣି ବିଭାଗ ପକ୍ଷରୁ ଲିଜ୍‌ଧାରୀକୁ କୁହାଯାଇଛି ବୋଲି କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି । ଲିଜ୍‌ଧାରୀ କେତେ ପରିମାଣର ଖାଦାନ କରିଛି ତାହାର ତଦନ୍ତ କରାଯିବ ବୋଲି କହିଥିଲେ ।



ସୂଚନା ଥାଉକି, ଜନୈକ ବ୍ୟକ୍ତି ପଥର ଖାଦାନ ପାଇଁ ଲିଜ ନେଇଥିଲେ ବି ଅହରହ ପଥର ଫୁଟେଇବା ସହ ଘରର କାନ୍ଥ ଫାଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଗ୍ରାମର ରାସ୍ତା ମଧ୍ୟ ନଷ୍ଟ ହେବାସହ ଯାତାୟତ ବେଳେ ଭୟ ମଧ୍ୟ ଲାଗୁଛି ବୋଲି କହିଛନ୍ତି । ତେଣୁ ଲିଜ ନେଇଥିବା ବ୍ୟକ୍ତିଙ୍କ ତୁରନ୍ତ ଲିଜ ବାତିଲ କରିବା ଦାବି ହୋଇଛି । ଚଳିତ ମାସ ୯ ତାରିଖରୁ ଧାରଣାରେ ବସି ରହିଛନ୍ତି । ଯେଉଁ ପର୍ଯ୍ୟନ୍ତ ଦାବି ପୂରଣ ହେବନାହିଁ ଏହି ଧାରଣା ଜାରି ରହିବ ବୋଲି କହିଥିଲେ ।

# ୯ ଦିନ ବିତିଲା, ପୀତବାସ ହତ୍ୟାକାରୀଙ୍କ ଟେର୍ ପାଉନି ପୁଲିସ

ବ୍ରହ୍ମପୁର,୧୪ ।୧୦(ସମିସ)



ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିଭିନ୍ନ ସମ୍ଭାବ୍ୟ ଦିଗରୁ ପୁଲିସର ତଦନ୍ତ ଜାରି ରହିଛି । ପୀତବାସଙ୍କ ରାଜନୈତିକ, ବ୍ୟବସାୟୀକ, ବୃତ୍ତିଗତ ଓ ବ୍ୟକ୍ତିଗତ ଆଦି ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି । କିଏ ଏବଂ କାହିଁକି ପୀତବାସଙ୍କୁ ହତ୍ୟା କଲା, ଏଥିପୂର୍ବରୁ କିଛି ଘଟଣା ଘଟିଥିଲା କି ଅଥବା ପୂର୍ବଶତ୍ରୁତା ଏଭଳି ବିଭିନ୍ନ ପ୍ରଶ୍ନର ଉତ୍ତର ଖୋଜୁଛି ପୁଲିସ ।

ହତ୍ୟାକାଣ୍ଡକୁ ବିତିଯାଇଛି ଦୀର୍ଘ ୯ ଦିନ । ତଥାପି ପୁଲିସର ହାତ ଖାଲି । ତେବେ ଘଟଣା ଦିନର ଏକ ବୟାନକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । କେବଳ ସାଧାରଣରେ ନୁହେଁ ବରଂ ଖୋଦ୍ ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ମଧ ସନ୍ଦେହ କରିଛନ୍ତି । ଗୁଳିକାଣ୍ଡ ପୂର୍ବରୁ ପୀତବାସ ନିଜ ଚାମ୍ବରରୁ ଘରକୁ ଫେରିବା ପୂର୍ବରୁ ଚାମ୍ବର ନିକଟରେ ତାଙ୍କର ଦୁଇ ଜଣ ସହଯୋଗୀ କୁଆଡ଼େ ତାଙ୍କୁ ଘରେ ଛାଡ଼ିଦେବୁ କି ଭାଇନା ବୋଲି ପଚାରିଥିଲେ । ଯାହାର ଉତ୍ତର ଦେଇ ପୀତବାସ ମୁରୁକି ହସି କହିଥିଲେ ମୁଁ ଏମ୍ଏଲ୍ଏ ନା ଏମ୍ପି ଯେ' ମୋତେ କେହି ମାରିଦେବ । ଏହା କହି ସେ ନିଜେ ଏକୁଟିଆ ସ୍କୁଟି ଧରି ଘରକୁ ଫେରିବା ବାଟରେ ହିଁ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଏଭଳି ବାର୍ତ୍ତାଳପ ସହିତ ପୀତବାସଙ୍କ ହତ୍ୟା ଘଟଣାର କିଛି ସଂଯୋଗ ଥାଉ ଅଥବା ନଥାଉ ଏନେଇ ଦ୍ୱନ୍ଦରେ ପଡିଛନ୍ତି ମୃତ ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର । ଘଟଣା ପୂର୍ବରୁ ଭାଇଙ୍କୁ ଏଭଳି କାହିଁକି ଓ କେଉଁ ପରିସ୍ଥିତିରେ ସହାୟତା କରିବାକୁ ଆଗକୁ ଆସିଥିଲେ ସମ୍ପୃକ୍ତ ବ୍ୟକ୍ତି । ସେଭଳି କିଛି କାରଣରୁ କାହା ସହିତ ଯୁକ୍ତିତର୍କ ହୋଇଥିଲା ନା କେହି ଧମକ ଦେଇଥିଲା । ଏଭଳି ନାନା ପ୍ରଶ୍ନ ପୂର୍ଣ୍ଣଙ୍କ ମନରେ ଆସିଛି । ଏଣୁ ଏହାକୁ ତଦନ୍ତ ପରିସରଭୁକ୍ତ କରି ଏଦିଗରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଜରୁରୀ ବୋଲି ସେ ବ୍ରହ୍ମପୁର ଏସ୍ପି ଓ ତତ୍କାଳୀନ ଅତିରିକ୍ତ ଏସ୍ପି ସୀମା ସ୍ୱାଇଁଙ୍କୁ ନିବେଦନ କରିଥିବା କହିଛନ୍ତି । ଏଭଳି ଘଟଣାକୁ ମଧ ପୁଲିସ ଗୁରୁତର ସହ ନେଇ ସମ୍ପୃକ୍ତ ଦୁଇ ସହଯୋଗୀଙ୍କୁ ବାରମ୍ବାର ଥାନାକୁ ଡାକି ପଚରାଉଚରା କରିଥିବା ବେଳେ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ସୂଚନା ମିଳିଛି । ସେପଟେ ପୀତବାସଙ୍କ ହତ୍ୟାର କାରଣକୁ ନେଇ ଭିନ୍ନଭିନ୍ନ ଆଲୋଚନା ହେଉଥିବା ବେଳେ ପୁଲିସର ତଦନ୍ତ କୁଆଡ଼େ ଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନ । ପୁଲିସକୁ ବିଭ୍ରାନ୍ତ କରିବାକୁ ବା ତଦନ୍ତକୁ ଦିଗହରା କରିବାକୁ ମଧ ସାମାଜିକ ଗଣମାଧମରେ ଉଦ୍ୟମ ଚାଲିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି । ଏଭଳି ସ୍ଥିତିରେ ଏକ ବିବାଦୀୟ ଜମିର ସମାଧାନ ପାଇଁ ୧୨କୋଟି ଟଙ୍କାର ଡିଲ୍ ହିଁ ପୀତବାସଙ୍କ ମୃତ୍ୟୁର କାରଣ ବୋଲି ସନ୍ଦେହ ଘନୀଭୂତ ହୋଇଛି । ଯାହାକୁ ନେଇ ମଧ ପ୍ରଶ୍ନ କରିଛନ୍ତି ଖୋଦ୍ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ।

- **ଚର୍ଚ୍ଚାରେ 'ଭାଇନା' ଆମେ ଘରେ ଛାଡ଼ିଦେବୁ କି? ପ୍ରସଙ୍ଗକୁ ହାଲୁକା ଭାବେ ନେଇନି ପୁଲିସ**
- **ପୀତବାସଙ୍କୁ କାହିଁକି ଏଭଳି ପଚାରିଥିଲେ ନିକଟତମ ସହଯୋଗୀ**
- **୧୨ କୋଟି ଟଙ୍କାର ଏକ ଜମି ଡିଲ୍କୁ ନେଇ ବଢ଼ିଛି ସସ୍ପେନ୍ସ**

## ସମବେଦନା ଜଣାଇଲେ ପୂର୍ବତନ ସାଂସଦ ଓ ଜିଲ୍ଲା ବିଜେଡି ସଭାପତି

ବ୍ରହ୍ମପୁର,୧୪ ।୧୦(ସମିସ): ମଙ୍ଗଳବାର ଅପରାହ୍ଣରେ ବ୍ରହ୍ମପୁରର ପୂର୍ବତନ ସାଂସଦ ତଥା ବିଜେଡି ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ ଓ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା ବୈକୁଣ୍ଠନଗରସ୍ଥିତ ପୀତବାସଙ୍କ ଘରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।



ପୀତବାସଙ୍କ ଭଳି ଜଣେ ବରିଷ୍ଠ ଆଇନଜୀବୀଙ୍କୁ ବିଚ୍ ରାସ୍ତାରେ ଗୁଳି କରି ହତ୍ୟା କରିବା ସହରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ବିଜେଡି ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ସୁଦ୍ଧା ତାହାକୁ ସୁଧାରିବାରେ ସରକାର ବିଫଳ ବୋଲି ଉଭୟ ନେତା ଅଭିଯୋଗ କରିଥିଲେ । ପୀତବାସଙ୍କ ହତ୍ୟା ପାଇଁ ସେମାନେ ସରକାରଙ୍କ ଅପାରଗତାକୁ ସିଧାସଳଖ ଦାୟୀ କରିଛନ୍ତି । ଦିନ ଥିଲା, ଅପରାଧୀ ଅପରାଧ ଘଟାଇବାକୁ ସାହାସ କରୁନଥିଲେ । କିନ୍ତୁ, ବର୍ତ୍ତମାନ ନୂଆ ସରକାରରେ ଅପରାଧୀ ନିର୍ଭୟରେ ନିୟମିତ ଅପରାଧ ଘଟାଇ ଚାଲିଛନ୍ତି । ପୁଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ହତ୍ୟାର କାରଣ ସ୍ପଷ୍ଟ କରିବା ଉଚିତ ବୋଲି ବ୍ରହ୍ମପୁରର ପୂର୍ବତନ ସାଂସଦ ଓ ବିଧାୟକ ଦାବି କରିଛନ୍ତି । ଏହି ଅବସରରେ ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା ଓ ବ୍ରହ୍ମପୁର ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ ଉପସ୍ଥିତ ଥିଲେ । ସେପଟେ ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୁଣିଥରେ ମୁଖ୍ୟମନ୍ତ୍ରୀ ଓ ପୁଲିସକୁ ନିବେଦନ କରିଛନ୍ତି ଯେ ହତ୍ୟାକାରୀଙ୍କ ସମେତ ମାଷ୍ଟରମାଇଣ୍ଡକୁ ଯଥାଶୀଘ୍ର ଠାବ କରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।


## ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରରେ ହେବ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ

ବ୍ରହ୍ମପୁର,୧୪ ।୧୦(ସମିସ): ଗିରି ରୋଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୋମବାର ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରଠାରେ ଉଦ୍ଘାଟିତ ହେବାକୁ ଥିବା ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ ସମ୍ପର୍କରେ କୁହାଯାଇଥିଲା । ବର୍ତ୍ତମାନର ଚରମ ଧର୍ମଗ୍ଲାନି ସମୟରେ ଜୀବନର ପଥ ପ୍ରଦର୍ଶକ ରୂପେ ଶ୍ରୀମଦ୍ ଭଗବଦ୍ ଗୀତା ଉପଦେଶ ସମସ୍ତ ମାନବ ସମାଜ ପାଇଁ ନିତାନ୍ତ ଆବଶ୍ୟକ । ଗୀତାଜ୍ଞାନ ବର୍ଣ୍ଣିତ ଅର୍ଜୁନ ହେଉଛନ୍ତି ପ୍ରତ୍ୟେକ ମାନବ ଯେଉଁମାନେ କି ପ୍ରତି ମୁହୂର୍ତ୍ତରେ ବିଷାଦ ଗ୍ରସ୍ତ, ବିଘ୍ନ ଓ ସମସ୍ୟାଯୁକ୍ତ ତଥା ଅନ୍ୟମାନଙ୍କର ନକାରାତ୍ମକ ଓ ଘୃଣାତ୍ମକ ବ୍ୟବହାରରେ ଅତିଷ୍ଠ ହୋଇପଡୁଛନ୍ତି ବୋଲି ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ରାଜଯୋଗିନୀ ବ୍ରହ୍ମାକୁମାରୀ ଡା. ଉଷାଦିଦିଜୀ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ସବ୍‌ଜୋନ ସଞ୍ଚାଳିକା ବ୍ରହ୍ମାକୁମାରୀ ଭଗିନୀ ମାଳା ଉପସ୍ଥିତ ରହି ତ୍ରିଦିବସୀୟ ଭଗବଦ୍ ଗୀତା ପ୍ରବଚନ ମାଳା ସମ୍ପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିଥିଲେ । ଉକ୍ତ ସମ୍ମିଳନୀରେ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ଇଲେକଟ୍ରିକ ବିଭାଗର ବିଭାଗୀୟ ମୁଖ୍ୟ ବ୍ରହ୍ମାକୁମାର ସୁଧୀର ଭାଇ ଏବଂ ଜାମସେଦପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅଞ୍ଜୁ ଦିଦି ମଞ୍ଚାସୀନ ଥିଲେ ।




## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୪ ।୧୦(ସମିସ): ଉତ୍କଳ ସିନେମା ହଲ୍ ଛକ ନିକଟରୁ ଦୁଇଦିନ ପୂର୍ବେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ବଡ଼ ବଜାର ଥାନା ପୁଲିସ । ମୃତକଙ୍କ ବୟସ ପାଖାପାଖି ୫୦ ହେବ । ଏଯାବତ୍ ତାଙ୍କ ପରିଚୟ ସ୍ପଷ୍ଟ ହୋଇପାରିନି । ଏମକେସିଜି ମେଡ଼ିକାଲର ବ୍ୟବଚ୍ଛେଦ ଗୃହରେ ଶବ ରଖାଯାଇଛି । କୌଣସି ବ୍ୟକ୍ତି ତାଙ୍କ ପରିଚୟ ପାଇଲେ ବଡ଼ ବଜାର ଥାନାକୁ ଜଣାଇବାକୁ ପୁଲିସ କହିଛି । ସୂଚନା ପ୍ରକାରେ, ଗତ ୧୨ ତାରିଖରେ ଉତ୍କଳ ସିନେମା ହଲ୍ ଛକ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଲୋକେ ଦେଖି ୧୦୮କୁ ଜଣାଇଥିଲେ । ଘଟଣାସ୍ଥଳରେ ୧୦୮ ଓ ବଡ଼ବଜାର ଥାନା ପୁଲିସ ଏସ୍ଆଇ ପଞ୍ଚାନନ ଶତପଥୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ରହ୍ମପୁର ମେଡ଼ିକାଲ ନେଇଥିଲେ । ଏକ ଅପମୃତ ମାମଲା ରୁଜୁ କରି ଆଜି ଶବ ବ୍ୟବଚ୍ଛେଦ ହୋଇଛି । ପରିଚୟ ସ୍ପଷ୍ଟ ପାଇଁ ମେଡ଼ିକାଲର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ସେପଟେ ପୁଲିସ ତଦନ୍ତ ବେଳେ ଜଣାପଡିଛି କି ସମ୍ପୃକ ଅଜଣା ବ୍ୟକ୍ତି ଜଣକ ଆଜକୁ ୬ମାସ ହେବ ଉତ୍କଳ ସିନେମା ହଲ୍ ଛକ ନିକଟରେ ମାଗିକରି ଖାଇବା ସହ ସେଠାରେ ରହି ଆସୁଥିଲେ ।



## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ କଂଗ୍ରେସର ଧାରଣା

ବ୍ରହ୍ମପୁର,୧୪ ।୧୦(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ୧୦ଦଫା ଦାବି ନେଇ କଂଗ୍ରେସ ପକ୍ଷରୁ ଗାନ୍ଧୀନଗର ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦିଆଯାଇଛି । ଗଞ୍ଜାମ ଜିଲ୍ଲା(ପୂର୍ବ) କଂଗ୍ରେସ ପକ୍ଷରୁ 'ଗାନ୍ଧୀ ପଥେ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ କର୍ମୀ ଓ ନେତା କଳାବ୍ୟାଜ୍ ପରିଧାନ କରିବା ସହ ଦଳୀୟ ପତାକା ଧରି ଧାରଣା ଦେଇଥିଲେ । ବିଜେପି ଶାସନ ସମୟରେ ଆଇନଶୃଙ୍ଖଳା ସ୍ଥିତି ଉଦ୍‌ବେଗଜନକ ହୋଇଥିବା ନେଇ ଲୋକଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରା, ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, ତତସତ୍ ସୁବୁଦ୍ଧି, ସୁବାଷିନୀ ପଟ୍ଟନାୟକ, ଶିବରାମ ପାତ୍ର, ପ୍ରବୀର ସାବତଙ୍କ ସମେତ ବହୁ ଯୁବ, ଛାତ୍ରୀ ଓ ମହିଳା କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ ।



**● ପିଏମ୍ ଆବାସ ପାଇବା ଲୋଭରେ ଫସିଲେ ମହିଳା**

## ସାଇବର ଠକ ନେଇଗଲେ ୩ ଲକ୍ଷ ୯୦ ହଜାର

ବ୍ରହ୍ମପୁର,୧୪।୧୦(ସମିସ): ନିଜ ମୋବାଇଲରେ ପିଏମ୍ ଆବାସ ଯୋଜନା ଆପ୍ ନାମକ ଏକ ଏପିକେ ଫାଇଲ୍ ଡାଉନଲୋଡ୍ କରି ଜଣେ ମହିଳା ୩ ଲକ୍ଷ ୯୦ ହଜାରରୁ ଅଧିକ ଟଙ୍କା ହରାଇଛନ୍ତି । ସାଇବର ଠକମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ସବିଶେଷ ତଥ୍ୟ ହାସଲ କରି ଆଖି ପିଛୁଳାକେ ଟଙ୍କା ଠକି ନେଇଛନ୍ତି । ମହିଳା ଜଣଙ୍କ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ସୂଚନାପ୍ରକାରେ, ବ୍ରହ୍ମପୁର ଅରବିନ୍ଦନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ଜଣେ ୫୨ ବର୍ଷୀୟ ମହିଳାଙ୍କ ହ୍ୱାଟ୍ସଆପକୁ ଏକ ଅଜଣା ନମ୍ବରରୁ ଏକ ଏପିକେ ଫାଇଲ୍ ଆସିଥିଲା । ସେହି ଫାଇଲରେ ପିଏମ୍ ଆବାସ ଯୋଜନା ଲେଖା ହୋଇଥିଲା । ମହିଳା ଆବାସ ପାଇବା ଆଶାରେ ଉକ୍ତ ଫାଇଲ ଉପରେ କ୍ଲିକ କରିବା ସହ ଏହାକୁ ଡାଉନ୍‌ଲୋଡ୍ କରି ଦେଇଥିଲେ । ଫାଇଲ ଡାଉନ୍‌ଲୋଡ ପରେ ଇନ୍‌ଷ୍ଟଲ ପାଇଁ ଅନୁମତି ମାଗିଥିଲା । ମହିଳା ଜଣଙ୍କ ଓକେ କରିବା କିଛି ସମୟ ପରେ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୩ ଲକ୍ଷ ୯୦ ହଜାର ୫୯୨ ଟଙ୍କା କଟି ଯାଇଥିଲା ।

## ରଘୁନାଥ ପଣ୍ଡାଙ୍କ ସ୍ମରଣରେ ସ୍ମୃତିସଭା




ବ୍ରହ୍ମପୁର,୧୪ ।୧୦(ସମିସ)

ସ୍ଥାନୀୟ ଗିରିରୋଡ ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସ୍ୱାଧୀନତା ସଂଗ୍ରାମୀ କବିରାଜ ରଘୁନାଥ ପଣ୍ଡାଙ୍କ ୧୮ତମ ତିରୋଧାନ ଦିବସରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ଜିଲ୍ଲା ସଭାପତି ଆଇନଜୀବୀ ଅବନୀ ଗୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଭଗବାନ ସାହୁ ଯୋଗ ଦେଇ ସ୍ୱର୍ଗତ ରଘୁନାଥ ପଣ୍ଡାଙ୍କ ସ୍ମୃତିଚାରଣ କରି ବର୍ତ୍ତମାନର ରାଜନୈତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ବାସନ୍ତୀ ପାଢ଼ୀ, କୁନି ପାଢ଼ୀ ଏବଂ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ସୁରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିର ଗୋପାଳ କୃଷ୍ଣ ପାଣିଗ୍ରାହୀ, ଶିକ୍ଷାବିତ୍ ଦେବୀ ପ୍ରସାଦ ସାହୁ, ସେବା ନିବୃତ ଶିକ୍ଷକ ସଂଘର ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ଉପସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ମନରେଗା ଶ୍ରମିକ ସଂଘର ଜିଲ୍ଲା ସଭାନେତ୍ରୀ ପି.ପାର୍ବତୀ, କବି ପ୍ରଫୁଲ୍ଲ କୁମାର ମହାପାତ୍ର, ଦେବରାଜ ଦାଶ, ଶିକ୍ଷକ ନେତା ପୀତବାସ ମହାପାତ୍ର, ଇ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବାସୁଦେବ ରଥ, ଆଦିତ୍ୟ ରଥ, ବଂଶୀଧର ସେଠୀ, ବରିଷ୍ଠ ଆଇନଜୀବି ଅରୁଣ ପଣ୍ଡା, ବିଦେଶୀ ନାହାକ ଓ ସୀମାଞ୍ଚଳ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ ।




**ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?**

ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

**ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ**

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

**ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ**

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in


**ହତ୍ୟା ଉଦ୍ୟମ ମାମଲା**

## ପୂର୍ବତନ ବିଧାୟକଙ୍କ ସମେତ ୧୦ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୧୪ ।୧୦(ସମିସ)



ଦୀର୍ଘ ୧୬ବର୍ଷର ବିଚାରଣା ପରେ ଏକ ହତ୍ୟା ଉଦ୍ୟମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଜଜ୍ ତୃତୀୟ ବିବସ୍ୱତ ଗୌତମ ଉକ୍ତ ମାମଲାର ବିଚାରଣା କରି ପ୍ରମାଣ ଅଭାବରୁ ପୂର୍ବତନ ବିଧାୟକଙ୍କ ସମେତ ୧୦ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ସୋରଡ଼ାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ଉମେଶ ପଣ୍ଡା, ଅମୂଲ୍ୟ ଗୌଡ଼, ବିଦ୍ୟାଧର ବିଷୋୟୀ, ଏସ. ରାମେଶ୍ୱର ପାତ୍ର, ଦିଲ୍ଲୀପ ରଣା, ସୀମାଞ୍ଚଳ ରାଉତ, ସଂଗ୍ରାମ କେଶରୀ ଗୁରୁ, ମାଗତା ଦଳବେହେରା । ଏହି ମାମଲାର ବିଚାରଣ ବେଳେ କୋକ ମହାନ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ଏହି ମାମଲାରୁ ବାଦ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ୨୦୦୯ ଏପ୍ରିଲ ୫ ଦିନ ବର୍ତ୍ତମାନର ସୋରଡ଼ା ବିଧାୟକ ନୀଳମଣୀ ବିଷୋୟୀଙ୍କ ସହଯୋଗୀ ସୁରେନ୍ଦ୍ର ଡ଼ାକୁଆ ଓ ସୂର୍ଯ୍ୟ ରାଉତଙ୍କୁ ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକାଟ ଗ୍ରାମ ନିକଟରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ନିର୍ବାଚନ କାର୍ଯ୍ୟରେ ଯିବା ସମୟରେ ନୀଳମଣୀ ବିଷୋୟୀ ଏହା ଦେଖିଥିଲେ । ଗୁରୁତର ଅବସ୍ଥାରେ ସୂର୍ଯ୍ୟ ଓ ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଘଟଣାକୁ ନେଇ ଉପରୋକ୍ତ ବ୍ୟକ୍ତିଙ୍କ ନାମରେ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଘଟଣାରେ ସମ୍ପୃକ୍ତ ଥିବା ଉପରୋକ୍ତ ବ୍ୟକ୍ତିମାନେ ହାଇକୋର୍ଟରୁ ଆଗୁଆ ଜାମିନ ଆଣିଥିଲେ । ଫଳରେ ପୁଲିସ କାହାକୁ ମଧ ଗିରଫ କରିନଥିଲା । ଏହି ମାମଲାର ବିଚାରଣା ବେଳେ ବିଧାୟକ ନୀଳମଣି ବିଷୋୟୀଙ୍କ ସମେତ ୧୧ଜଣ ସାକ୍ଷୀଙ୍କ ବୟାନ ରେକଡର୍ ହୋଇଥିଲା । ମଙ୍ଗଳବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଉକ୍ତ ରାୟ ପ୍ରକାଶ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପଟ୍ଟନାୟକ, ବାପୁଜୀ କୁମାର ରଣା ଓ ବରୁଣ ଗୌଡ଼ ମାମଲା ପରିଚାଳନା କରୁଥିଲେ ।

# ସମ୍ପାଦକୀୟ



ପ୍ରେମ ଓ କରୁଣା ବିନା ମାନବିକତା ମୂଲ୍ୟହୀନ
-ଦଲାଇ ଲାମା

ସକାଳ
THE SAKALA

## ଭଡ଼ା ଚିନ୍ତା

ଜନଆକାଂକ୍ଷିତ ଯୋଜନାଗୁଡ଼ିକୁ କେନ୍ଦ୍ର ସରକାର ସାଧାରଣତଃ କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଘୋଷଣା କରନ୍ତି ଏବଂ ଅପ୍ରତ୍ୟାଶିତ ସଫଳତା ମଧ୍ୟ ହାସଲ କରନ୍ତି । ଏହିକ୍ରମରେ ଆସନ୍ନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆଶା କରାଯାଉଥିଲା ଯେ ସଂଗଠିତ ଅଣସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଅନ୍ତର୍ଗତ ଅବସରକାଳୀନ ଭତ୍ତା ରାଶିରେ କିଛିଟା ବୃଦ୍ଧି ଘଟିବ । କିନ୍ତୁ ଇପିଏଫ୍‌ଓର ସଦ୍ୟତମ ବାର୍ଷିକ ବୈଠକରେ ଏହା ଆଜେଣ୍ଡାରେ ମଧ୍ୟ ସାମିଲ୍ ହୋଇନାହିଁ । ଏହାଛଡ଼ା ଏଭଳି କେତେକ ନିଷ୍ପତ୍ତି ନିଆଯାଇଛି, ଯାହା ଏତେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଯେ ସାଧାରଣ କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କ ପାଇଁ ମଧ୍ୟ ବୁଝି ବୁଝାଇବା କଷ୍ଟକର ହୋଇପଡୁଛି । ସେହିପରି ମୋଟ ଜମା ପରିମାଣର ଶତପ୍ରତିଶତ ଉଠାଣ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଉଠିଛି । ଯଦି ଅବସର ପୂର୍ବରୁ ସମ୍ପୂର୍ଣ୍ଣ ରାଶି ଉଠାଇ ନିଆଯାଏ ତେବେ ବାର୍ଦ୍ଧକ୍ୟ ଅସୁରକ୍ଷିତ ହୋଇପଡ଼ିବ ବୋଲି ଅଭିଯୋଗ ଆସିଛି ।

ବୈଠକର ନିଷ୍କର୍ଷ ଅନୁଯାୟୀ, ଜମା ଉଠାଣ ଓ ବିବାଦ ସମାଧାନ ପ୍ରକ୍ରିୟା ସରଳ ଓ ସର୍ତ୍ତରହିତ ହୋଇଛି ସତ; କିନ୍ତୁ ଦୀର୍ଘବର୍ଷ ଧରି ହୋଇଆସୁଥିବା ଅବସର ପରବର୍ତ୍ତୀ ଭତ୍ତା ବୃଦ୍ଧି ଦାବି ପ୍ରତି ଦୃଷ୍ଟି ନ ପଡ଼ିବା କ୍ଷୋଭର ବିଷୟ । ସମ୍ପ୍ରତି ଇପିଏଫ୍‌କୁ ଦରମା ଯୋଗଦାନ ଆଧାରରେ ଅବସର ଭତ୍ତା ସର୍ବନିମ୍ନ ୧ ହଜାରରୁ ସର୍ବାଧିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି । ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ମହଙ୍ଗା ଯୁଗରେ ଏତିକି ରାଶି ସମୁଦ୍ରକୁ ଶଙ୍ଖେ ଭଳି । ବୋଧହୁଏ ସରକାର ଅନ୍ୟାନ୍ୟ ସାମାଜିକ ଭତ୍ତା ଯୋଜନାକୁ ତୁଳନା କରି ଇପିଏଫ୍ ପେନ୍‌ସନ୍ ରାଶି ବୃଦ୍ଧି କରିବାକୁ ଉଚିତ ମଣୁ ନାହାନ୍ତି । ବିଭିନ୍ନ ସାମାଜିକ ଯୋଜନାରେ ମିଳୁଥିବା ଭତ୍ତା ନିର୍ବାଚନ ରାଜନୀତିର ଏକ ଅଂଶବିଶେଷ । ଅପରପକ୍ଷରେ ଇପିଏଫ୍ ସମ୍ପୂର୍ଣ୍ଣ ରୂପେ କର୍ମଚାରୀଙ୍କ ଝାଳବୁହା ଧନର ଯୋଗଦାନରେ ଗଠିତ । ସମ୍ପ୍ରତି ଦେଶରେ ୩୦ କୋଟି ଇପିଏଫ୍ ଆକାଉଣ୍ଟଧାରୀ ଥିବା ବେଳେ ସେମାନଙ୍କର ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ଯୋଗଦାନ ପରିମାଣ ୨୬ ଲକ୍ଷ କୋଟି ଟଙ୍କା । ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନ୍‌ସନ୍ ପ୍ରକ୍ରିୟା ଅନୁସରଣରେ ଇପିଏଫ୍‌ଓ ଏହି ବିପୁଳ ରାଶିକୁ ଲାଭଦାୟକ ପ୍ରତିଭୂତି ଅଂଶଧନରେ ନିବେଶ କଲେ ଆକାଉଣ୍ଟଧାରୀମାନେ ଅବସର ପରେ ଉପକୃତ ହୁଅନ୍ତେ ।

ଇପିଏଫ୍ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସିଂହଭାଗ ମଧ୍ୟବିତ୍ତ-ନିମ୍ନମଧ୍ୟବିତ୍ତ ଶ୍ରେଣୀର, ଯେଉଁମାନେ ସରକାରୀ ମାଗଣା ଯୋଜନା ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ । ସମ୍ପ୍ରତି ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ଦରମା ଗଣ୍ଡିକ ଘରକୁ ଆସିବାର ପ୍ରଥମ ସପ୍ତାହରେ ହିଁ ସରିଯାଉଛି । ଏଭଳି ଅବସ୍ଥାରେ ଭବିଷ୍ୟତ ପାଇଁ ସଞ୍ଚୟ ଜମା ସୁଯୋଗ ମଧ୍ୟ ସଂକୁଚିତ । ତେଣୁ ଅବସର ପରେ ଖଟିଖିଆମାନେ କେମିତି ବଞ୍ଚିବେ ସେ ବିଷୟରେ ଅନ୍ତତଃ ସରକାର ସହୃଦୟତାର ସହ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ହେବ ।

## ବିପଦ ଟଳିନି

ନୋବେଲ୍ ବିଳାସୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିସହିତ ଗାଜାରେ ଶାନ୍ତି ବାହାଲ୍ ହେବାର ଆଶାର ଝଲକ୍‌ଟିଏ କେବଳ ଦେଖାଦେଇଛି, କିନ୍ତୁ ଅସ୍ଥିରତା ଓ ଅନିଶ୍ଚିତାର ବାଦଲ୍ ଏ ପର୍ଯ୍ୟନ୍ତ ହଟିନାହିଁ । ଏହାପୂର୍ବରୁ ମଧ୍ୟ ଉଭୟ ପକ୍ଷରୁ ଅସ୍ତ୍ରବିରତି ଓ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରୟାସ ଭଣ୍ଡୁର ହୋଇଥିଲା । ସମ୍ପ୍ରତି ବିଶ୍ୱର ବଡ଼ଭାଇ ଆମେରିକା ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପାଦିତ ହେଉଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଉଭୟ ପକ୍ଷ ମନରେ ଜଳୁଥିବା ନିଆଁ ପ୍ରଶମିତ ହୋଇସାରିଛି । ଅନ୍ତତଃ କ୍ଷମତାଲିପ୍‌ସୁ ଓ ଯୁଦ୍ଧଖୋର ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲ୍ ଶାସନ ମୁଖ୍ୟ ଥିବା ପର୍ଯ୍ୟନ୍ତ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ସହାବସ୍ଥାନ ସାକାର ହେବ ବୋଲି ବିଶ୍ୱାସ ଆସୁନାହିଁ ।

ଗାଜାପଟିରେ ଟ୍ରମ୍ପ ନିଜର ଯେଉଁ ସ୍ୱପ୍ନ-ପ୍ରକଳ୍ପ ପରିକଳ୍ପନା କରିଛନ୍ତି, ତା'କୁ ସାକାର କରିବା ପାଇଁ ସେହି ଅଞ୍ଚଳରେ ଶାନ୍ତି ଫେରିବା ତାଙ୍କ ପାଇଁ ଅପରିହାର୍ଯ୍ୟ । କିନ୍ତୁ ସେ ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଚାହାନ୍ତି ତାହା କଳ୍ପନାତୀତ । ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ବାହାଲ ହେଲେ ଆମେରିକାର ଆଣବିକ-ଇନ୍ଧନ ଓ ଯୁଦ୍ଧାସ୍ତ୍ର ବାଣିଜ୍ୟର ମହତାକାଂକ୍ଷା ସାକାର ହୋଇପାରିବ ନାହିଁ କି ଇରାନ୍‌କୁ କାବୁ କରିହେବ ନାହିଁ । ତେଣୁ ନିଜକୁ ବିଶ୍ୱ ଶାନ୍ତିଦୂତ ଭାବେ ଉପସ୍ଥାପନା କରୁଥିଲେ ମଧ୍ୟ ମଧ୍ୟପ୍ରାଚ୍ୟକୁ ସର୍ବଦା ଅଶାନ୍ତ ଓ ଅସ୍ଥିର ରଖିବା ପାଇଁ ଆମେରିକାର ସର୍ବକାଳୀନ ବୈଦେଶିକ ନୀତି ବିରୋଧରେ ଟ୍ରମ୍ପ ଯିବେ ନାହିଁ । ଅପରପକ୍ଷରେ ଆମେରିକା ବିରୋଧରେ ଯାଇ ଜାତିସଂଘର ସଂଖ୍ୟାଗରିଷ୍ଠ ସଦସ୍ୟ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ସପକ୍ଷରେ ଭୋଟ ଦେଇଛନ୍ତି । ପାଲେଷ୍ଟାଇନ୍ ବିଧିବଦ୍ଧ ଭାବେ ସାର୍ବଭୌମ ରାଷ୍ଟ୍ର ଘୋଷିତ ହେଲେ ହମାସ୍‌ଙ୍କ ନିରାପଦ ଆଶ୍ରୟସ୍ଥଳୀ ହେବା ନିଶ୍ଚିତ, ଯାହାକୁ ନେତାନ୍ୟାହୁ ବରଦାସ୍ତ କରିବେ ନାହିଁ କି ଇସ୍ରାଏଲ୍ ବିରୋଧରେ ଆମେରିକା ମଧ୍ୟ ଯିବ ନାହିଁ । ତେଣୁ ଏହି ପ୍ରସଙ୍ଗ ଆଗାମୀ ଦିନରେ ପୁଣି ଉତ୍ତେଜନା ଓ ହିଂସା ସୃଷ୍ଟି କରିବାର ଆଶଙ୍କା ରହିଛି । ଇତିମଧ୍ୟରେ ଟ୍ରମ୍ପ ପ୍ରାୟୋଜିତ ଏହି ଯୁଦ୍ଧବିରତି ଚୁକ୍ତିକୁ ଆଫ୍‌ଗାନିସ୍ତାନ ଓ ପାକିସ୍ତାନର କେତେକ ଅଞ୍ଚଳରେ ତୀବ୍ର ବିରୋଧ ହେଉଛି । ହମାସ ମଧ୍ୟ ଚୁକ୍ତିର କେତେକ ସର୍ତ୍ତକୁ ବିରୋଧ କରିଛି ଅଥଚ ବାଧ୍ୟବାଧକତାରେ କାର୍ଯ୍ୟକାରୀ କରୁଛି । ତେଣୁ ଏହି ବିରୋଧ ଓ ଅସନ୍ତୋଷ ପୁଣି ଏକ ଆତଙ୍କବାଦୀ ଆକ୍ରମଣ, ହିଂସା ଓ ଯୁଦ୍ଧକୁ ଜନ୍ମ ଦେବା ଅସମ୍ଭବ ନୁହେଁ ।

ଇସ୍ରାଏଲ୍-ପାଲେଷ୍ଟାଇନ ବିବାଦର ମୂଳ ସମସ୍ୟାର ସମାଧାନ ନ ହେବା ଯାଏଁ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା କେବଳ ଏକ ସ୍ୱପ୍ନ ମାତ୍ର । କେବଳ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ଓ ଅସ୍ତ୍ରବିରତି ଭଳି ତାଳିପକା ପ୍ରୟାସରେ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଚତୁର ଆମେରିକା ଓ ବାଚାଳ ଟ୍ରମ୍ପ ଏହା ବୁଝି ମଧ୍ୟ ଅବୁଝା ରହିବାର ଛଳନା କରୁଛନ୍ତି । ବେଲୁନ୍‌ର ଗୋଟିଏ ସ୍ଥାନରେ ଚାପ ପଡ଼ିଲେ ଅନ୍ୟ ପଟ ଫୁଲି ଉଠିବା ଭଳି ଗାଜା ଶାନ୍ତ ହେଲେ ମଧ୍ୟ ଅଶାନ୍ତି, ଆତଙ୍କ ଓ ହିଂସା ଅନ୍ୟ ସ୍ଥାନରେ ମୁଣ୍ଡ ଟେକିପାରେ ।

# ଗଣତନ୍ତ୍ରର ଅପ୍ରତିହତ ସ୍ୱର: ମ୍ୟାଁମାର୍‌ରୁ ଭେନ୍‌ଜୁଏଲା

ମନୋରଂଜନ ମହାନ୍ତି

ବିଶ୍ୱ-ଇତିହାସରେ ଦୁଇଟି ସ୍ୱର୍ଣ୍ଣିମ ଅଧ୍ୟାୟ । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଶାସନ ବିରୋଧରେ ସଂଗ୍ରାମ କରି ମ୍ୟାଁମାର୍‌ର ଅଙ୍ଗ୍ ସାନ୍ ସୁକୀ ପାଇଥିଲେ ନୋବେଲ ଶାନ୍ତି ପୁରସ୍କାର ୧୯୯୧ ମସିହାରେ । ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ୨୦୨୫ ମସିହାର ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଭେନ୍‌ଜୁଏଲାର ବିପ୍ଳବିଣୀ ଲୌହମାନବୀ ରୂପେ ପରିଚିତା ମ୍ୟାରିଆ କୋରିନା ମାଚାଡ଼ୋ । ସେଠାରେ ଏକଛତ୍ରବାଦୀ ଶାସନର ବିଲୋପ କରି ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସେ ନେଉଛନ୍ତି । ଭେନ୍‌ଜୁଏଲା ଦକ୍ଷିଣ-ଆମେରିକାର ଏକ ରାଷ୍ଟ୍ର । ତା' ସୀମାକୁ ଲାଗିଛି କ୍ୟାରିବୀୟ ସାଗର ଓ ଉତ୍ତରଆଟ୍‌ଲାଣ୍ଟିକ୍ ମହାସାଗର । ତା'ର କ୍ଷେତ୍ରଫଳ ୯, ୧୬, ୪୪୫ ବର୍ଗ କି.ମି. । ଜନସଂଖ୍ୟା ମାତ୍ର ୩୦.୫ନିୟୁତ । ଅଥଚ ଦେଶଟି ସଂପ୍ରତି ଘୋର ସଂକଟ ମଧ୍ୟରେ ଗତି କରୁଛି ।

ହ୍ୟୁଗୋ ଚାଭେଜ୍ ରାଷ୍ଟ୍ରପତି ଥିଲାବେଳେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସଂକଟ ଆରମ୍ଭ ହୋଇ ଏବର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍‌ଙ୍କ ଶାସନ ସମୟରେ ବହୁଗୁଣିତ ହୋଇଛି । ମୁଦ୍ରାସ୍ଫୀତି, ଅନାହାର, ରୋଗ, ଅପରାଧ, ମୃତ୍ୟୁହାର ବୃଦ୍ଧି, ଦେଶାନ୍ତର ଗମନ ଦୃଷ୍ଟିରୁ ଭେନ୍‌ଜୁଏଲା ହେଉଛି ଲାଟିନ୍-ଆମେରିକା ଓ କ୍ୟାରିବୀୟ ଅଞ୍ଚଳରେ ଦ୍ୱିତୀୟ ଦରିଦ୍ର ରାଷ୍ଟ୍ର । ସେଠି ପ୍ରଚୁର ତୈଳସମ୍ପଦ ଭରିରହିଛି । 'ପେଟ୍ରୋଲିଅସ୍ ଡି ଭେନ୍‌ଜୁଏଲା ଏସ୍.ଏ' ନାମକ ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ବାଷ୍ପ କମ୍ପାନୀ ତା'ର ପରିଚାଳନା ଦାୟିତ୍ୱରେ ଅଛି । କିନ୍ତୁ ସରକାରୀ କୁ-ପରିଚାଳନା ହେତୁ ତୈଳ ଉତ୍ପାଦନ ହ୍ରାସ ପାଉଛି । ଏଣେ ତୈଳ ରପ୍ତାନି ଉପରେ ନିର୍ଭରଶୀଳତା ମାତ୍ରାଧିକ ହେଉଛି । ତୈଳ ମୂଲ୍ୟ ହ୍ରାସ ପାଉଛି । ସର୍ବବୃହତ୍ ତୈଳସମ୍ପଦ ଥାଇ ମଧ୍ୟ ଦେଶବାସୀ ଦରିଦ୍ର ।

ରାଜନୈତିକ ଅସ୍ଥିରତା ସାଙ୍ଗକୁ ଭ୍ରଷ୍ଟାଚାର, ଦୁର୍ବଳ ନେତୃତ୍ୱ, ଅମଲାତନ୍ତ୍ରର ଅଧିନାୟକବାଦୀ ଶୈଳୀ ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ପୂର୍ଣ୍ଣତଃ ଦାୟୀ । ବ୍ୟକ୍ତି-ସ୍ୱାଧୀନତା ଓ ନିରାପତ୍ତାର ଘୋର ଅଭାବ । ଖାଦ୍ୟାଭାବ, ପାନୀୟଜଳ ସଂକଟ, ସ୍ୱାସ୍ଥ୍ୟ ସୁବିଧାର ଅଭାବ ହେତୁ ୫ନିୟୁତ ଲୋକ ଦେଶାନ୍ତର ହେଲେଣି । ବେଆଇନ୍ ଭାବରେ ଆମେରିକାରେ ରହୁଥିବା ଭେନ୍‌ଜୁଏଲା-ଅଧିବାସୀଙ୍କ ସଂଖ୍ୟା ୨୦୦୭ରେ ଥିଲା ୫୫, ୦୦୦, ୨୦୨୧ରେ ୧, ୯୫, ୦୦୦, ୨୦୨୩ରେ ୬, ୫୦, ୦୦୦, ୨୦୨୫ରେ ୭ଲକ୍ଷ । କୃଷି ଓ ଉତ୍ପାଦନ କ୍ଷେତ୍ର ସମ୍ପୂର୍ଣ୍ଣ ଅବହେଳିତ । ପରିସଂଖ୍ୟାନ ଅନୁଯାୟୀ ୩୦ନିୟୁତ ଜନସଂଖ୍ୟାବିଶିଷ୍ଟ ଭେନ୍‌ଜୁଏଲାରେ ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୯.୩ ନିୟୁତ ଲୋକ ଖାଦ୍ୟାଭାବରେ ପୀଡ଼ିତ । ଚିକନ୍‌ଗୁନିଆ, ଡେଙ୍ଗୁ, ହେପାଟାଇଟିସ୍-ଏ, ହେପାଟାଇଟିସ୍-ବି, ମ୍ୟାଲେରିଆ, ମିଳିମିଳା ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଅଥଚ ଆବଶ୍ୟକ ଔଷଧର ଉତ୍କଟ ଅଭାବ । ବେକାରୀ, ବେରୋଜଗାରୀ ବଢୁଥିବାରୁ ଅପରାଧ ବୃଦ୍ଧି ପାଉଛି । ଏକଛତ୍ରବାଦୀ ଶାସକଙ୍କ ସ୍ୱେଚ୍ଛାଚାର ହେତୁ ମାନବାଧିକାର ଉଲ୍ଲଙ୍ଘନ ହେଉଛି । ଫଳତଃ ନାଗରିକ ଅସନ୍ତୋଷ ବୃଦ୍ଧି ପାଉଛି । ଭେନ୍‌ଜୁଏଲାକୁ ଯାଉଥିବା ଲୋକଙ୍କୁ ବେଆଇନ୍ ଅଟକ ରଖାଯାଉଛି, ଯନ୍ତ୍ରଣା ଦିଆଯାଉଛି । ଆତଙ୍କବାଦ ଓ ଅପହରଣ ଭଳି ମାମଲାରେ ଜଡ଼ିତ କରାଇ ସ୍ଥାନୀୟ ଆଇନ୍‌ର ମନମୁଖି ପ୍ରୟୋଗ କରାଯାଉଛି ।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟେ କ୍ଷୁଦ୍ର ରାଷ୍ଟ୍ରର ଏପରି ଦୁଃସ୍ଥିତି କାଳରେ ରାଷ୍ଟ୍ରନାୟକଙ୍କ ଏକଛତ୍ରବାଦ ବିରୋଧରେ ବଜ୍ର ସ୍ୱର ଜାଗ୍ରତ କରି ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଜନ-ଆନ୍ଦୋଳନ ଜରିଆରେ ନିରବଚ୍ଛିନ୍ନ ପ୍ରୟାସ କରୁଥିବା ମ୍ୟାରିଆ କୋରିନା ମାଚାଡ଼ୋ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ । ମ୍ୟାରିଆ ଜଣେ ଇଣ୍ଡଷ୍ଟ୍ରିଆଲ୍ ବା ଔଦ୍ୟୋଗିକ ଇଂଜିନିୟର୍ ଓ ବିତ୍ତକ୍ଷେତ୍ର (ଫାଇନାନ୍ସ) ରେ ସ୍ନାତକୋତ୍ତର ଉପାଧିପ୍ରାପ୍ତ । 'ସୁମେଟ୍' ସଂଗଠନର ପ୍ରତିଷ୍ଠାତ୍ରୀ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ । ସେଥିସହିତ 'ଭେଣ୍ଟେ ଭେନ୍‌ଜୁଏଲା' ନାମକ ରାଜନୈତିକ ଦଳର ଜାତୀୟ ସଂଯୋଜିକା ଅଛନ୍ତି । ୨୦୧୪ରୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସରକାର ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ମ୍ୟାରିଆ । ୨୦୨୪ରୁ ଗୋପନବାସରେ ଅଛନ୍ତି । ଏକ ଦଶନ୍ଧି ବ୍ୟାପୀ ତାଙ୍କର ସଂଗ୍ରାମକୁ ସ୍ୱୀକୃତି ଜଣାଇ ନୋବେଲ୍ କମିଟି ତାଙ୍କୁ ପ୍ରଦାନ କରିଛି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସର୍ବଶ୍ରେଷ୍ଠ ଶାନ୍ତି ପୁରସ୍କାର ।

ଗଣତାନ୍ତ୍ରିକ ଅଧିକାର ପାଇଁ ମ୍ୟାରିଆଙ୍କ ସଂଗ୍ରାମ ଆମକୁ ମନେପକାଇ ଦେଉଛି ଆଜିକୁ ପ୍ରାୟ ଚାରି ଦଶନ୍ଧି ତଳେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାମରିକ ଶାସନକର୍ତ୍ତା ଜେନେରାଲ୍ ନି ୱିନ୍‌ଙ୍କ ବିରୋଧରେ ଜନଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ବିପ୍ଳବିଣୀ ଅଙ୍ଗ୍‌ସାନ୍ ସୁକୀ । ଜେନେରାଲ ନି ୱିନ୍‌ଙ୍କ ସାମରିକ ଶାସନରେ ବର୍ମାର ଅଧିବାସୀମାନେ ଅତ୍ୟନ୍ତ ଅତିଷ୍ଠ ଓ ଅସ୍ଥିର ହୋଇପଡ଼ିଥିଲେ । ୧୯୮୮ ମସିହାରେ ସୁକୀ ରେଙ୍ଗୁନ୍‌ରେ ପହଞ୍ଚି ବର୍ମାବାସୀଙ୍କ ଦୁରବସ୍ଥାକୁ ହୃଦୟଙ୍ଗମ କଲେ । ସୁକୀ ଲକ୍ଷ୍ୟ କଲେ ଛାତ୍ରମାନେ ନି ୱିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି । ସୁତରାଂ ସେ ନିଜକୁ ସେହି ଆନ୍ଦୋଳନରେ ସାମିଲ କରାଇଲେ ।

ସାରା ଦେଶରେ ସାମରିକ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଜାଗି ଉଠିଲା । ୧୯୮୮ ଜୁଲାଇ ୨୩ ତାରିଖରେ ନି ୱିନ୍ 'ବର୍ମିଜ୍ ସୋସିଆଲିଷ୍ଟ ପ୍ରୋଗ୍ରାମ୍ ପାର୍ଟି'ର ନେତୃତ୍ୱରୁ ଓହରିଯିବାକୁ ସ୍ଥିରକଲେ । ୧୯୮୮ ଅଗଷ୍ଟ ୧୫ ତାରିଖରେ ସୁକୀ ନିଜର ଏକ ଲେଖା ସାମରିକ ଶାସନକର୍ତ୍ତାଙ୍କୁ ଦେଲେ । ସେହି ଲେଖାର ଶୀର୍ଷକ ଥିଲା - 'ଦି ଫର୍‌ମେସନ୍ ଅଫ୍ ଏ ପିପୁଲ୍‌ସ୍ କନ୍‌ସଲ୍‌ଟେଟିଭ୍ କମିଟି' । ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦମନମୂଳକ ପନ୍ଥା ଗ୍ରହଣ ନକରିବା ପାଇଁ ଏବଂ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବା ପାଇଁ ଉକ୍ତ ଲେଖାରେ ସୁକୀ ସାମରିକ ଶାସନକର୍ତ୍ତାଙ୍କୁ ନିବେଦନ କରିଥିଲେ । ଏହି ଲେଖାରେ ମଧ୍ୟ ବର୍ମାର କେତେକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଥିଲେ ।

ସମଗ୍ର ଦେଶରେ ଶାନ୍ତିପୂର୍ଣ୍ଣ ଓ ଅହିଂସ ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିବାରୁ ଜେନେରାଲ ନି ୱିନ୍ କ୍ଷମତାରୁ ଓହରିଗଲେ । ୧୯୮୮ ସେପ୍ଟେମ୍ବର ୧୮ ତାରିଖରେ ଜେନେରାଲ ସ'-ମାଉଙ୍ଗ୍ ସାମରିକ ଶାସନକର୍ତ୍ତା ହେଲେ । ସେତିକିବେଳେ ସୁକୀ ଏକ ଦଳ ଗଢ଼ିଲେ ଯାହାର ନାମ ହେଲା 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' । ୧୯୮୮ ଅଗଷ୍ଟ ୧୫ତାରିଖରୁ ୧୯୮୯ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସୁକୀ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କଲେ ସାମରିକ ଏକଛତ୍ରବାଦ ବିରୋଧରେ । ସୁକୀଙ୍କର ଜନପ୍ରିୟତା ସମଗ୍ର ଦେଶରେ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ୧୯୯୦ ମେ ୨୭ ତାରିଖରେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସେଥିରେ ୪୮୫ଟି ଆସନ ମଧ୍ୟରୁ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳ ୩୯୨ଟି ଆସନରେ ବିଜୟ ହାସଲ କଲେ । ସମୁଦାୟ ୧୩ ନିୟୁତ ଭୋଟ ମଧ୍ୟରୁ ସୁକୀଙ୍କ ଦଳ ଶତକଡ଼ା ୭୨ ଭାଗ ଭୋଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲେ । ନିର୍ବାଚନ ପୂର୍ବରୁ ମାସ ମାସ ଧରି ସୁକୀ ୧୦୦୦ରୁ ଊର୍ଦ୍ଧ୍ୱ ସଭାରେ ଉଦ୍‌ବୋଧନ ଦେଇଥିଲେ ।

ନିର୍ବାଚନରେ ସୁକୀଙ୍କ 'ଗଣତନ୍ତ୍ର-ଦଳ'ର ବିପୁଳ ବିଜୟ ଦେଖି ସାମରିକ ଶାସକମାନେ କ୍ରୋଧାନ୍ୱିତ ଓ ଈର୍ଷାପରାୟଣ ହୋଇଉଠିଲେ । ଗଣତନ୍ତ୍ର ସପକ୍ଷରେ ମ୍ୟାଁମାର୍‌ର ଅଧିବାସୀଙ୍କ ରାୟକୁ ସାମରିକ ଶାସକମାନେ ଅସ୍ୱୀକାର ଓ ଅସମ୍ମାନ କଲେ । ୧୯୯୦ ଅକ୍ଟୋବର ମାସରୁ ୧୯୯୨ ଜାନୁଆରୀ ମଧ୍ୟରେ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳର ପାର୍ଲାମେଣ୍ଟ ସଭ୍ୟମାନଙ୍କର ବିଚାର ହୋଇ ପ୍ରତ୍ୟେକଙ୍କୁ ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଗଲା । ବନ୍ଦୀଶାଳାରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଗଲା । ୧୯୯୧ ଜୁଲାଇ ୨୦ତାରିଖରୁ ସୁକୀଙ୍କୁ ଗୃହବନ୍ଦୀ କରି ରଖାଗଲା ।

ମ୍ୟାଁମାର୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୁକୀ ଯେପରି ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା କରି ଆସିଥିଲେ, ଯେପରି ଚରମ ତ୍ୟାଗ ସ୍ୱୀକାର କରିଥିଲେ, ଇତିହାସରେ ତାହା ଅତୁଳନୀୟ । ୧୯୯୧ର ନୋବେଲ୍ ଶାନ୍ତି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଓ ଏକଛତ୍ରବାଦୀ ଶାସନ ବିରୋଧରେ ସାହସିକ ସଂଗ୍ରାମ କରିଥିବା ଏହି ଦୁଇଜଣ ବିପ୍ଳବିଣୀ ନାରୀ ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବେ । ଏକଛତ୍ରବାଦ ବିରୋଧରେ ଅବଳା ରୂପେ ବିଦିତ ନାରୀମାନଙ୍କର ଉପରୋକ୍ତ ଯୁଗାନ୍ତକାରୀ ସଂଗ୍ରାମକୁ ନୋବେଲ୍ ସ୍ୱୀକୃତି ନାରୀ ସଶକ୍ତୀକରଣର ଦୃଢ଼ ବାର୍ତ୍ତା, ସର୍ବୋପରି ପୁରୁଷପ୍ରାଧାନ୍ୟ ସମାଜକୁ ଏକ ଭିନ୍ନ ସଂକେତ ଦେଉଛି ।

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ

ଶ୍ରୀବତ୍ସ ନାୟକ

ଏମିତି ଏକ ସମୟ ଆସିବ ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ । ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ । ସମସ୍ତେ ଥାଇ ବି ପାଖରେ କେହି ନଥିବେ । ସମୟ ଆସିବ ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ, ସ୍ୱପ୍ନ ଦେଖୁଥିବ ହେଲେ ରାତି ନଥିବ । ସମୟ ଆସିବ ତୁମକୁ ବି କେହି ଉପହାସ କରିବେ । ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ । ନିରସ୍ତ୍ର ସୈନିକ ଭଳି ମୂକ ପାଲଟିଯିବ । ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତାପ କରିବାକୁ ପଡ଼ିବ । ତେଣୁ ଏତେ ଗର୍ବ ଅହଙ୍କାର କାହିଁକି? ସମୟ ଆସିବ ସବୁ ଅହଙ୍କାର ଚୂରମାର ହୋଇଯିବ ।

ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ । ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ । ନମ୍ରତା ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ । ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ । କିନ୍ତୁ ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥା'ନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ । କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରେ । କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ । ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ । ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ନେଇଯାଉଛନ୍ତି ।

ଲଙ୍କାପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ । ସେ ଶିବଭକ୍ତ ମଧ୍ୟ ଥିଲେ । ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ । ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନ ଥିଲେ । ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେଲା । ଜ୍ଞାନ ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ସଦୃଶ । ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ । କିନ୍ତୁ କ୍ରୋଧ ଓ ଅହଙ୍କାରବଶତଃ ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା । ରାଜା ବଳୀଙ୍କ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ପାତାଳ ପୁରକୁ ଗଲେ । ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି । ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ ସେଥିରୁ କେବଳ ଦୁଃଖ ଜନ୍ମେ । ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ । ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ଥିଲେ ମଧ୍ୟ ଅହଙ୍କାରରେ ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କ ସମସ୍ତ ଜ୍ଞାନକୁ ଅନ୍ୟାୟରେ ବ୍ୟୟ କଲେ । ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା । ଜ୍ଞାନ ଯଦି ସତ୍ୟରେ ନ ଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ ।

ହିଟଲର୍ ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନାନୀତିରେ ନିପୁଣ ଥିଲେ । ସେହି ଜ୍ଞାନକୁ ଯଦି ସେ ମାନବସେବାରେ ବ୍ୟବହାର କରିଥା'ନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇପାରିଥା'ନ୍ତା । କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ । ପରିଣାମ ସ୍ୱରୂପ ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କାରୀ ବିଶ୍ୱବ୍ୟାପୀ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା । ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ । କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ । ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା । ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ, ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ । ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀମାନଙ୍କର ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାଭିମୁଖୀ ହୋଇଛି ।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ । କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ । ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ ସେମାନେ ହେଲେ ପ୍ରକୃତ ଜ୍ଞାନୀ । ମର୍ଯ୍ୟାଦାପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ । ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରିନାହାନ୍ତି । ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି ଯେ ମୁଁ କିଛି ଜାଣିନାହିଁ । ଏହା ହିଁ ପ୍ରକୃତ ଜ୍ଞାନ । ଏହି ବିନମ୍ରତାରୁ ସେ ମହାନ୍ । ପ୍ରକୃତ ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ । ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଏବଂ ସମାଜକୁ ଆଗକୁ ନେଇଯାଏ । କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ । ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ । ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବୀ କରିଥାଏ । 'ବିଦ୍ୟା ଦଦାତି ବିନୟମ୍' । ଅର୍ଥାତ୍, ସତ୍ୟ ଜ୍ଞାନ ବିନମ୍ରତାକୁ ଜନ୍ମ ଦେଇଥାଏ । ତେଣୁ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ ।

କଟକ, ମୋ: ୯୪୩୮୦୭୦୮୪୯

# ରାଧା ଦାମୋଦର ବ୍ରତ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦ୍ୱାପର ଯୁଗର କଥା । ମାମୁ କଂସର ନିମନ୍ତ୍ରଣ ପାଇ କୃଷ୍ଣବଳରାମ ଅକ୍ରୁରଙ୍କ ସହ ରଥାରୋହଣ କରି ମଥୁରା ଯିବା ପାଇଁ ବାହାରିଲେ । କୃଷ୍ଣ ଥିଲେ ଗୋପୀଗୋପାଳମାନଙ୍କର ପ୍ରାଣର ପ୍ରାଣ । ତେଣୁ ଗୋପୀମାନେ ଏକତ୍ରିତ ହୋଇ କୃଷ୍ଣଙ୍କର ପଥରୋଧ କଲେ । ଶ୍ରୀକୃଷ୍ଣ ସେମାନଙ୍କୁ ରାସ୍ତା ଛାଡ଼ି ଦେବାକୁ ଅନୁରୋଧ କରି କହିଲେ- '...ମନରେ ନ ଭାଳ, ଗୋପୀଗୋପାଳ ଭେଟ ସର୍ବକାଳ ।' କିନ୍ତୁ ଗୋପୀମାନେ ଥିଲେ ନଛୋଡ଼ବନ୍ଧା । କେବେ ଓ କେଉଁଠାରେ ଦେଖାହେବ ବୋଲି ସେମାନେ କୃଷ୍ଣଙ୍କ ପାଖରେ ଅଳି କଲେ । ତହୁଁ ଶ୍ରୀକୃଷ୍ଣ କହିଲେ, ... 'ଚଳ ନୀଳଗିରି, ରତ୍ନ ସିଂହାସନେ ଥିବୁ ବିହରି / ସବୁହୁଁ ଅଧିକ ଅତି ପୂଣ୍ୟ ମାସ ଅଟେ କାର୍ତ୍ତିକ / ମୋତେ କାର୍ତ୍ତିକ ମାସରେ ଭେଟିବ, ରାଇ ଦାମୋଦର କରି ପୂଜିବ / ସିନ୍ଧୁକୂଳରେ ରାଇ ଦାମୋଦର, ମୋତେ ପୂଜିବ ଥିବି ମୁଁ ସେଠାର / ମୋର କାର୍ତ୍ତିକେ ଦାମୋଦର ମୂର୍ତ୍ତି. ମୋତେ ପୂଜିବ ଗୋ ଗୋପ ଯୁବତୀ(ଓଡ଼ିଆ ଓଷାବ୍ରତ କଥା) ।'

ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ନୀଳାଚଳରେ କାର୍ତ୍ତିକ ମାସରେ ରାଧାଦାମୋଦରଙ୍କର ଯୁଗଳ ମୂର୍ତ୍ତିର ଆରାଧନା କରି ରାଧାଦାମୋଦର ବ୍ରତ ପାଳନ କରାଯାଏ । ମହାପ୍ରଭୁ ଜଗନ୍ନାଥ ବ୍ରତଧାରୀମାନଙ୍କର ଆରାଧନା ଶ୍ରଦ୍ଧାର ସହ ଗ୍ରହଣ କରନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେ ବିଷୟରେ ଶ୍ରୀକ୍ଷେତ୍ରରେ ଏକ ରୋଚକ ଲୋକକଥା ଶୁଣିବାକୁ ମିଳେ । ପୁରୀର ଶ୍ୱେତଗଙ୍ଗା ନିକଟରେ ବାସୁଦେବ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କ ମାଆ ଶ୍ରୀୟା, ପତ୍ନୀ ରାଧା ଓ ଭଉଣୀ ସୁମେଧାଙ୍କୁ ନେଇ ତାଙ୍କର ଚାରିଜଣର ପରିବାର । ରାଧା ଓ ସୁମେଧା ଥିଲେ ମହାପ୍ରଭୁ ଜଗନ୍ନାଥଙ୍କର ଭକ୍ତ । ସବୁ ବର୍ଷ କାର୍ତ୍ତିକ ମାସରେ ଦୁହେଁ ନିଷ୍ଠାର ସହ ରାଧାଦାମୋଦର ବ୍ରତ ପାଳନ କରୁଥିଲେ । କିନ୍ତୁ ବୁଢ଼ୀ ଶ୍ରୀୟାଙ୍କୁ ଏ ସବୁ ଭଲ ଲାଗୁ ନ ଥିଲା । ସକାଳୁ ସକାଳୁ ଘରର କାମଦାମ ଛାଡ଼ି ଝିଅ ଓ ବୋହୁର ପୂଜା କରି ଯିବାକୁ ଶ୍ରୀୟା ପସନ୍ଦ କରୁ ନଥିଲେ । ଦିନେ ନଣନ୍ଦ ଭାଉଜ ପୂଜା ପାଇଁ ବାହାରିବା ବେଳକୁ ଶ୍ରୀୟା ଭୀଷଣ ଝଗଡ଼ା କଲେ । ରାଧା ଓ ସୁମେଧାଙ୍କ ପୂଜାରେ ବିଳମ୍ବ ଘଟିଲା । ସମୟ ଗଡ଼ି ଯାଉଥିବାରୁ ଦୁହେଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କାତର ପ୍ରାର୍ଥନା ଶୁଣିଲେ । ତାଙ୍କ ଆଦେଶରେ ମାତା ସରସ୍ୱତୀ ବୁଢ଼ୀର କଣ୍ଠରେ ବିଜେ ହେଲେ ଏବଂ ପୂଜା ପାଇଁ ଅନୁମତି ଦେଲେ । ନଣନ୍ଦ ଭାଉଜ ଡେରିରେ ସମୁଦ୍ର କୂଳକୁ ଯାଇ ପୂଜା ଆରାଧନା ଆରମ୍ଭ କଲେ । ସେମାନଙ୍କ ଭକ୍ତି ଓ ପୂଜାରେ ନିଷ୍ଠା ଦେଖି ମହାପ୍ରଭୁ ମୁଗ୍ଧ ହେଲେ ଓ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ରହିଗଲେ ।

ଏଣେ ଶ୍ରୀମନ୍ଦିରରେ ସକାଳ ଧୂପ ପାଇଁ ଗର୍ଭଗୃହରେ ପ୍ରସାଦ ବଢ଼ା ହେଲା ଏବଂ ଟେରା ପଡ଼ିଲା । ଧୂପ ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ସହିତ ଗଜପତି ମହାରାଜା ମଧ୍ୟ ଅପେକ୍ଷା କରିଥିଲେ । ପ୍ରସାଦ ଅର୍ପଣ ପୂର୍ବରୁ ପଣ୍ଡା ମହାପ୍ରଭୁଙ୍କୁ ଆବାହନ କରି ଚଳୁରେ ଦର୍ଶନ କରନ୍ତି । ତା' ପରେ ଭୋଜନ ପ୍ରସାଦ ସମର୍ପଣ ହେବା ଶ୍ରୀମନ୍ଦିରର ପରମ୍ପରା । କିନ୍ତୁ ସେ ଦିନ ମହାପ୍ରଭୁ ରାଧା ଓ ସୁମେଧାର ପୂଜା ସମୁଦ୍ର କୂଳରେ ଗ୍ରହଣ କରୁଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ । ଗଜପତି ଭାବିଲେ ଯେ ସେବକମାନେ କିଛି ଅନ୍ୟାଚାର କରି ଥିବାରୁ ଠାକୁର ଚଳୁରେ ଆସୁ ନାହାନ୍ତି । ତେଣୁ ସେ ତତକ୍ଷଣାତ୍ ସଂପୃକ୍ତ ସେବକମାନଙ୍କୁ ବହିଷ୍କାର କରି ଶାସନୀ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କଲେ । ସେବକ ପ୍ରିୟ ଜଗନ୍ନାଥ ସତ୍ୟାଗ୍ରହ କଲେ । ସେ ନବନିଯୁକ୍ତ ସେବକମାନଙ୍କର ସେବା ଗ୍ରହଣ କଲେ ନାହିଁ । ତାହା ଦେଖି ଗଜପତି, ସେବକ, ସାଧୁସନ୍ଥ ଓ ଭକ୍ତମାନେ ମଧ୍ୟ ଉପବାସରେ ରହିଲେ । ତୃତୀୟ ଦିନ ରାତିରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ କହିଲେ- 'ତିନିଦିନ ହେଲା ମୋ ଉପବାସ, ମୋର ପଣ୍ଡାଙ୍କୁ କରିଅଛୁ ବସ / ତୁ ଯେ ବୋଲିଲୁ ଉଚ୍ଛୁର ହୋଇଲା, ତହିଁ ପଣ୍ଡାଙ୍କର ଦୋଷ ନୋହିଲା / ମୋତେ ଦେଖିଲେ ସିନା ଚଳୁ ଦେବେ, ମୁଁ ତ ସେଠାରେ ନ ଥିଲି ଦଇବେ / ସେଇଠାରେ ମୋର ବଡ଼ ଶରଧା, ଯହିଁ ପୂଜନ୍ତି ଦାମୋଦର ରାଧା ।'(ଓଡ଼ିଆ ଓଷାବ୍ରତ କଥା) । ତା' ପରଦିନ ରାଜା ନିଜେ ମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ । ତା' ପରେ ପଣ୍ଡାମାନଙ୍କୁ କ୍ଷମା ମାଗି ପୁଣି ସେମାନଙ୍କୁ ସେବାରେ ନିଯୁକ୍ତି ଦେଲେ । ମନ୍ଦିରର ନୀତିକାନ୍ତି ପୂର୍ବବତ୍ ସୁରୁଖୁରୁରେ ଚାଲିଲା ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଜୟ ଢ଼ୋଲକିଆ ହେବେ ବିଜେପି ପ୍ରାର୍ଥୀ

# ବୃହତ୍ ବ୍ୟବଧାନରେ ବିଜୟୀ ହେବୁ: ବିଜେଡି

## ପ୍ରତାରକଙ୍କୁ ଉଚିତ୍ ଜବାବ ଦେବେ ନୂଆପଡ଼ାବାସୀ

ଭୁବନେଶ୍ୱର,୧୪।୧୦(ସମିସ): ଚଳିତ ବର୍ଷ ଦଶହରା ପରେ ପରେ ରାଜ୍ୟର ପାଣିପାଗ ନରମ ହେଉଥିବାବେଳେ ନୂଆପଡ଼ା ରାଜନୀତି ଉଷ୍ମ ହେବାରେ ଲାଗିଛି। ପୂର୍ବରୁ କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେପି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ୧୬ ତାରିଖରେ ଜୟ ଢୋଲକିଆ ବିଜେପି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ,

### ଉଷ୍ମ ହେଉଛି ନୂଆପଡ଼ା ରାଜନୀତି

ଦଳର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ବିଜେପି ସାଂସଦ ସୁଜିତ୍ କୁମାର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ ବିଜେପିକୁ ତେରଛା ବାଣ ମାରିବା ସହ ଅକଳ୍ପନୀୟ ବ୍ୟବଧାନରେ ବିଜେଡି ବିଜୟ ହେବ ବୋଲି ଦୃଢ଼ୋକ୍ତି ପୋଷଣ କରିଛନ୍ତି। ସେ କହିଛନ୍ତି ଯେ ଗତକାଲି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ଠିକଣା ସମୟରେ ବଢ଼ିଆ ପ୍ରାର୍ଥୀ ଦେବ, ସେ ନେଇ ସନ୍ଦେହ ପ୍ରକାଶ କରିବାର ଆବଶ୍ୟକତା ନାହିଁ।ନୂଆପଡାରେ ଜିତାପଟ ହାସଲ କରିବା ବିଜେଡିର ଆଭିମୁଖ୍ୟ । ସେହି ଅନୁଯାୟୀ ଦଳ କାର୍ଯ୍ୟ କରୁଛି। ଜଣେ ଚାଲିଗଲା ପରେ ତାଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ ଦେବା ପରମ୍ପରା ବନ୍ଦ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନୁରୂପ ଭାବରେ ବିଜେଡିର ଅନ୍ୟତମ ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀ ଅଛନ୍ତି। ପ୍ରତାରଣା କରୁଥିବା ଲୋକଙ୍କ ସହ ନୂଆପଡ଼ାବାସୀ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇସାରିଛନ୍ତି।ରାଜ୍ୟ ବିଜେପି ସରକାର ରାଜ୍ୟ ସହ ପ୍ରତାରଣା କରୁଥିବା ବେଳେ ଜୟ ଢୋଲକିଆ ନୂଆପଡ଼ାବାସୀଙ୍କ ସହ ପ୍ରତାରଣା କରିଛନ୍ତି। ଉଭୟଙ୍କୁ ଭୋଟର ଠିକଣା ସମୟରେ ଜବାବ୍ ଦେବେ। ନୂଆପଡା ଉପ ନିର୍ବାଚନ ପାଇଁ ବଡ଼ ଷ୍ଟ୍ରାଟେଜି ବିଜେଡି କରିଛି। ବିଜେଡି ଯେଉଁ ଷ୍ଟାଇଲରେ ଲଢ଼ିବ ବିଜେପି ତାହା ପରିକଳ୍ପନା ବି କରି ପାରିବ ନାହିଁ। ପ୍ରାର୍ଥୀ ଚୟନ କୁ ନେଇ ଦଳରେ କୌଣସି ଅଡୁଆ ନାହିଁ। ଠିକ ସମୟରେ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ସେ କହିଛନ୍ତି।

## ବଡ଼ଧରଣର ନିଶା କାରବାର ରାକେଟ ପର୍ଦ୍ଦାଫାସ

# ୫୧୦୦ ବୋତଲ କଫ୍‌ସିରପ୍ ଜବତ, ୨୦ ଗିରଫ

ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ପୁଲିସ ଆଜି ଏକ ବଡ଼ଧରଣର ନିଶା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିଛି। ବରେଇପାଲି ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲାଣ ହେଉଥିବା ୫୧୦୦ ବୋତଲ କଫସିରପ୍ ଜବତ କରିବା



ସହ ଏଥିରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ହେଲେ, ଲୋକେଶ ପଧାନ ଓରଫ୍ ଆକାଶ (୩୦), ମନୀଷ ସିଂହ (୨୭), ମହିନ୍ଦ୍ର କିସାନ(୨୫), ପ୍ରଭାତ ଭୋଇ ଓରଫ୍ ଟିଟୁ (୨୩), ଅମୋଦ କରାଲି (୩୨), ତ୍ରିନାଥ ବେହେରା ଓରଫ୍ ଟିନୁ (୩୧), ଶେଖ ଫିରୋଜ ଓରଫ୍ ସୋନୁ (୨୯), ପୀତବାସ ସାହୁ (୪୦), ସତ୍ୟମ ନାଗ (୩୩), ଚିଣ୍ଟୁ ସୁନା (୨୫), ସଞ୍ଜୀବ ମେହେର (୨୦), ରବି ଦାସ ଓରଫ ସାହୁ (୨୫) ଓ ସତ୍ୟମ ସ୍ୱାଇଁ (୩୦), ଦୁର୍ଗା ଦୀପ (୪୦), ବସନ୍ତ ଗୁରୁ (୨୭), ସୁଦର୍ଶନ ରାଉତ ଓରଫ୍ ସୋନୁ (୨୩), ହାସାନ ରାଜା (୨୪), ପପି ବିଭାର (୨୫), ଅମନ ଦୀପ (୨୧) ଓ ଅନିଲ ଯାଦବ (୩୨) । ସେମାନଙ୍କଠାରୁ ଗୋଟିଏ କାର, ଗୋଟିଏ ପିକ୍‌ଅପ୍ ଭ୍ୟାନ, ୧୭ଟି ଜରିବ୍ୟାଗ୍‌ରେ ୫୧୦୦ ବୋତଲ ଏସ୍‌କଫ୍ କଫସିରପ୍, ୫ଟି ମୋବାଇଲ ଓ ନଗଦ ୪୦,୯୨୦ ଟଙ୍କା ଜବତ କରାଯାଇଛି। ଜବତ କଫସିରପ୍‌ର ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି ଏବଂ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ବରେଇପାଲି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଅଭିଯୁକ୍ତ ଲୋକେଶ, ମହିନ୍ଦ୍ର, ପ୍ରଭାତ, ଅମୋଦ ଓ ମନୀଷ ଗୋଟିଏ ପିକ୍‌ଅପ୍ ଓ କାର୍‌ରେ କଟକରୁ ଏହି ବେଆଇନ କଫସିରପ୍ ଆଣିଥିଲେ। ଏହି କଫସିରପ୍‌କୁ ସେମାନେ

### କଟକକୁ ଲମ୍ବିଛି ଚେର

ବିଭିନ୍ନ ପଡ଼ାରେ ବେଆଇନ ବିକ୍ରୟକାରୀଙ୍କୁ ଦେଇଥାନ୍ତେ। ପଚରାଉଚରା ସମୟରେ ଲୋକେଶ କହିଛି ଯେ ସେ ସ୍ଥାନୀୟ କଫସିରପ ଚାଲାଣକାରୀମାନଙ୍କଠାରୁ ଟଙ୍କା ସଂଗ୍ରହ କରି ପରଧିଆପାଲିର ଚନ୍ଦ୍ରଶେଖର ନାଏକକୁ ଦେଇଥିଲା। ସେ ୟୁପିଆଇ ଜରିଆରେ କଟକର ଡ୍ରଗ୍ ଯୋଗାଣକାରୀକୁ ଟଙ୍କା ପଠାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି। ଫେରାର୍ ଥିବା କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ୫ ଜଣ ଧରାପଡ଼ିଥିବାବେଳେ୨ଜଣଫେରାରଅଛନ୍ତି। ଏହିଭଳି ନିଶା କାରବାରକୁ କିଛି ଲୋକ ଆର୍ଥିକ ସହଯୋଗ ଦେଉଛନ୍ତି, ସେମାନଙ୍କ ପର୍ଦ୍ଦାଫାସ କରାଯିବା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବ। ପ୍ରାୟ ସମସ୍ତଙ୍କ ନାମରେ ଅପରାଧିକ ମାମଲା ରହିଛି।

## ପୁଲିସ ଇନ୍‌ଫର୍ମର୍ ସନ୍ଦେହରେ ବିଜେପି କର୍ମୀଙ୍କୁ ହତ୍ୟା

ମାଲକାନଗିରି, ୧୪ ।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ଉସୁର ବ୍ଲକ୍‌ର ମୁଞ୍ଜାଲ କାଙ୍କେର ଗ୍ରାମର ଜଣେ ସକ୍ରିୟ ବିଜେପି କର୍ମୀ ସତ୍ୟମ୍ ପୁନେମଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ମାଓବାଦୀମାନେ ତାଙ୍କୁ ଘରୁ ଟାଣି ଆଣି କିଛି ଦୂରକୁ ନେଇଯାଇଥିଲେ ଏବଂ ରଶି ସାହାଯ୍ୟରେ ଗଳାକାଟି ହତ୍ୟା କରିଥିଲେ। ମାଓବାଦୀମାନେ ଘଟଣାସ୍ଥଳ ନିକଟରେ ଏକ ହାତ ଲେଖା ଚିଠି ମଧ୍ୟ ଛାଡ଼ିଥିଲେ। ମାଓ ସଂଗଠନର ମଦେଡ ଏରିଆ କମିଟି ଏହି ଘଟଣା ଘଟାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ତେବେ ତାଙ୍କୁ ପୂର୍ବରୁ ବାରମ୍ବାର ଚେତାବନୀ ସତ୍ତ୍ୱେ ସେ ମାଓବାଦୀଙ୍କ ତଥ୍ୟ ପୁଲିସକୁ ଦେଉଥିବାରୁ ସତ୍ୟମ ପୁନେମଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଘଟଣାକୁ ନେଇ ପରିବାର ଲୋକେ ଇଲମିଡି ପୁଲିସ ଷ୍ଟେସନକୁ ସୂଚନା ଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 01**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2025044
ତା. 25.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.28.10.2025 ରିଖ 1200 ଘଟିକାରେ | ତା.07.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର

PR-133/CI/25-26


**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 743, date- 16/09/2025 I , Elieo harijan, resident of At- Tikirachura, Po-Binjili, Po-Kosagumunda,Dist-Nabarangapur ,Pin-764058, declare that I have changed my daughter 's name from Suhana Abha Rani to Suhana Abharani Chalki. Hens,Suhana Abharani Chalki She shall be know as For all future purposes.

SUHANA ABHARANI CHALKI

**AFFIDAVIT**

By Virtue of an affidavit Sl. No. 437/25, dtd. 14.05.2025 before the Notary Public, Bhubaneswar, I, Ruksana Begum, At- Ray No.90, Shanti Nagar, Sikharchandi, Po. KIIT, Ps.- Infocity, Bhubanesar have changed my minor son's name from Rajaya Mustafa to Mir Raza E Mustafa for all purposes. Henceforth he shall be known as **Mir Raza E Mustafa** for all purposes.

Sd/- Ruksana Begum


## ପାର୍ଟ ପ୍ଲଟ୍ ପଞ୍ଜୀକରଣ

# ଏସ୍‌ଓପି ଜାରି; ଫିଟିଲା ବାଟ

ଭୁବନେଶ୍ୱର,୧୪।୧୦ (ସମିସ): ଫିଟିଲା ପାର୍ଟ ପ୍ଲଟ ପଞ୍ଜୀକରଣ ବାଟ। ଏଥିପାଇଁ ଆଜି ନୂଆ ଏସଓପି ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ନୂତନ ଏସ୍‌ଓପି ଅଣାଯାଇଛି।

ଏହି ନୂଆ ଏସ୍‌ଓପି ଦ୍ୱାରା ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀକୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ସମାନତା, ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ କରିବାରେ ଏହି ଏସ୍‌ଓପି କାର୍ଯ୍ୟ କରିବ ବୋଲି କୁହାଯାଉଛି ।

### ଗ୍ରାମାଞ୍ଚଳରେ ଜଳାଶୟ ବ୍ୟତୀତ ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି

**ଘୋଷଣାନାମା ଦେଇ ହୋଇପାରିବ ଚାଷ ଜମି ପଞ୍ଜୀକରଣ**

**ସହରାଞ୍ଚଳରେ ପଞ୍ଜୀକରଣ ହୋଇପାରିବ ୫୦୦ ବର୍ଗ ମିଟର ପରିମିତିର ପ୍ଲଟ୍**



ପଞ୍ଜୀକରଣ ଅଧିକାରୀଙ୍କ ମଧ୍ୟରେ ଅସଙ୍ଗତି ଦୂର କରିବା ସହିତ ପଞ୍ଜୀକରଣ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ (ସଂଶୋଧନ) ଅଧିନିୟମ ୨୦୧୩ ଅନୁଯାୟୀ ରହିଥିବା ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ପାର୍ଟ ପ୍ଲଟ ପଞ୍ଜୀକରଣ ସମୟରେ ରାଜ୍ୟର ଅଧିକାରୀମାନେ ଆଇନ ଏବଂ ପ୍ରକ୍ରିୟା ବିଷୟରେ ଦ୍ୱନ୍ଦ୍ୱରେ ରହୁଥିଲେ; ଏଥିପାଇଁ ପ୍ଲଟ୍ ପଞ୍ଜୀକରଣରେ ସମାନତା ଆସିପାରୁ ନ ଥିଲା ଓ ଜନସାଧାରଣ ଅନେକ ଅସୁବିଧା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଏସଓପି ଆଣାଯାଇଛି। ଏଣିକି ଗ୍ରାମାଞ୍ଚଳରେ ଜଳଜମି କିସମ ପ୍ଲଟ୍ ବ୍ୟତୀତ ଗ୍ରାମାଞ୍ଚଳରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ବିନା ପୂର୍ବ ସର୍ତ୍ତରେ ଏହି ଅନୁମତି ଦିଆଯିବ। ଏହାକୁ ସମ୍ପୂର୍ଣ୍ଣ ପ୍ଲଟ୍ ଭାବରେ ସ୍ଥାନାନ୍ତର କରାଯିବ। ସବ୍-ଡିଭିଜନ ସହିତ ୫୦୦ ବର୍ଗ ମିଟରରୁ ଅଧିକ ହେବ ନାହିଁ। ସେହିପରି ଚାଷ ଜମି କ୍ଷେତ୍ରରେ ଯଦି ପ୍ଲଟ୍ କୃଷି କିସମ ହୋଇ ରହିଥାଏ, କେବଳ କୃଷି ବ୍ୟବହାରକୁ ସୁନିଶ୍ଚିତ କରୁଥିବା 'ଫର୍ମ ଡି' ରେ ଏକ ସ୍ୱ-ଘୋଷଣା ଦ୍ୱାରା ଏହି ପଞ୍ଜୀକରଣ କରାଯିବ।

ସହରାଞ୍ଚଳ ଓ ଯୋଜନାବଦ୍ଧ ଅଞ୍ଚଳ ଆଦି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଏବଂ ଟାଉନ ପ୍ଲାନିଂ ଅଧିନିୟମ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାରିବାରିକ ସବ-ଡିଭିଜନ, ଛୋଟ ସବ-ଡିଭିଜନ (୫୦୦ ବର୍ଗ ମିଟରରୁ କମ୍ ଏବଂ କୌଣସି ରିଅଲ ଇଷ୍ଟେଟ୍ ବ୍ୟବହାର ହେବନି) ଏହାକୁ ମଧ୍ୟ ଅନୁମତି ଦିଆଯାଇଛି। ସେହିପରି ସହ-ଅଂଶୀଦାର ଡିଭିଜନ (ସମ୍ମତି ଏବଂ ଆନୁପାତିକ ଅଂଶ ସହିତ) ପୂର୍ବରୁ ଥିବା ଛୋଟ ପ୍ଲଟ୍ ଯାହାକି ୨୦୨୫ ଓଡିଏ, ଟିପି ଏବଂ ଆଇଟି ଦ୍ୱିତୀୟ ସଂଶୋଧନ ନିୟମ ପୂର୍ବରୁ ରେକର୍ଡ ହୋଇଥିବା ୫୦୦ ବର୍ଗ ମିଟରରୁ କମ୍ ପ୍ଲଟ୍‌ଗୁଡ଼ିକୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ପଞ୍ଜୀକରଣ ଅଧିକାରୀମାନେ ମ୍ୟାପ, ସୀମା ଏବଂ ଘୋଷଣାଗୁଡ଼ିକୁ ଯାଞ୍ଚ କରିବା ନିୟମର ଅନୁପାଳନ କରିବାକୁ କୁହାଯାଇଛି। ରେକର୍ଡରେ ସ୍ୱ-ଘୋଷଣାଗୁଡ଼ିକୁ ସଂରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ପ୍ରଭାବଃ ସ୍ୱରୂପ ଏହି ଏସଓପିକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**GOVERNMENT OF ODISHA**
**"e" PROCUREMENT NOTICE** A-729
**Bid Identification No: S.E. KCD-I (KIP)-07/2025-26**
**(Pertaining to Kanpur Canal Division-I, Jhumpura)**

| | | |
|---|---|---|
| 1. | Name of the Work | "M/R to Kanupur Irrigation Colony, Jhumpura for the FY 1st June 2025 to 31 March 2026." |
| 2 | Estimated cost | Rs.6,26,590.00 |
| 3 | Period of completion | 06 (Six) Calendar Months including rainy season. |
| 4 | Date & time of availability of bid document in the portal | Dt.15.10.2025 from 10.00 Hours to Dt.29.10.2025 up to 17.00 Hours |
| 5 | Last date / Time for receipt of bids in the portal | 29.10.2025 up to 17.00 Hours. |
| 6 | Date & Time of opening of tender | 30.10.2025 at 11.00 Hours. |
| 7 | Name and address of the Officer Inviting Bid | Er Duryodhan Kisan Superintending Engineer, Kanpur Canal Division-I, At/PO- Jhumpura, Dist- Keonjhar, Odisha-758031 |

Further details can be seen from the e-Procurement portal "https://www.tendersodisha.gov.in."

(Er. Duryodhan Kisan)
Superintending Engineer,
Kanpur Canal Division-I,
Jhumpura, Keonjhar, Odisha..

OIPR-32157/11/0005/2526

## ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫ - ୨୬ ବର୍ଷରେ ଆମ୍ଭ ଢେଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁନ୍ଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛୁ ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଅବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛକୁ ଦୂରତାରେ ବିହନ ବୁଣା ଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହା ଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ଢେଙ୍କାନାଳ


**AFFIDAVIT**

By virtue of an affidavit (Date.22/09/2025) sworn before the Executive Magistrate, Padampur. I, **Mamata Bhoi** (new name), W/o Late Himanshu Sekhar Sahoo, permanent & current resident of AT/PO- Kanut, Dist- Balangir, PIN- 767026, Odisha declare that I have changed my name from **Mamata Sahoo** (old name) to **Mamata Bhoi** (new name). Henceforth, I shall be known as **Mamata Bhoi** (new name) for all purposes.

**Mamata Bhoi**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 10.10.2025, I Sangram Kishore Rout, Resident At- Panamurga, Po- Ghatipiri, Dist- Dhenkanal, Odisha, PIN- 759015, declare that I have changed my son's name from Saubhagya Jena to Soubhagya Rout. Henceforth, He shall be known as **SOUBHAGYA ROUT** for all future purposes.

**AFFIDAVIT**

I, Jabir Mohammed, S/o- Late Sagir Mohammad, resident of Paikerapur, Post- Chhatia, Ps- Byree, Dist- Jajpur, PIN- 754023, Odisha declare by this affidavit No. 312, dtd- 27.09.2025 that now onwards I shall be known as **JABIR MOHAMMAD** for all future purposes.

**AFFIDAVIT**

I, Smt. Kamalesh Kumari Parida, W/o- Lingraj Parida, at Adarshmarg, Po/Ps– Ainthapali, Dist.: Sambalpur, declare by this affidavit before Notary Public, Sambalpur that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 13/09/2025. I, **Pradyumna Benia** (new name), formerly called as **Pradyumna Jenia** (old name), S/o Madana Benia, permanent resident of AT- Amurla, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Pradyumna Jenia** (old name) to **Pradyumna Benia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Pradyumna Benia** (new name) for all purposes.

**Pradyumna Benia**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Binod Kumar Behera, resident At- Haridagahir, Ps- Karikol, Sub Dist- Athagad, Dist- Cuttack, Odisha, PIN- 754209 declare that I have changed my name from Binod Kumar Beura to Binod Kumar Behera. Henceforth I shall be known as **BINOD KUMAR BEHERA** for all purposes.

**AFFIDAVIT**

By virtue of an affidavit (No. 605/25) sworn before the Notary Public, Borigumma on dated- 12/10/2025. I, **Sri Padu Jani,** S/o Late Ghana Jani, Address: Village- Phundaguda, Khudiguda, PO/PS- Borigumma, Dist- Koraput, Pin- 764056, Odisha declare that I have changed my son's name from **Kamandan Jani** to **Kamaladan Jani** in his Aadhar Card (vide No. 8139 7095 7497). Henceforth, he shall be known as **Kamaladan Jani** (new name) for all purposes.

**Sri Padu Jani**

**AFFIDAVIT**

I, Bimla Nandi, W/O Late-Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.- Mayurbhanj, Pin.No.-757001, Odisha, declared by this affidavit No-1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**Bimla Nandi**

**AFFIDAVIT**

By virtue of an affidavit No. 5822, sworn before the Executive Magistrate Champua on dated- 14/10/2025. I **Jasabati Munda,** W/o-Markanda Munda, resident of Vill/Po- Bankia, Ps- Champua, Dist- Keonjhar Pin- 758044, Odisha declare that I have changed my name from **Joshabati Munda** (old name) to **Jasabati Munda** (new name). Henceforth she shall be known as **Jasabati Munda** for all future purposes.

**Jasabati Munda**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Kanchan Mohanty, W/o- Susanta Kumar Mohanty resident At- Bisunipada, Po- Jhintisasan, Balakati, Dist- Khordha, Odisha, PIN- 752100 declare that I have changed my name from Kanchan Vishwakarma to Kanchan Mohanty. Henceforth I shall be known as **KANCHAN MOHANTY** for all purposes.

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 744, date- 16/09/2025 I , Elieo harijan, resident of At- Tikirachura, Po-Binjili, Po-Kosagumunda,Dist-Nabarangapur ,Pin-764058, declare that I have changed my Son's name from Lucky sawan kumar to Lucky sawan Chalki.Hens ,Lucky sawan chalki. He shall be know as for all future purposes.

LUCKY SWAIN CHALKI


## ଡିସେମ୍ବର ୧୩ରୁ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ



ବାରିପଦା,୧୪।୧୦(ସମିସ): ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ ଯଥା କ୍ଷୁଦ୍ର ଚଳଚ୍ଚିତ୍ର (୩୦ମିନିଟ) ଓ ଡକ୍ୟୁମେଣ୍ଟାରି (୪୫ମିନିଟ) ଫିଲ୍ମଗୁଡ଼ିକ

**ନଭେମ୍ବର ୨୦ ସୁଦ୍ଧା ପଞ୍ଜୀକରଣ**

ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରଯୋଜକମାନେ ଅନଲାଇନ୍‌ରେ ନଭେମ୍ବର ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ ବୋଲି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି। ଫାଉଣ୍ଡେସନ୍‌ର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି।

**କଟକ କ୍ଲବ୍**

ପଞ୍ଜିକୃତ କାର୍ଯ୍ୟାଳୟ: ବାରବଟି ଫୋର୍ଟ, ବାରବାଟୀ ଷ୍ଟାଡିୟମ ନିକଟ, କଟକ – ୭୫୩୦୦୧, ଓଡ଼ିଶା
ଫୋନ୍: ୦୬୭୧-୨୩୦୧୦୪୧, ୭୯୭୮୨୬୭୬୫୦
CIN: U91990OR1949NPL000181
ୱେବସାଇଟ୍: www.cuttackclub.com, ଇ-ମେଲ୍: info@cuttackclub.com

କଟକ କ୍ଲବର ସଦସ୍ୟମାନଙ୍କ ପାଇଁ ସୂଚନା
(କମ୍ପାନୀ (ପରିଚାଳନା ଓ ପ୍ରଶାସନ) ନିୟମାବଳୀ, 2014 ର ନିୟମ 20(4)(v) ଅନୁଯାୟୀ)

ଏତଦ୍ୱାରା ସୂଚିତ କରାଯାଉଛି ଯେ, ୭୬ତମ ବାର୍ଷିକ ସାଧାରଣ ସଭା (AGM) ରବିବାର, ୨୫ ଅକ୍ଟୋବର ୨୦୨୫ ରେ ସକାଳ ୧୦.୦୦ ଟାରେ, କଟକ କ୍ଲବର ସେଣ୍ଟେନାରୀ ହଲ୍ (ଆନେକ୍ସ-୧), ବାରବଟି ଫୋର୍ଟ, ବାରବାଟୀ ଷ୍ଟେଡିୟମ ନିକଟରେ, କଟକ - ୭୫୩୦୦୧, ଓଡିଶା ଠାରେ ଆୟୋଜିତ ହେବ। ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟ ସୂଚନା ଦିଆଯାଉଛି

1) AGM ର ନୋଟିସ, ଏଜେଣ୍ଡା, ଯୋଗ୍ୟତା ମାନଦଣ୍ଡ ଓ ପ୍ରସ୍ତାବ ସମ୍ବନ୍ଧୀୟ ନିୟମାବଳୀ ସଦସ୍ୟମାନଙ୍କ ନିବନ୍ଧିତ ଇ-ମେଲ ଆଇ.ଡି. ଏବଂ WhatsApp ମାଧ୍ୟମରେ ପଠାଯାଇଛି।
2) କମ୍ପାନୀ ନ୍ୟାସନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ (NSDL) କୁ ସଦସ୍ୟମାନଙ୍କ ପାଇଁ ଇ-ଭୋଟିଂ ସୁବିଧା ପ୍ରଦାନ କରିବାକୁ ନିଯୁକ୍ତ କରିଛି। ବ୍ୟବସାୟଗୁଡିକ ଇଲେକ୍ଟ୍ରୋନିକ ମାଧ୍ୟମରେ ରିମୋଟ୍ ଭୋଟିଂ (E-voting) ଓ ଶାରୀରିକ ଭୋଟିଂ (Physical voting) ଦୁହିଟି ମାଧ୍ୟମରେ ସମ୍ପାଦିତ ହେବ।
3) ରିମୋଟ୍ ଇ-ଭୋଟିଂ ଅବଧି ୨୪.୧୦.୨୦୨୫ (ଶୁକ୍ରବାର) ସକାଳ 09:00 ଠାରୁ ସନ୍ଧ୍ୟା 17:00 (IST) ପର୍ଯ୍ୟନ୍ତ ରହିବ। ଉକ୍ତ ସମୟସୀମା ପରେ ରିମୋଟ୍ ଭୋଟିଂ ଅନୁମତି ନହେବ।
4) ଶାରୀରିକ ଭୋଟିଂ ୨୫.୧୦.୨୦୨୫ (ଶନିବାର) ଦିନ କ୍ଲବ ପ୍ରାଙ୍ଗଣରେ ଦୁପର 12.00 ଠାରୁ ଆରମ୍ଭ ହେବ। ଯେ ସଦସ୍ୟମାନେ ପୂର୍ବରୁ ଇ-ଭୋଟିଂ କରିଥିବେ ସେମାନେ ସଭାରେ ଯୋଗ ଦେଇପାରିବେ, କିନ୍ତୁ ପୁଣିଥରେ ଭୋଟ ଦେଇପାରିବେ ନାହିଁ।
5) ରିମୋଟ୍ ଇ-ଭୋଟିଂ ପାଇଁ User ID ଓ Password ସହିତ ନିର୍ଦ୍ଦେଶନାମା NSDL ଦ୍ୱାରା ସଦସ୍ୟମାନଙ୍କ ନିବନ୍ଧିତ ଇମେଲ ଓ ମୋବାଇଲ ନମ୍ବରକୁ ପଠାଯିବ (କଟଅଫ ତାରିଖ ୩୧ ଅଗଷ୍ଟ ୨୦୨୫ ଅନୁସାରେ)। ଯଦି ଇ-ଭୋଟିଂରେ କୌଣସି ଅସୁବିଧା ହୁଏ, କ୍ଲବ ତାହା ପାଇଁ ଦାୟୀ ନ ହେବ।
6) NSDL ର ଇମେଲ ପାଇଲେ, ସେମାନଙ୍କ ୱେବସାଇଟ୍ https://www.evoting.nsdl.com କୁ ଯାଆନ୍ତୁ। "Login" ବିକଳ୍ପକୁ ଚୟନ କରନ୍ତୁ (Shareholder/Member ଶିରୋନାମାର ତଳେ ଉପଲବ୍ଧ)। ତାହାପରେ ସିଷ୍ଟମ ଆପଣଙ୍କୁ User ID ପ୍ରବେଶ କରିବାକୁ ପଚାରିବ- NSDL ଦ୍ୱାରା ପ୍ରଦାନିତ User ID ଓ Password ପ୍ରବେଶ କରନ୍ତୁ।
7) ସଫଳତାର ସହିତ ଲଗଇନ୍ କଲାପରେ, e-voting ପୃଷ୍ଠାରେ "EVEN" ବିକଳ୍ପ ଚୟନ କରନ୍ତୁ ଓ ଭୋଟ ଦିଅନ୍ତୁ। ପସନ୍ଦ କରାଯାଇଥିବା ବିକଳ୍ପ ଚୟନ କରି "Submit" ଏବଂ "Confirm" କ୍ଲିକ୍ କରନ୍ତୁ। "Vote cast successfully" ବାର୍ତ୍ତା ଦେଖାଯିବ।
8) ଏକଥର ଭୋଟ ନିଶ୍ଚିତ କଲାପରେ ତାହାକୁ ପରିବର୍ତ୍ତନ କରିପାରିବେ ନାହିଁ।
9) ଯଦି କୌଣସି ସମସ୍ୟା ବା ଅସୁବିଧା ହୁଏ, ଦୟାକରି ଯୋଗାଯୋଗ କରନ୍ତୁ।
Ph.: 022-48867000, 022-24997000, Email: evoting@nsdl.co.in

କଟକ କ୍ଲବ ପକ୍ଷରୁ ଓ ତାହାର ପକ୍ଷରେ
ସୁଭେନ୍ଦୁ ମୋହନ ପଟ୍ଟନାୟକ
ମାନ୍ୟବର ସଚିବ ତଥା ନିର୍ଦ୍ଦେଶକ
DIN: 02407792

ପଞ୍ଚାୟତ ସମିତି, ମାଲକାନଗିରି
**PANCHAYAT SAMITI, MALKANGIRI**
Dist.: Malkangiri
Pin-764048, Ph./Fax : 06861-231219
Email: ori-bmalkangiri@nic.in

**ବିଜ୍ଞାପନ**

ଏତଦ୍ଦ୍ୱାରା ପଞ୍ଚାୟତ ସମିତି, ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ , ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ଆର୍ଥିକ ବର୍ଷ(୨୦୨୫-୨୬) ୦୧.୦୪.୨୦୨୫ ଠାରୁ ୩୦.୦୯.୨୦୨୫ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନା ଅଧିନରେ କାର୍ଯ୍ୟକାରୀ କରାଯାଇ ଥିବା ପଞ୍ଚାୟତ ସମିତି , ଲାଇନ ଡିପାର୍ଟମେଣ୍ଟ , ଗ୍ରାମ ପଞ୍ଚାୟତ ସ୍ତରୀୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଥିବା ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ କାର୍ଯ୍ୟକୁ ତନଖି ଦେଖିବେ ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାଲକାନଗିରି ଙ୍କ ପତ୍ର ସଂଖ୍ୟା ୫୨୦୩ ତାରିଖ ୧୦.୧୦.୨୦୨୫ ପ୍ରକାରେ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ରୋଜଗାର ସହାୟକ, ମେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ଅଧିକାରୀ ମାନଙ୍କୁ ନିଜ ନିଜ ଗ୍ରା.ପ. ଅଫିସରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ନଥିପତ୍ର ଗୁଡ଼ିକୁ ଯାଞ୍ଚ କରିବା ପାଇଁ ସମୀକ୍ଷା ଦଳକୁ ପ୍ରଦାନ କରିବେ ।

ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତର ସରପଞ୍ଚ ଓ ସର୍ବସାଧାରଣଙ୍କୁ ଅନୁରୋଧ କରା ଯାଉଛି ଯେ ଏଥିରେ ସହଯୋଗ କରିବା ହେବେ ।

| କ୍ରମିକ ନମ୍ବର | ଗ୍ରାମ ପଞ୍ଚାୟତ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଗ୍ରାମସଭା ତାରିଖ | ନୋଡାଲ ଅଧିକାରି | ବ୍ଲକ୍ ସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|
| ୧ | ଚାଲାନଗୁଡା | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଏମ୍. ଆଇ | ୩୦.୦୩.୨୦୨୬ |
| ୨ | ତଣ୍ଡିକି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୩ | ପଦ୍ମଗିରି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଡବ୍ଲ.ଇ.ଓ | |
| ୪ | ସିନ୍ଧିମାଲା | ୩୧.୧୦.୨୦୨୫ | ୧୨.୧୧.୨୦୨୫ | ୧୨.୧୧.୨୦୨୫ | ଏମ୍. ଆଇ | |
| ୫ | ଉଡୁପା | ୩୧.୧୦.୨୦୨୫ | ୧୨.୧୧.୨୦୨୫ | ୧୨.୧୧.୨୦୨୫ | ଏ.ଇ.ଇ | |
| ୬ | ଗଙ୍ଗଲା | ୩୧.୧୦.୨୦୨୫ | ୧୨.୧୧.୨୦୨୫ | ୧୨.୧୧.୨୦୨୫ | ଡବ୍ଲ.ଇ.ଓ | |
| ୭ | ପେଦାୱାଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ପି.ଓ | |
| ୮ | ଗୌଡ଼ଗୁଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ବି.ଡି.ଓ | |
| ୯ | ଝରାପାଲି | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୦ | ତମସା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ବି.ପି.ସି (ଆର.ଏଚ୍) | |
| ୧୧ | ତଣ୍ଡାପାଲି | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏ.ଇ.ଇ | |
| ୧୨ | ଗୋରାଖୁଣ୍ଟା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏମ୍. ଆଇ | |
| ୧୩ | ଶିଖପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ପି.ଓ | |
| ୧୪ | ମାଟାପାକା | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ବି.ଡି.ଓ | |
| ୧୫ | ସେରପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ସି.ଡି.ପି.ଓ | |
| ୧୬ | ପେଡ଼ାକୋଣ୍ଡା | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ଏମ୍. ଆଇ | |
| ୧୭ | ବିରଲକ୍ଷ୍ମଣପୁର | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୮ | ପାଣ୍ଡ୍ରିପାଣି | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ସି (ଆର.ଏଚ୍) | |
| ୧୯ | ମାର୍କାପାଲି | ୦୯.୦୩.୨୦୨୬ | ୨୫.୦୩.୨୦୨୬ | ୨୫.୦୩.୨୦୨୬ | ଏ.ଇ.ଇ | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମାଲକାନଗିରି

# ବିରିକୋଟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି'



ମୋହନା,୧୪।୧୦(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ବିରିକୋଟ କ୍ଲଷ୍ଟର ତରଫରୁ ବିରିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଆରସିସି ଏଲିଶାୟ ଦଳବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ କମଳ ଲୋଚନ ରାଇକା ଓ କରୁଣା ରାଇକା ଉଦଘାଟନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅଚ୍ୟୁତ କାର୍ଜୀ ବେଦ ପାଠ କରିଥିଲେ। କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ବିଭିନ୍ନ ବିଭାଗରୁ କୃତି ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଜଗନ୍ନାଥ ଦାଶ, ଗୁଲୁବା ବିଦ୍ୟାଳୟର ଶିକ୍ଷକ ଦାଉଦ ମଲ୍ଲିକ, ଇଡ଼ିମା ରାଇକା, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଉଠାଣ ସିଂ ଓ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେରେ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାକୁ ଶିକ୍ଷକ ଗୌରହରୀ ପୋଲାଇ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



ପାରଳାଖେମୁଣ୍ଡି,୧୪।୧୦(ସମିସ): ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର ନର୍ସିଂ ବିଭାଗ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ସଚେତନତା ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗଜପତି ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସଭାଗୃହରେ ସଚେତନତା ବୈଠକ ହୋଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତିନ୍ଦ୍ର କୁମାର ପଣ୍ଡା, ଡିଏସପି ଅମିତା ପଣ୍ଡା ଯୋଗ ଦେଇଥିବା ବେଳେ ସିୟୁଟିଏମ୍‌ର ରେଜିଷ୍ଟ୍ରାର ଡ଼. ଅନିତା ପ୍ରାତ୍ର, ପ୍ରଶାସନିକ ନିର୍ଦ୍ଦେଶକ ଡ଼. ଦୁର୍ଗା ପ୍ରସାଦ ପାଢ଼ୀ ଓ ଡିନ୍ ପ୍ରଶାସନ ଡ଼ା.ଏସ. ପି. ନନ୍ଦ ମଞ୍ଚାସୀନ ଥିଲେ। ସମସ୍ତେ ନିଜେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରୀ ଏବଂ ଏଥି ନିମନ୍ତେ ଖାଦ୍ୟ ପାନୀୟ ଠାରୁ ଆରମ୍ଭ କରି ବ୍ୟାୟାମ ଅଭ୍ୟାସ ବିଷୟରେ ଆଲୋଚନାଚକ୍ର, ଅନଲାଇନ୍ କୁଇଜ୍ ଓ ଡିଭିଟି ଓ ଯତ୍ନବାନ ହେବା ଆଦି ଉପରେ ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ୩୦ରୁ ଅଧିକ ଅଂଶଗ୍ରାହଣକାରୀଙ୍କ ରକ୍ତଚାପ, ବିଏମ୍‌ଆଇ ଆଦି ପରୀକ୍ଷା ନିରୀକ୍ଷା କରାଯାଇଥିଲା।

# ଫିରିଙ୍ଗିଆ ଉଚ୍ଚବିଦ୍ୟାଳୟରେ 'ସୁରଭି'



ଫିରିଙ୍ଗିଆ,୧୪।୧୦(ସମିସ): ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧନ କର୍ମୀ ରାଜେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ସାଂସଦଙ୍କ ଶିକ୍ଷା ବିଭାଗ ପ୍ରତିନିଧି କଂସଦେବ ସାହୁ, ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ, କସ୍ତୁରବା ଗାନ୍ଧି ଆବାସିକ ବିଦ୍ୟାଳୟ ପରିଚାଳିକା ବାସନ୍ତୀ ଦେଇ, ପ୍ରେସ୍‌କ୍ଲବ ସଭାପତି ଉତ୍ତମ ଖମାରି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକ୍ରମ ମଲିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଟିକାପଟି ବିଦ୍ୟାଳୟର ଶିକ୍ଷକ ତଥା କନ୍ଧମାଳ ଜିଲ୍ଲାର ପରିଚିତ ଓଡିଶୀ ନୃତ୍ୟଗୁରୁ ବିନୋଦ ସାହୁ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିକଶିତ ଓଡ଼ିଶା ବିକଶିତ ଭରତ ଓ ମୋ ସ୍ୱପ୍ନର ଓଡ଼ିଶା ଶୀର୍ଷକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଅତିଥିଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଗୋପାଳ ମଲିକ ଓ ରମେଶ କହଁରଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

ଫିରିଙ୍ଗିଆ ପଞ୍ଚାୟତ ସମିତି ବୈଠକ

# ଶିକ୍ଷକ ଅଭାବ ଓ ବିଲ୍ ବିଳମ୍ବ ନେଇ ତାତିଲେ ଜନ ପ୍ରତିନିଧି

ଫିରିଙ୍ଗିଆ,୧୪।୧୦(ସମିସ): ଫିରିଙ୍ଗିଆ ବ୍ଲକ ସଭାଗୃହରେ ମଙ୍ଗଳବାର ଦ୍ୱାଦଶତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ବ୍ଲକ ଅଧ୍ୟକ୍ଷା ନମିତା କହଁର, ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ନୀଳ ଗିରିଶ ଦିଗାଲ ଓ ଜୟଶ୍ରୀ କହଁରଙ୍କ ସହ ପ୍ରତ୍ୟେକ ବିଭାଗ ଅଧିକାରୀ ଏବଂ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷା ବିଭାଗରେ ଶିକ୍ଷକ ଅଭାବ ଏବଂ କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ବେହେରା କାର୍ଯ୍ୟରେ ବିଲ୍ ନ କରି ବର୍ଷ ବର୍ଷ ଧରି ପଡ଼ି ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ଫିରିଙ୍ଗିଆ ବ୍ଲକ ସଲାଗୁଡା ସରପଞ୍ଚ ରୋହିତ କହଁର ସଲାଗୁଡା ସେବାଶ୍ରମରେ ପୋକରା ଚାଉଳ ଘଟଣାକୁ ନେଇ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ପ୍ରଶ୍ନ ପଚାରୁଥିବା ବେଳେ କିଛି ଗଣମାଧ୍ୟମ




ପ୍ରତିନିଧି ଫଟୋ ଓ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏହି ସମୟରେ ବିଧାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ କିଏ ଡାକିଛି କହିବା ସହ ଫଟୋ ନ ଉଠାଇବାକୁ ତାଗିତ କରିଥିଲେ। ସାମ୍ବାଦିକଙ୍କ ପ୍ରତି ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ନିନ୍ଦା କରିଥିବା ବେଳେ ଏହାକୁ ନେଇ ଆଗାମୀ ଦିନରେ ଜିଲ୍ଲା ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ଲିଖିତ ଭାବରେ ଜଣାଇବାକୁ ନିଷ୍ପତ୍ତି ହୋଇଥିବା ଫିରିଙ୍ଗିଆ ପ୍ରେସ୍ କ୍ଲବ ସଭାପତି ଉତ୍ତମ ଖମାରି କହିଛନ୍ତି।

ଜଣେ ବରିଷ୍ଠ ବିଧାୟକଙ୍କ ସାମ୍ବାଦିକଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଅଞ୍ଚଳର ଜନସାଧାରଣଙ୍କ ସହ ସମସ୍ତ ନିର୍ବାଚିତ ପ୍ରତିନିଧି ମଧ୍ୟ ନିନ୍ଦା କରିଛନ୍ତି। ଗୁମର ଖୋଲିଯିବା ସମ୍ଭାବନା ଥିବାରୁ ବିଧାୟକ ଗଣମାଧ୍ୟମକୁ ଭୟ କରୁଥିବା ଅଞ୍ଚଳର କିଛି ବିରୋଧୀ ଦଳର ନେତା ଓ କର୍ମୀ କହିଛନ୍ତି। ଏସମ୍ପର୍କରେ ବିଧାୟକ ଉମାଚରଣ ମଲିକଙ୍କୁ ପଚାରିବାରୁ ସାମ୍ବାଦିକଙ୍କୁ କିଏ ଓ କାହିଁକି ଡାକିଛନ୍ତି ବୋଲି କହିନାହିଁ। ସମିତି ବୈଠକ ଚାଲିଥିବା

## ସାମ୍ବାଦିକଙ୍କୁ ବିଧାୟକଙ୍କ ଆକ୍ଷେପକୁ ନିନ୍ଦା

ବେଳେ ଭିଡ଼ିଓ ଉତ୍ତୋଳନ କରିବା ମତେ ଠିକ ଲାଗିଲା ନାହିଁ ସେଥିପାଇଁ ମନା କଲି ବୋଲି କହିଛନ୍ତି। ଏହି ଘଟଣାରେ ବିଜେଡି ନେତା ତଥା ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ ଏବଂ ସରପଞ୍ଚ, ସମିତିସଭ୍ୟ ବିଧାୟକଙ୍କ ସାମ୍ବାଦିକଙ୍କ ପ୍ରତି ମନ୍ତବ୍ୟକୁ ଘୋର ନିନ୍ଦା କରିଛନ୍ତି। ପୂର୍ବରୁ କୌଣସି ସମିତି ବୈଠକରେ ବିଧାୟକ ଯୋଗ ଦେଉନଥିବାରୁ ଅସନ୍ତୋଷ ବ୍ୟକ୍ତ କରି ପୂର୍ବ ବୈଠକରେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ବୈଠକ ବର୍ଜନ କରିଥିଲେ।

● ଦଶପଲ୍ଲା ପୁଲିସ ମାଡ଼ ମାରିବା ଘଟଣା

# ଫିରିଙ୍ଗିଆ ଥାନାରେ ଏତଲା ଦେଲେ ବିଜେପି ମଣ୍ଡଳ ସଭାପତି

ଫିରିଙ୍ଗିଆ,୧୪।୧୦(ସମିସ): ଗତ ୯ ତାରିଖ ରାତିରେ କନ୍ଧମାଳ-ଭୁବନେଶ୍ୱର ରାସ୍ତାର ଦଶପଲ୍ଲା ଥାନା ଅନ୍ତର୍ଗତ



ରଙ୍ଗମାଟିଆ ଟୋଲ୍ ଗେଟ୍ ନିକଟରେ ଫୁଲବାଣୀ ନିର୍ବାଚନମଣ୍ଡଳୀ ଫିରିଙ୍ଗିଆ ବ୍ଲକ ନୂଆପଦର ବିଜେପି ମଣ୍ଡଳ ସଭାପତି ଦେବେଶ୍ୱର ଦୀପଙ୍କୁ ଦଶପଲ୍ଲା ପୁଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଶ୍ରୀ ଦୀପଙ୍କ ସହ ଅଞ୍ଚଳର ବିଜେପି ନେତା ଓ କର୍ମୀ ଫିରିଙ୍ଗିଆ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏହାର ଏକକିତା ନକଲ ରାଜ୍ୟପାଳ, ବିଜେପି ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ବିଜେପି ସଭାପତିଙ୍କୁ ମଧ୍ୟ ପ୍ରେରଣ ଦେଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଗତ ନଅ ତାରିଖ ଦିନ ଫିରିଙ୍ଗିଆ ବ୍ଲକ ସୁମେରବନ୍ଧ ପଞ୍ଚାୟତର ଜଣେ ଅସହାୟ ବିଧବା ମୁଖକର୍କଟ ରୋଗୀଙ୍କୁ ମଣ୍ଡଳ ସଭାପତି ତାଙ୍କ ନିଜ ଗାଡ଼ିରେ ତାଙ୍କର କିଛି ସହଯୋଗୀଙ୍କ ସହ କଟକ ବଡ଼ ମେଡିକାଲକୁ ନେଉଥିବାବେଳେ ରଙ୍ଗମାଟିଆ ନିକଟରେ ଥିବା ଟୋଲ୍ ଗେଟ ନିକଟରେ ଏକ ଧଳା ବୋଲେରୋ ଗାଡ଼ିରେ ୭ରୁ ୮ଜଣ ବ୍ୟକ୍ତି ଦଶପଲ୍ଲା ପୁଲିସର ପରିଚୟ ଦେଇ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ମଣ୍ଡଳ ସଭାପତି ତାଙ୍କର ପରିଚୟ ଦେବା ପରେ ମଧ୍ୟ ପୁଲିସ କର୍ମଚାରୀ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏତଲା ଦେବାବେଳେ ମଣ୍ଡଳ ସଭାପତିଙ୍କ ସହ ଫିରିଙ୍ଗିଆ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନହଲେ ଆନ୍ଦୋଳନ କରାଯିବ ବୋଲି ଫିରିଙ୍ଗିଆ ବ୍ଲକ ବିଜେପି ପକ୍ଷରୁ କୁହାଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଇଁ ବୈଠକ



ଜି.ଉଦୟଗିରି,୧୪।୧୦(ସମିସ): ଗାନ୍ଧୀ ଜୟନ୍ତୀରୁ ସାରା ରାଜ୍ୟରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଚଳିତ ମାସ ୨୪ ତାରିଖରେ ଜନସମ୍ପର୍କ ପଦଯାତ୍ରା ହେବ। ଆଜି ଅପରାହ୍ନରେ ସ୍ଥାନୀୟ ଏମଏମସି ହସ୍ପିଟାଲ ସଭା ଗୃହରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ଲିଙ୍ଗରାଜ କହଁର ପରିଚାଳନା କରିଥିବା ବେଳେ ଅନିଲ କୁମାର ଦଳବେହେରା ସହଯୋଗ କରିଥିଲେ। ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ଦାରିଙ୍ଗବାଡି ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, କାଳୁଚରଣ ପଣ୍ଡା, ସମୀର କୁମାର ପାଢ଼ୀ, ଜାଲିନା ପ୍ରିୟଦର୍ଶିନୀ, ଉଦୟନାଥ ନାୟକ, କୃତାଞ୍ଜଳି ନାୟକ, ସିଦ୍ଧେଶ୍ୱରୀ ନାୟକ ଓ ଚିନ୍ମୟ କୁମାର ସେଠୀ ଯୋଗ ଦେଇଥିଲେ। ଆସନ୍ତା ୨୪ ତାରିଖ ଦିନ ଜନସମ୍ପର୍କ ପଦଯାତ୍ରା ହେବା ନିମନ୍ତେ ସହମତି କ୍ରମେ ଦିନ ଧାର୍ଯ୍ୟ କରାଯାଇଥିଲା। ଶେଷରେ ଲିଙ୍ଗରାଜ କହଁର ଧନ୍ୟବାଦ ଅର୍ପଣ କରିଥିଲେ।

# ୪ କ୍ୱିଇଣ୍ଟାଲ୍ ଗଞ୍ଜେଇ ଜବତ; ୨ ଗିରଫ



ପାରଳାଖେମୁଣ୍ଡି,୧୪।୧୦(ସମିସ): ଗଜପତି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଜାରୀ ରହିଥିବା ପାଟ୍ରୋଲିଂ ବେଳେ କଣ୍ଟେନର ସହ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ସଦର ଅବକାରୀ ବିଭାଗ। ଏଥିରେ ସମ୍ପୃକ୍ତ ରାୟଗଡ଼ ବ୍ଲକ ଜିରାଙ୍ଗ ନଦୀସାହିର ସମେଶୁ ଲିମା (୨୦) ଓ ଆର୍.ଉଦୟଗିରି ବ୍ଲକ ବାଦପୁର ଗ୍ରାମର ଯୋଥାମ୍ ଲିମା (୩୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସଦର ଅବକାରୀ ବିଭାଗର ପ୍ରସନ୍ନ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଗୋଷାଣି ବ୍ଲକ ଲାବାଣ୍ୟଗଡ଼ର ଏକ ପାହାଡ଼ ନିକଟରେ ଠିଆ ହୋଇଥିବା କଣ୍ଟେନରକୁ ଯାଞ୍ଚ କରିଥିଲେ। ସେଠାରେ ଗଞ୍ଜେଇ ମେସିନ ମାଧ୍ୟମରେ ଭର୍ତ୍ତି କରାଯାଇ ଛୋଟିଆ ଛୋଟିଆ ପକେଟ କରାଯାଇଥିଲା। ଠିଆ ହେବା ଅବସ୍ଥାରେ ଥିବା କଣ୍ଟେନରରେ ଗୁପ୍ତ କୋଠରୀ କରାଯାଇ ସେଥିରେ ଗଞ୍ଜେଇ ପୁଡିଆ ରଖାଯାଉଥିଲା। କଣ୍ଟେନରରୁ ୪ କ୍ୱିଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। କଣ୍ଟେନର (ନଂ.ଏଚ୍‌ଆର୍ ୫୫ଏକେ-୪୫୮୭) ସହ ସମେଶୁ ଓ ଯୋଥାମ୍‌ଙ୍କୁ ଗିରଫ କରାଯାଇ ସଦର ଅବକାରୀ ଥାନାରେ ଏକ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି।

# ବ୍ରାହ୍ମଣୀଦେଇ ମନ୍ଦିରରେ ହାଡ଼; ଲୋକେ ଭୟଭୀତ



ମୋହନା,୧୪।୧୦(ସମିସ): ମନ୍ଦିରରେ ହାଡ଼ ଦେଖି ଗାଁ ଲୋକେ ଭୟଭୀତ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କର୍ଚ୍ଛବାଡି ଗାଁରେ ଥିବା ମା' ବ୍ରାହ୍ମଣିଦେଇ ମନ୍ଦିରରେ। ମଙ୍ଗଳବାର ସକାଳେ ପୂଜାରୀ ନରେନ୍ଦ୍ର ପାଇକ ମନ୍ଦିରକୁ ପୂଜା କରିବା ପାଇଁ ଆସିଥିଲେ। ମନ୍ଦିର ପରିସରକୁ ସଫା କରିବା ସମୟରେ ସିଂହଦ୍ୱାର ପାଖରେ ଏକ ହାଡ଼ ଥିବା ଦେଖିବାକୁ ପାଇଥିଲେ। ପୂଜାରୀ ଜଣକ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଁ ଲୋକେ ମନ୍ଦିରରେ ପହଞ୍ଚି ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ହାଡ଼କୁ ଜବତ କରିଥିବା ବେଳେ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ରହିଛି। ହାଡ଼ ମଣିଷ ନା କୌଣସି ପଶୁର ତାହା ସ୍ପଷ୍ଟ ହୋଇପାରିନି। ମୋହନା ଅଞ୍ଚଳରେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣି ଗାରେଡ଼ିକୁ ନେଇ ବର୍ତ୍ତମାନ ଲୋକେ କୋକୁଆ ଭୟରେ ରହିଥିବା ବେଳେ ଏବେ ଏହି ହାଡ଼କୁ ଦେଖି ଅଧିକ ଭୟଭୀତ ହୋଇପଡିଛନ୍ତି।

# ବେଆଇନ ବାଣ ଗୋଦାମରେ ଏସ୍‌ପିଙ୍କ ଚଢ଼ଉ

ପାରଳାଖେମୁଣ୍ଡି,୧୪।୧୦(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ବେଆଇନ ଭାବେ ବିକ୍ରୟ ହେଉଥିବା ଦୁଇଟି ବାଣ ଦୋକାନ ଉପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଏହି ଚଢଉରେ ଗୋଟିଏ ଦୋକାନରୁ ୩୦ ଲକ୍ଷ ଓ ଅନ୍ୟ ଏକ ଦୋକାନରୁ ୨୦ ଲକ୍ଷ ଟଙ୍କାର ବାଣ ଜବତ ହୋଇଛି। ଉକ୍ତ ଦୋକାନରେ ବେଆଇନ ଭାବେ ବାଣ ଗଚ୍ଛିତ ରହିଥିବାର ସୂଚନା ପାଇ



ପୁଲିସ ପକ୍ଷରୁ ଚଢଉ କରାଯାଇଥିଲା। ପାରଳାଖେମୁଣ୍ଡି-ରାଣୀପେଣ୍ଠ ରାସ୍ତାରେ ରହିଥିବା ରେଲିସାହି ମୌଜାର ଦୁଇଟି ଦୋକାନ ଉପରେ ଚଢଉ ହୋଇଥିଲା। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମାମଲା ରୁଜୁ କରାଯାଇଛି।

ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ସମେତ ଆଦର୍ଶ ଥାନାର ବହୁ ପୁଲିସ ଅଧିକାରୀ

## ୫୦ ଲକ୍ଷ ଟଙ୍କାର ବାଣ ଜବତ

ଚଢ଼ଉରେ ସାମିଲ ଥିଲେ। ବେଆଇନ ଭାବେ ଯେଉଁ ବାଣ ବିକ୍ରୟ କିମ୍ବା ଗଚ୍ଛିତ ରହିଥିବ ସ୍ଥାନରେ ଏହିପରି ଚଢାଉ ଜାରି ରହିବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ତୁତ୍ ରେଶମ ଚାଷୀ ସମବାୟ ସମିତି କାର୍ଯ୍ୟାଳୟରେ ତାଲା

## ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ଚାଷୀ

ଟିକାବାଲି,୧୪।୧୦(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ପରିସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ତୁତ୍ ରେଶମ ଚାଷୀ ସମବାୟ ସମିତିର କାର୍ଯ୍ୟାଳୟ ବର୍ଷ ବର୍ଷ ଧରି ବନ୍ଦ ରହିଛି। ଏହା କେବେ ଖୋଲା ରହିଥିଲା ଅଞ୍ଚଳବାସୀ ଦେଖିନାହାନ୍ତି। ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ସାଧାରଣ ଲୋକଙ୍କ ମଧ୍ୟରେ ଏହି ପ୍ରଶ୍ନ ଉଙ୍କି ମାରୁଛି ଯେ ଏହି କାର୍ଯ୍ୟାଳୟ କାହିଁକି ବନ୍ଦ ହୋଇରହିଛି? ଯଦି ରେଶମ ଚାଷ ଭଳି ଗ୍ରାମୀଣ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା, ତେବେ ଏହାର ବନ୍ଦ ରହିବା ପଛର କାରଣ କଣ? ଅଞ୍ଚଳବାସୀଙ୍କ ମନରେ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି କାର୍ଯ୍ୟାଳୟର ଅଧିକାରୀ କିମ୍ବା କର୍ମଚାରୀ



କେହି ଟିକାବାଲି ଅଞ୍ଚଳରେ ଅଛନ୍ତି କି ନାହିଁ? ଯଦି ଅଛନ୍ତି, ତେବେ କେଉଁଠାରୁ କାର୍ଯ୍ୟ କରୁଛନ୍ତି? ସବୁଠାରୁ ବଡ଼ କଥା ହେଲା, ଟିକାବାଲି ବ୍ଲକ୍ ଅଞ୍ଚଳରେ ତୁତ ରେଶମ ଚାଷ ସମ୍ବନ୍ଧୀୟ ଯୋଜନା କାର୍ଯ୍ୟକାରୀ ହେଉଛି କି ନାହିଁ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳୁ ନଥିବା ଅଭିଯୋଗ ହେଉଛି।

ଏହି ସମବାୟ ସମିତି କାର୍ଯ୍ୟାଳୟର ଲକ୍ଷ୍ୟ ସ୍ଥାନୀୟ ରେଶମ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ଏବଂ ଉତ୍ପାଦନର ବିକ୍ରୟ ପାଇଁ ଏକ ସୁବିଧା ପ୍ରଦାନ କରିବା। ହେଲେ ଏହା ବନ୍ଦ ହୋଇ ରହିବା ଫଳରେ ଏହି ଅଞ୍ଚଳର ବହୁ ସଂଖ୍ୟକ ରେଶମ ଚାଷୀ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଆଶଙ୍କା କରାଯାଉଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରତିଷ୍ଠାନ ଦୀର୍ଘ ଦିନ ଧରି ବନ୍ଦ ହୋଇ ରହିବା ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ କେହି ଅଧିକାରୀ କିଛି କହିପାରୁନାହାନ୍ତି। ଜିଲ୍ଲାପାଳ ଏବଂ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀ ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରି ବନ୍ଦ ପଡ଼ିଥିବା କାର୍ଯ୍ୟାଳୟକୁ ତୁରନ୍ତ ଖୋଲିବା ଏବଂ ସ୍ଥାନୀୟ ଚାଷୀଙ୍କ ପାଇଁ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅର୍ଥନୀତି ସ୍ନାତକ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

ଟିକାବାଲି,୧୪।୧୦(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଏଏମସିଏସ ମହାବିଦ୍ୟାଳୟରେ ଆଜି ଅର୍ଥନୀତି ସ୍ନାତକ ବିଭାଗର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶଙ୍କର ପାଢ଼ୀଙ୍କ



ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଶିବାନୀ କହଁର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ ଯୋଗ ଦେଇଥିଲେ। ସେହିପରି ଅଧ୍ୟାପକ ବନମାଳି ବେହେରା, ନରେନ୍ଦ୍ର ଦିଗାଲ, ଅମୂଲ୍ୟ ସାବତ, ବିରୂପାକ୍ଷ ମିଶ୍ର, ସନ୍ତୋଷ ରଥ, ରବିନାରାୟଣ ପାଣିଗ୍ରାହୀ, ମହାବିଦ୍ୟାଳୟର ବଡ଼ ବାବୁ ମନୋଜ କୁମାର ଭୋଇ, ଅଧ୍ୟାପିକା ନିବେଦିତା ଭୋଇ, ସଂଘମିତ୍ରା ଦାସ, ରଶ୍ମିତା ଦେହୁରି, ଲିଜା ମହାରଣା, ଅଧ୍ୟାପକ ରତନ କୁମାର ଦିଗାଲ, ଅଭୟ ପ୍ରଧାନ, ରାହୁଲ ପ୍ରଧାନ, ମନୋଜ ମହାରଣା, ଅଧ୍ୟାପିକା ଚମ୍ପା ସୋରେନ, ଅଙ୍କିତା ପ୍ରିୟଦର୍ଶିନୀ, ମିରାମ୍ବିକା, ସ୍ମିତାରାଣୀ ସାହୁ, ଭଞ୍ଜ କିଶୋର ସାହୁ, ଅଜୟ କୁମାର ଗଣ୍ଡା ଏବଂ ତୁଷାର କାନ୍ତ ପଣ୍ଡା ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀ ଅର୍ଚ୍ଚିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନନ୍ଦିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଧରାକୋଟ ଥାନା ଏସ୍‌ଆଇଙ୍କ ପଦୋନ୍ନତି



**ଧରାକୋଟ, ୧୪।୧୦(ସମିସ):** ଧରାକୋଟ ଥାନାରେ କାର୍ଯ୍ୟରତ ଏସ୍‌ଆଇ ବାଲ୍ମୀକି ପ୍ରଧାନ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଛନ୍ତି। ସେ କୋରାପୁଟ ଜିଲ୍ଲାରୁ ଆସି ୨୦୨୧ରେ ଧରାକୋଟ ଥାନାରେ ଯୋଗଦେଇଥିଲେ। ଧରାକୋଟ ଥାନାରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ପଦୋନ୍ନତି ହୋଇଥିବାରୁ ତାଙ୍କୁ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଏସଆଇ ସସ୍ମିତା ପଣ୍ଡା, ଏଏସଆଇ ରାଜେନ୍ଦ୍ର ରାଉତ, ମୁରଲୀଧର ରାଓ, ଅନିଲ ଶବର, ହାବିଲଦାର ମନୋଜ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

## ବିଡିଓଙ୍କ ଦାୟିତ୍ୱ ଗ୍ରହଣ

**ଧରାକୋଟ, ୧୪।୧୦(ସମିସ):** ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଧରାକୋଟ ବ୍ଲକର ବିଡିଓ ପଦବୀ ପୂରଣ ହୋଇଛି। ସୁବର୍ଣ୍ଣପୁର ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ଜେନା ନୂଆ ବିଡିଓ ଭାବେ ଯୋଗ ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟରେ ତାଙ୍କୁ ଏବିଡିଓ ସୁଶିଲ ପଟନାୟକ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ, ଆରଡବ୍ଲୁଏସଏସ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ପଞ୍ଚାୟତ ଅଧିକାରୀ ଦେବରାଜ ନାୟକ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର କୃଷ୍ଣକାନ୍ତ ପଣ୍ଡା, ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମସ୍ତ ଯୋଗାଣ ସହାୟକ, ମିଶନ ଶକ୍ତି ବିଭାଗର ପ୍ରତାପ ସ୍ୱାଇଁ, ସୁଶାନ୍ତ ନାୟକ, ବିଏସଏସଓ ସଚିନ ପାତ୍ର, ଏପିଓ ନନ୍ଦିନୀ ଦାସ, ସିଡିପିଓ ସୁନୀଲ ପ୍ରଭା ରଥଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅନ୍ତୋଦ୍ୱୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**କୋଦଳା, ୧୪।୧୦(ସମିସ):** ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ପରିସରରେ ନୂତନଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ବଣ୍ଟନ ସହିତ, ଅନ୍ତୋଦ୍ୱୟ ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ବେଗୁନିଆପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସାରି ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶିର ସୁବିଧା ପାଇବା ପାଇଁ କହିଥିଲେ। ଏଥିସହ ୪୫୫ ଜଣ ଅନ୍ତୋଦ୍ୱୟ ଗୃହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ୪୪୦ ଜଣଙ୍କୁ ରାସନକାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୋଦଳା ଏନ୍‌ଏସି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ, ବ୍ଲକ ଅଧକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧକ୍ଷ ସୁଧାକର ପ୍ରଧାନ, ସାଂସଦ ପ୍ରତିନିଧି ଆଲୋକ କୁମାର ଶତପଥି, ଏବିଡିଓ ନିରଞ୍ଜନ ବେହେରା, ବିପିସି ବୃନ୍ଦାବନ ସାହୁ, ଯୋଗାଣ ଅଧିକାରୀ ବାଦଲ କୁମାର ବେହେରା ଉପସ୍ଥିତ ଥିଲେ।

## ବନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

**ସୋରଡ଼ା, ୧୪।୧୦(ସମିସ):** ସୋରଡ଼ା ନିକଟସ୍ଥ ଖାରୀଗୁଡା ନର୍ସରୀ ପରିସରରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବାର୍ଷିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବନଜାତ ଦ୍ରବ୍ୟ ସହିତ ବିକ୍ରିରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବନସୁରକ୍ଷା ନିମିତ୍ତ ସଚେତନ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ବିଭିନ୍ନ ରେଞ୍ଜରୁ ମହିଳାମାନେ ବନ ବିଭାଗ ତରଫରୁ ପାଇଥିବା ସୁବିଧା ସୁଯୋଗ ନିଜର ବ୍ୟବସାୟ କରି ଆର୍ଥିକ ସ୍ତରରେ ବହୁ ବିକାଶ କରିଥିବା କହିଥିଲେ। ଏହି ରେଞ୍ଜ ଅନ୍ତର୍ଗତ ସାପୁଆର ସାଇବାବା ମହିଳା ଗୋଷ୍ଠୀ ସଦସ୍ୟ ସଫଳତା ପାଇଥିବା ବେଳେ ବନପାଳ ଅର୍ଜୁନ ଜାନୀଙ୍କୁ ଭଲ କାର୍ଯ୍ୟ କରୁଥିବା ବନ କର୍ମଚାରଙ୍କୁ ସମ୍ମାନୀତ କରାଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ ଓ ଆରସିସିଏଫ ବିଶ୍ୱନର ନିଲାମ୍ବର, ବିଶ୍ୱଜିତ ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଦକ୍ଷିଣ ଘୁମୁସର ବନ ଖଣ୍ଡ ଅଧିକାରୀ ବିପାସା ପାରୁଲ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଅତିରିକ୍ତ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟ ବିକ୍ରମ ତରାଇ, ବୁଗୁଡା ଥାନାଧିକାରୀ ସିତାଂସୁ ଶେଖର ମହାପାତ୍ର, ଓମ୍ ପ୍ରକାଶ ପଟ୍ଟନାୟକ, ଲିପିକା ଏନଜିଓ ଡିରେକ୍ଟର ରଞ୍ଜିତା ଦାସ ପ୍ରମୁଖ ମଞ୍ଚାସିନ ହୋଇଥିବା ବେଳେ ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ, ସୋରଡ଼ା ବନାଞ୍ଚଳ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ ଆଦିଙ୍କ ତତ୍ତ୍ୱାବଧାନ ସହିତ କାର୍ଯ୍ୟରତ ଫରେଷ୍ଟର, ବନପାଳ, ବନରକ୍ଷୀ ସହଯୋଗ କରିଥିଲେ। ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଓ ଅଞ୍ଚଳର କିଛି ସରକାରୀ ବିଦ୍ୟାଳୟର ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶୁଭକାନ୍ତ ମିଶ୍ରଙ୍କ ସଂଯୋଜନା ମଞ୍ଚ ବେଶ ଆକର୍ଷଣୀୟ ହୋଇଥିଲା। ସୁଭମ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ରମ୍ଭା, ୧୪।୧୦(ସମିସ):** ସ୍ଥାନୀୟ କଲେଜ ଛକ ବଡ଼ସାହି ପରିସରରେ ସମାଜସେବୀ ତଥା ଆଧ୍ୟାତ୍ମିକବାଦୀ ମହିଳା ବି. ବୁଢ଼ୀ ଆମ୍ମା ପାତ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କାଉନସିଲର ଡମ୍ବରୁ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୁଢ଼ୀ ଆମ୍ମାଙ୍କ ଗୁଣଗାନ କରିଥିଲେ ଉପସ୍ଥିତ ବକ୍ତା। ସୋମନାଥ ରେଡି, ଜେ ଗଙ୍ଗା ପାତ୍ର, ବି. ସନ୍ୟାସୀ ପାତ୍ର, ବି. କାଳିଆ, ବି ଲାଛମେୟା, ବି. କାଙ୍ଗାଳି, ଜେ. ସୁଭଦ୍ରା, ଜେ ସମ୍ବାରୀ, ବି. ବନମାଳୀ, ବି. ବିଶ୍ୱଜିତ, ବି ଚକ୍ରପାଣି, ବି. ସନ୍ତୋଷ, ବି. ରବୀନ୍ଦ୍ର, ଜେ. ଭାସ୍କର ପାତ୍ର, ଏମ ଜଗନ୍ନାଥ, ଜେ. ରାମଚନ୍ଦ୍ର ପାତ୍ର, ନାତି ଓ ନାତୁଣୀ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ଓ ଶୋକ ସନ୍ତପ୍ତ ପରିବାର ଉପସ୍ଥିତ ରହିଥିଲେ।

**ଚାଷୀଙ୍କ ପିଛା ଛାଡୁନି ବିପଦ**

# ସାର ସଂକଟ ପରେ ଚକଡ଼ା ଚଡ଼କ

**ଭଞ୍ଜନଗର, ୧୪।୧୦(ସମିସ)**



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଚାଷୀଙ୍କୁ ବିପଦ ପିଛା ଛାଡୁନି। ପ୍ରଥମେ ସାର ସଂକଟ ଦେଖାଦେଇଥିବାବେଳେ ଏବେ ଚକଡ଼ା ପୋକ ମାଡ଼ି ଚାଲିଛି। ଉପଖଣ୍ଡର ଶହ ଶହ ହେକ୍ଟର ଜମିରେ ଚକଡ଼ା ଲାଗିଥିବା ଯୋଗୁଁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷ ଜମିରେ ଚକଡ଼ା ପୋକ ଲାଗି ଧାନଗଛ ଶୁଖି ହଳଦିଆ ପଡ଼ିଯିବା ସହ କିଛିଦିନ ପରେ ମରିଯାଉଛି। କୃଷି କର୍ମଚାରୀ ଗାଁକୁ ଗାଁ ବୁଲି ଚାଷୀଙ୍କୁ ପରାମର୍ଶ ଦେବା ସହ ସଚେତନ କରୁଛନ୍ତି। ହେଲେ କୀଟନାଶକ ସିଞ୍ଚନ କଲେ ମଧ୍ୟ ପୋକ କମିବାର ନାଁ ଧରୁନି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ଖରିଫ୍ ଋତୁରେ ଭଞ୍ଜନଗର ଉପଖଣ୍ଡର ୫୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି। ଖରିଫ୍ ଚାଷ ଆରମ୍ଭରୁ ସଅଳ ବର୍ଷା ଯୋଗୁଁ ଚାଷୀ ଚାଷ କାମକୁ ଆଗେଇ ନେଇଥିଲା। ଠିକ୍ ସମୟରେ ଆବଶ୍ୟକ ବର୍ଷା ହେବାରୁ ଧାନ ଫସଲ ଭଲ ହୋଇଥିଲା। ହେଲେ ଅମଳ ସମୟରେ ଚକଡ଼ା ପୋକ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବିଶେଷକରି ଭଞ୍ଜନଗର ବ୍ଲକ ଗାଲେରୀ ଓ ଯୋଗିମାରୀ ଅଞ୍ଚଳର ଏହି ରୋଗ ଅଧିକ ହୋଇଛି। ହେକ୍ଟର ହେକ୍ଟର ଜମିରେ ଧାନ ଗଛ ଶୁଖି ମରିଗଲାଣି। ମା' କାଳୀ କୃଷକ ସଂଘ ସଭାପତି ରବୀନ୍ଦ୍ର ଶତପଥିଙ୍କ କହିବା କଥା ଧାନଗଛ ମୂଳରୁ ଟିକିଏ ଉପର ଅଂଶରେ ମାଟିଆ ରଙ୍ଗର ଚକଡ଼ା ପୋକ ଜମା ହୋଇ ଗଛର ସବୁଜ ଅଂଶକୁ ଶୋଷଣ କରୁଛନ୍ତି। ଫଳରେ ଗଛ ମାଟିରୁ ଖାଦ୍ୟ ସାର ନପାଇ ଶୁଖି ହଳଦିଆ ପଡ଼ିଯାଉଛି। କିଛିଦିନ ପରେ ଧାନଗଛ ସବୁ ମରିଯାଉଛି। ଧାନ ଗଛରେ କ୍ଷୀର ଧରିବା ସମୟରେ ରୋଗପୋକ ଲାଗିଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି। ଭଞ୍ଜନଗର ବ୍ଲକ ଗାଲେରୀ ଗ୍ରାମର ରବୀନ୍ଦ୍ର ଶତପଥି, ରବୀନ୍ଦ୍ର ପଟ୍ଟନାୟକ, ରଞ୍ଜନ କୁମାର ଦାସ, ଭିକାରୀ ଦଳବେହେରା, ଦୈତାରୀ ପଟ୍ଟନାୟକ, ଗଣେଶ ଦଳବେହେରା, ଗଜାନନ ରଣା, ଟୁନା ପଟ୍ଟନାୟକ, କାଳୀ ଚରଣ ଗୌଡ଼, ବସନ୍ତ ପଟ୍ଟନାୟକଙ୍କ ସମେତ ଉପଖଣ୍ଡର ବିଭିନ୍ନ ବ୍ଲକର ଧାନ ଫସଲରେ ଚକଡା ପୋକ ଲାଗିଥିବାରୁ ଉପଖଣ୍ଡର ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପଟେ ଆତଙ୍କିତ ନହୋଇ କ୍ଷେତରେ ସଠିକ ସମୟରେ ଜଳ ପରିଚାଳନା କରିବା ସହ କୃଷି ଅଧିକାରୀଙ୍କ ପରାମର୍ଶକ୍ରମେ କ୍ଷେତରେ ନିୟମିତ ଔଷଧ ପକାଇବାକୁ ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମୋକେଶ ମିଶ୍ର ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି।

**● ବିଡ଼ିଓ ଓ ବସ୍ ମାଲିକଙ୍କ ବୈଠକ**

## ଖୁବ୍‌ଶୀଘ୍ର ବସ୍‌ଷ୍ଟାଣ୍ଡରୁ ଗଡ଼ିବ ଘରୋଇ ବସ୍



**ଶେରଗଡ଼, ୧୪।୧୦(ସମିସ):** ଅଞ୍ଚଳବାସୀଙ୍କ ଯୋଗାଯୋଗକୁ ସୁରକ୍ଷିତ କରିବା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୨୦୨୩ରେ ବସଷ୍ଟାଣ୍ଡର ଉଦଘାଟନ କରିଥିଲେ। କିନ୍ତୁ ବସଷ୍ଟାଣ୍ଡ ପରିସରକୁ ମୋ ବସ ବ୍ୟତୀତ ବେସରକାରୀ ବସ ପ୍ରବେଶ କରୁନଥିଲା। ଏଭଳି ପରିସ୍ଥିତି ଦୁଇ ବର୍ଷ ଲାଗି ରହିଥିଲା। ମଙ୍ଗଳବାର ଶେରଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ଆରଟିଓ ଭାଗିରଥି ନାୟକ, ଓଏସଆରଟିସି ଗଞ୍ଜାମ ଜିଲ୍ଲା ଅଧିକାରୀ ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶେରଗଡ଼ ବସ ମାଲିକ ସଂଘଙ୍କ ସହିତ ବେସରକାରୀ ବସ କେମିତି ସୁରୁଖୁରୁରେ ବସଷ୍ଟାଣ୍ଡକୁ ଯିବା ଆସିବା କରିବ, ସେନେଇ ଆଲୋଚନା କରାଯାଇଥିଲା ଏବଂ ବେସରକାରୀ ବସ ଖୁବ କମ ଦିନ ମଧ୍ୟରେ ବସଷ୍ଟାଣ୍ଡ କୁ ପ୍ରବେଶ କରିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ଏଭଳି ହେଲେ ଶେରଗଡ଼ ବଜାରରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ବହୁଳ ମାତ୍ରାରେ ସୁଧାର ହୋଇପାରିବ। ଅନ୍ୟ ମାନଙ୍କ ମଧ୍ୟରେ ଶେରଗଡ଼ ଘରୋଇ ବସ ମାଲିକ ସଂଘ ସଭାପତି ହରେକୃଷ୍ଣ ପ୍ରଧାନ, ସମ୍ପାଦକ ବୁଲୁ ପୋଲେଇ, ଉପସଭାପତି ଜିତୁ ଗୌଡ, କୋଷାଧକ୍ଷ ରଞ୍ଜନ ପାତ୍ର, ଷ୍ଟାଣ୍ଡ ସେକ୍ରେଟାରୀ ମିଥୁନ ଗୌଡ଼ଙ୍କ ସହ ବସ ମାଲିକ ସଂଘର ସମସ୍ତ ସଦସ୍ୟ, ଓଏସଆରଟିସି ଶେରଗଡ଼ ଶାଖାର ପରିଚାଳକ ଜଗନ୍ନାଥ ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



**ଜଗନ୍ନାଥପ୍ରସାଦ, ୧୪।୧୦(ସମିସ):** ଜଗନ୍ନାଥପ୍ରସାଦ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ଅଳସୁଗୁମ୍ମା ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସିଆରସିସି ସରୋଜ କୁମାର ବେହେରାଙ୍କ ସଂଯୋଜକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୀମାଞ୍ଚଳ ଯାନୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ନର୍ମଦା ନାଇକ, ସମିତି ମେମ୍ବର ରଶ୍ମିତା ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ବାଇରୀ ବେହେରା, ଜୟନ୍ତୀ ଦେବୀ, ବିଦ୍ୟାଳୟ ପରିଚାଳନା କମିଟି କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହିଥିଲେ। କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, (ପିଏମପୋଷଣ) ଶିଳ୍ପୀକଳା ଓ ଚିତ୍ରକଳା, ସୃଜନଶୀଳ ଲେଖନୀ ପରୀକ୍ଷାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ରୀଧର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ କମଳ ଲୋଚନ ତ୍ରିପାଠୀ, ଗୋପାଳକୃଷ୍ଣ ନାୟକ, ଗଣେଶ୍ୱର ପ୍ରଧାନ, ଖଦାଳ ପ୍ରଧାନ ଓ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଇଁ ପ୍ରସ୍ତୁତି ବୈଠକ



**ପାରଳାଖେମୁଣ୍ଡି, ୧୪।୧୦(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ହାଇଟେକ୍ ପ୍ଲାଜାରେ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ପାରଳାଖେମୁଣ୍ଡି ସହରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଗୁମ୍ମା, ଗୋଷାଣି, କାଶୀନଗର ବ୍ଲକର ସମସ୍ତ ଜନପ୍ରତିନିଧିଙ୍କ ସମେତ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଉପାଧକ୍ଷ ଲେଙ୍କା ଉପସ୍ଥିତ ଥିଲେ।

## ବେକାର ଯୁବକଯୁବତୀଙ୍କ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର



**ଫୁଲବାଣୀ, ୧୪।୧୦(ସମିସ):** ସ୍ଥାନୀୟ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟଠାରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ପୁରୁଷୋତ୍ତମ ମହାପାତ୍ରଙ୍କ ଅଧକ୍ଷତାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜନ କରାଯାଇଥିଲା। ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ପ୍ଲେସମେଣ୍ଟ ଲିଙ୍କଡ ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂ କାର୍ଯ୍ୟକ୍ରମ ହାତକୁ ନେବାକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଟ୍ରେନିଂ ପାର୍ଟନର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଗାୟତ୍ରୀ ଚାରିଟେବଲ୍ ଟ୍ରଷ୍ଟ, ଡାଟାପ୍ରୋ କମ୍ପ୍ୟୁଟର, ଗାଲାକ୍ସି କମ୍ପ୍ୟୁଟର, ବିଜ୍ଞାନ ଭାରତୀ ଚାରିଟେବଲ୍ ଟ୍ରଷ୍ଟ, ଉପାସନା ଏଜୁକେସନ୍ ଟ୍ରଷ୍ଟ, ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସିଆଲ୍ ସେକ୍ଟର୍ ସ୍କିଲ୍ କାଉନସିଲ୍ ଓ ଭିକ୍ଟସ୍ ଡାଇଙ୍ଗ୍ରର ଅଧିକାରୀଙ୍କ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଫୁଲବାଣୀ ଆଇଟିଆଇ ଅଧକ୍ଷ ଅଂଶଗ୍ରହଣ କରିଥିଲେ।


# ପ୍ରଶାସନ ପହଞ୍ଚି ପାରିଲାନି, ପହଞ୍ଚିଲେ ବିଧାୟକ

**ପାରଳାଖେମୁଣ୍ଡି, ୧୪।୧୦(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକ ପାର୍ତ୍ତଡା ପଞ୍ଚାୟତର ଆରିମ୍ବା ଗ୍ରାମବାସୀଙ୍କ ଦୁଃଖ ବୁଝିଲେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ ପାଣୀଗ୍ରାହୀ। ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ଅଞ୍ଚଳରେ ଆଜି ପ୍ରସାଶନ ପୂର୍ବରୁ ବିଧାୟକ ପହଞ୍ଚିଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଆରିମ୍ବା ଗ୍ରାମରେ। ନିକଟ ଅତୀତରେ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲ୍ଲାରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ଝାମୀ ଗ୍ରାମରୁ ଆରିମ୍ବା ୭ କିମି ରାସ୍ତା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ପୂର୍ବରୁ ଭଲ ରାସ୍ତା ନଥିଲା। ବର୍ତ୍ତମାନର ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡା ସାଦୃଶ୍ୟ ହୋଇଛି। ଏଥିଯୋଗୁଁ ୫୦୦ରୁ ଅଧିକ ପରିବାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜୀବନଜୀବିକା ସହ ଉକ୍ତ ଖରାପ ରାସ୍ତା ଦେଇ ଯାତାୟତ କରୁଛନ୍ତି। କ୍ଷୟକ୍ଷତି ଆକଳନ ଜିଲ୍ଲା ପ୍ରଶାସନ ଦ୍ୱାରା ଚାଲିଛି। ଏହି ଘଟଣା ଉପରେ ପ୍ରଶାସନର ନଜର ପଡ଼ିବା ଦୂରର କଥା ତୃଣମୂଳସ୍ତରର ସରକାରୀ କର୍ମଚାରୀଙ୍କର ପାଦ ପଡ଼ି ନାହିଁ ଗ୍ରାମରେ। ଯାହାକୁ ନେଇ ଆଜି ଶତାଧିକ ଗ୍ରାମବାସୀ ନିଜ ପାଖରେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ପାଇ ଖୁସି ପ୍ରକଟ କରିବା ସହ ସମସ୍ୟା ଜଣାଇଥିଲେ। ସେପଟେ ଉକ୍ତ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ନୂଆ ବର୍ଷରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଛି ତାହା ଉପରେ ନା ଗ୍ରାମବାସୀଙ୍କର ବିଶ୍ୱାସ ଅଛି ନା ସମ୍ଭାବନା ଦେଖାଯାଉଛି ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ କହିବା ସହ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି।



# ସରକାରୀ ଜମି ବିକିଥିଲେ ଶିକ୍ଷକ; ଉଚ୍ଛେଦ କଲା ପ୍ରଶାସନ

**ଫୁଲବାଣୀ, ୧୪।୧୦(ସମିସ)**



ଜଣେ ସରକାରୀ ଶିକ୍ଷକ ସରକାରୀ ଜମି ଜବରଦଖଲ କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ସେଠାରେ ଘର ମଧ୍ୟ ନିର୍ମାଣ ସରିଥିଲା। ଏ ନେଇ ବହୁ ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଶେଷରେ ମଙ୍ଗଳବାର ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପୁଲିସ ଫୋର୍ସ ସହ ପହଞ୍ଚି ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ସମୟରେ କିଛି ରାଜନୈତିକ ବ୍ୟକ୍ତି ପହଞ୍ଚି ହସ୍ତକ୍ଷେପ କରିଥିଲେ ମଧ୍ୟ ପ୍ରଶାସନ ଶୁଣିନଥିଲା। ଅପରପକ୍ଷରେ ଶିକ୍ଷକ ଜଣକ ନିଜେ ରହୁଥିବା ନିଜସ୍ୱ ଗୃହ ଭାଙ୍ଗିବା ଲାଗି ୧୭ ତାରିଖକୁ ଦିନ ଧାର୍ଯ୍ୟ ହୋଇଥିବା ତହସିଲଦାର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଫୁଲବାଣୀ ସହର ନାରାୟଣୀ ମନ୍ଦିର ନିକଟସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତାରେ ସରକାରୀ ଜମିରେ ପୂର୍ବରୁ ବନ ବିଭାଗ ପକ୍ଷରୁ ଚନ୍ଦନ ଚାରାରୋପଣ କରାଯାଇଥିଲା। ଏଠାରେ ସରକାରୀ ବୋର୍ଡ ଲାଗିଥିବା ସତ୍ତ୍ୱେ ସମ୍ପୃକ୍ତ ଶିକ୍ଷକ ଜଣକ ଚନ୍ଦନ ଗଛ କାଟି ଜବରଦଖଲ କରିବା ସହିତ ସେଠାରେ ଘର ନିର୍ମାଣ କରିଥିଲେ। ଏପରିକି କିଛି ଅଂଶକୁ ଅନ୍ୟମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ପୂର୍ବତନ ତହସିଲଦାର ଏହାର ତଦନ୍ତ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ସେଠାରେ ପୁଣି ସରକାରୀ ଫଳକ ଲଗାଇଥିଲେ। ତେବେ ତାଙ୍କର ବଦଳି ପରେ ସମ୍ପୃକ୍ତ ଶିକ୍ଷକ ଜଣକ ସେହି ଜାଗାରେ ପୁଣି କୋଠା ନିର୍ମାଣ କାମ ଆରମ୍ଭ କରି ଦେଇଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ସମ୍ପୃକ୍ତ ଶିକ୍ଷକ ଜଣକ ରାଜନୈତିକ ଚାପ ପକାଇଥିଲେ। ତେବେ ଇତି ମଧ୍ୟରେ ତହସିଲଦାର ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ। ସମ୍ପୃକ୍ତ ଶିକ୍ଷକ କୋର୍ଟକୁ ଯାଇଥିଲେ ହେଁ, କୋର୍ଟ ଏହାକୁ ଆଗ୍ରାହ୍ୟ କରି ଦେଇଥିଲେ। ଶେଷରେ ଆଜି ତହସିଲଦାର ନିଜେ ଉପସ୍ଥିତ ରହି ଘରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଜବରଦଖଲ ଉଚ୍ଛେଦ କରିଛନ୍ତି।

## ବିଭିନ୍ନ ଦାବି ନେଇ କଳାକାର ସଙ୍ଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




**ଫୁଲବାଣୀ, ୧୪।୧୦(ସମିସ):** କଳାର ରାଜ୍ୟ ଉତ୍କଳରେ କଳାକାରଙ୍କ ପ୍ରତି ଅବିଚାର କରାଯାଉଛି। ଏହାର ପ୍ରତିବାଦରେ ଆଜି ଜିଲ୍ଲା ବରିଷ୍ଠ କଳାକାର ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାମନାଟକ, ଘୁଡୁକି, ଡଣକୋଇଲା ଭଳି ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର, କେନ୍ଦ୍ର ସରକାରଙ୍କ ବରିଷ୍ଠ କଳାକାର ପେନସନ ତାଲିକା ଶୀଘ୍ର ପ୍ରକାଶ କରିବା, କଳାକାର ଭତ୍ତା ଶୀଘ୍ର ପ୍ରଦାନ କରିବା, ଦୁଇ ବର୍ଷ ହେଲା ପଡ଼ି ରହିଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା, କେନ୍ଦ୍ର ସରକାରଙ୍କ କଳାକାର ଭତ୍ତା ୧୦ ହଜାର ଟଙ୍କାକୁ ଓ ରାଜ୍ୟ ସରକାରଙ୍କ ଭତ୍ତା ୫ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ବ୍ଲକ ସ୍ତରରେ କଳା ପ୍ରଦର୍ଶନ କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ସଙ୍ଘ ସଭାପତି ତ୍ରିନାଥ ପଣ୍ଡା ଓ ସମ୍ପାଦକ ନିରାକାର ପୂଜାରୀଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା କଳାକାର ଆଜି ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ବେଦଭୂଷଣଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମାନସ ମନ୍ଥନ

# ବଢ଼ିବ ବଡ଼ଦେଉଳର ସୁରକ୍ଷା

ପୁରୀ, ୧୪।୧୦ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ସୁରକ୍ଷାବଳୟକୁ ଭେଦ କରି କେତେବେଳେ ସ୍ମାର୍ଟ କ୍ୟାମେରା, ମୋବାଇଲ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରିକି, ଭିତରୁ ଭିଡିଓ କଲ୍ କରାଯାଉଛି। ଅନେକଥର ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରୁ ଚୋରି ହେବାର ଦୃଷ୍ଟାନ୍ତ ବି ରହିଛି। ତେଣୁ କିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ, ସେନେଇ ମଙ୍ଗଳବାର ସୁରକ୍ଷା ସବ୍-କମିଟି ବୈଠକରେ ମାନସମନ୍ଥନ କରାଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ସମ୍ପର୍କିତ ଅନେକ ଆଲୋଚନା ଏବଂ ନିଷ୍ପତ୍ତି ବି ହୋଇଛି। ଏଥର ଅତ୍ୟାଧୁନିକ ସୁରକ୍ଷାବଳୟରେ ରହିବ ଶ୍ରୀମନ୍ଦିର। ଶ୍ରୀମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଅଧିକ ଫୋର୍ସ ସୁରକ୍ଷା କର୍ମୀ ମୁତୟନ ରହିବେ। ବିଶେଷକରି ନୋ-ଫ୍ଲାଇଂ ଜୋନ୍, ସର୍ଭିଲାନ୍ସ ସିକ୍ୟୁରିଟି, ଶ୍ରୀମନ୍ଦିର ଭିତରେ ଫୋନ୍ ବ୍ୟବହାର ଉପରେ ବିଶେଷ ଆଲୋଚନା କରାଯାଇଛି। ଆଗକୁ ଆଉ କିଛି ବ୍ୟବସ୍ଥା ହେବ। ସେହିପରି ଫାୟାର ସେଫ୍ଟି ଏବଂ ଇଲେକ୍ଟ୍ରିକ ସେଫ୍ଟି ଉପରେ ବି ପ୍ରାଧାନ୍ୟ ଦିଆଯାଉଥିଲା। ବୈଠକରେ ସବ୍-କମିଟିର ଅନ୍ୟ ୮ ସଦସ୍ୟ ଉପସ୍ଥିତ ଥିଲେ।

ବୈଠକ ଶେଷରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ, ଆଲୋଚନା ବିଷୟବସ୍ତୁକୁ ନେଇ ଏକ ରୂପରେଖ ପ୍ରସ୍ତୁତ କରାଯିବ। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ପାଇଁ କେତେ ଅର୍ଥ ଆବଶ୍ୟକତା ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ, ସେନେଇ ବିଚାରବିମର୍ଶ ହୋଇଛି। ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି, କିନ୍ତୁ ମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟ କରି ଅକାମୀ କରାଯିବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ତାହାର ବ୍ୟବସ୍ଥା କରାଯିବ। ଆମେ ଅନ୍ୟ ବଡ଼ବଡ଼ ମନ୍ଦିର ଯାଇ ସ୍ଥିତି ଦେଖିବୁ। ସେଠାରେ ଯେପରି ଭଲ ସୁରକ୍ଷା ବ୍ୟବସ୍ଥା ରହିଛି, ତାହା ଜଗନ୍ନାଥ ମନ୍ଦିରରେ କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମନ୍ଦିର ଭିତରକୁ ମୋବାଇଲ୍ ନେବା ନେଇ ପୁଲିସ, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ ପାଇଁ କଟକଣା ରହିବ। ସେମାନେ କିଭଳି ଏବଂ କେଉଁ ସ୍ଥାନରେ ଯୋଗାଯୋଗ କରିପାରିବେ ସେ ନେଇ ବିକଳ୍ପ ବ୍ୟବସ୍ଥା ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ।



- ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ହେବ
- ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ
- ଅନ୍ୟ ମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ହେବ

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଘରୋଇ ସୁରକ୍ଷା କର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ତାଙ୍କର ଦାୟିତ୍ୱ କ'ଣ ରହିବ, କିଭଳି ଭକ୍ତଙ୍କୁ ବ୍ୟବହାର କରିବ, ସେନେଇ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କୁଇକ୍ ରେସ୍‌ପନ୍ସ ଟିମ୍ ରହିବେ। ଅନ୍ୟ ବଡ଼ ବଡ଼ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ କେଉଁ ଟେକ୍ନୋଲୋଜି ରହିଛି, ତାହାର ଅନୁଧ୍ୟାନ କରାଯାଇ ଶ୍ରୀମନ୍ଦିରରେ ଲାଗୁ ନେଇ ଆଲୋଚନା କରାଯାଉଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ବରିଷ୍ଠ ସେବାୟତ ମାଧବ ମହାପାତ୍ର କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ଭକ୍ତଙ୍କୁ ଆଗୁଆ ସୂଚନା ଦିଆଯିବା ଦରକାର। କେତେ ସମୟ ପରେ ଦର୍ଶନ ମିଳିବ, ଭକ୍ତମାନେ ଜାଣିଲେ ସେହି ସମୟରେ ପହଞ୍ଚିବେ। ଆଗୁଆ ପହଞ୍ଚି ଅପେକ୍ଷା କରୁଥିବାରୁ ଭିଡ଼ ହେଉଛି। ଏହାଦ୍ୱାରା ଅଯଥାରେ ଭିଡ଼ ହେବ ନାହିଁ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କ୍ୟାମେରା ଲାଗିବା ଉଚିତ। ରାମ ମନ୍ଦିର ସୁରକ୍ଷା ପାଇଁ ଅତ୍ୟାଧୁନିକ ନିର୍ମିତ ଟେକ୍ନୋଲୋଜି ଓ ତିରୁପତି ମନ୍ଦିରରେ ଭାରତ ଇଲେକ୍ଟ୍ରୋନିକ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଆମେ ଏହିସବୁ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବୁ। ପରେ ଶ୍ରୀମନ୍ଦିରରେ କେଉଁ ସୁରକ୍ଷା ଟେକ୍ନୋଲୋଜି ଦରକାର, ତାହାର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଶ୍ରୀ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ କେତେଜଣ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ମିଳିଲା ପୀତବାସଙ୍କ ଡାଏରୀ

ବ୍ରହ୍ମପୁର, ୧୪।୧୦(ସମିସ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକୁ ୯ ଦିନ ବିତିଲାଣି। କିନ୍ତୁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ଦୂରେ ଥାଉ, ଦୁଇ ହତ୍ୟାକାରୀଙ୍କୁ ମଧ୍ୟ ଏଯାବତ୍ ଠାବ କରିପାରିନାହିଁ। ପୀତବାସଙ୍କୁ ଯେଉଁ ଦୁଇଜଣ ପେସାଦାର ସୁପାରି କିଲର ଗୁଳି କରି ହତ୍ୟା କରିଛନ୍ତି, ସେମାନେ ପୂର୍ବରୁ ମଧ୍ୟ ବହୁ ମାମଲାରେ ଜଡ଼ିତ ଥିବା ପୁଲିସ ସନ୍ଦେହ କରିଛି। ତେଣୁ ସେମାନଙ୍କ ବାବଦରେ କିଛି ସୂତ୍ର ଯୋଗାଡ଼ କରିବା ଆଶାରେ ବ୍ରହ୍ମପୁର ପୁଲିସ ଏବେ ଜେଲ୍‌ମୁହାଁ ହୋଇଛି। ବ୍ରହ୍ମପୁର ସମେତ କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ଜେଲରେ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି। ଫଳରେ ଆତତାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଠିକଣା ଜାଣିବାକୁ ପୁଲିସ ବିଭିନ୍ନ ଜେଲରେ ଡେରା ପକାଇଥିବା ସୂଚନା ମିଳିଛି। ଅପରପକ୍ଷେ, ଓକିଲାତି ବ୍ୟତୀତ ପୀତବାସଙ୍କର ବିଭିନ୍ନ କାରବାରରେ ସମ୍ପୃକ୍ତି ଥିବାରୁ ତାଙ୍କ ହାତଲେଖା ଡାଏରୀରୁ କିଛି ତଥ୍ୟ ଓ ପ୍ରମାଣ ମିଳିବ ବୋଲି ପୁଲିସ ଆଶା ରଖିଥିଲା। ବର୍ତ୍ତମାନ ପୀତବାସଙ୍କ ଗୁପ୍ତ 'ଡାଏରୀ'ର ସନ୍ଧାନ ମିଳିଛି। ଡାଏରୀରୁ ବହୁ ତଥ୍ୟ ସହ ଅନେକ ଗୁମର ଫିଟିବ ବୋଲି ଆଲୋଚନା ହେଉଛି।

- ଖୋଲିବ କି ହତ୍ୟା ଗୁମର?
- ଆତତାୟୀଙ୍କ କୁଣ୍ଡଳୀ ଯାଞ୍ଚ ପାଇଁ ଜେଲ୍‌ମୁହାଁ ପୁଲିସ

ମିଳିଥିବା ଡାଏରୀରେ କୁସର୍ ବ୍ୟବସାୟୀ, ମଦ ବେପାରୀ, ବିଲ୍ଡରଙ୍କ ସମେତ ସହରର ବହୁ ବ୍ୟବସାୟୀ ଓ ନେତାଙ୍କ ନାମ ଉଲ୍ଲେଖ ଥିବା କୁହାଯାଉଛି। ପୀତବାସ କାହାଠାରୁ ସୁଧରେ ଟଙ୍କା ଆଣିଛନ୍ତି ଅଥବା କାହାକୁ ଟଙ୍କା ଦେଇଛନ୍ତି, ସେଥିରେ ଉଲ୍ଲେଖ ଥିବା କୁହାଯାଉଛି। ବଡ଼କଥା ହେଲା, ପୀତବାସ ହଜାର କିମ୍ବା ଲକ୍ଷରେ ନୁହେଁ, ବରଂ କୋଟି କୋଟି ଟଙ୍କାର ସୁଧ କାରବାର କରୁଥିବା ନେଇ ଆଲୋଚନା ହେଉଥିବା ବେଳେ ସେସବୁ ତଥ୍ୟ ଡାଏରୀରେ ଅଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର। ପୀତବାସଙ୍କ ଜଣେ ଘନିଷ୍ଠ ବନ୍ଧୁ ତାଙ୍କଠାରୁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ନେଇ କୌଣସି କାରଣରୁ ଦୀର୍ଘ ଦିନ ଧରି ଫେରାଇ ନଥିଲେ। ଋଣ ଅର୍ଥ ପରିଶୋଧ ପାଇଁ ସମ୍ପୃକ୍ତ ବନ୍ଧୁଙ୍କ ସହରରେ ଥିବା ନିଜର ଏକ ଘରକୁ ପୀତବାସଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଘର ବିକ୍ରି ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଆହୁରି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୀତବାସଙ୍କୁ ଫେରାଇବାକୁ ଅଛି ବୋଲି ଶୁଣିବାକୁ ମିଳିଛି।

ସେହିପରି, ପୀତବାସ ଅନେକ ବ୍ୟବସାୟୀଙ୍କଠାରୁ ଟଙ୍କା ଉଠାଇଥିବା କୁହାଯାଉଛି। କିନ୍ତୁ, ସେନେଇ କେହି ମୁହଁ ଖୋଲିନାହାନ୍ତି। ତେବେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିଭଳି ଆଦାୟ ହେବ, ତାହା ଏବେ ବଡ଼ ପ୍ରଶ୍ନବାଚୀ। କାରଣ ସେଥିମଧ୍ୟରେ ପୀତବାସଙ୍କର ନିଜର ଓ ଅବଶିଷ୍ଟ ଅନ୍ୟମାନଙ୍କର ମଧ୍ୟ ଥିବା ଆଲୋଚନା ହେଉଛି। ସେପଟେ ଟଙ୍କା କାରବାର ବ୍ୟତୀତ ସେ ରୁଚି ରଖୁଥିବା ସବୁ କିଛି ବିଷୟରେ ନିଜ ଡାଏରୀରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଡାଏରୀରେ ଉଲ୍ଲେଖ ଥିବା କିଛି ବ୍ୟକ୍ତିଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ପୁଲିସ ଜେରା କରି ଛାଡ଼ିଥିବା କୁହାଯାଉଛି।

ଏମ୍‌କେସିଜି ଇଣ୍ଟରମେଡିସ୍ ପ୍ରତିଯୋଗିତାରେ ଅଘଟଣ

# ଦୁଇ ଛାତ୍ରଗୋଷ୍ଠୀଙ୍କ ରକ୍ତାକ୍ତ ସଂଘର୍ଷ

ବ୍ରହ୍ମପୁର, ୧୪।୧୦ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଇଣ୍ଟର୍ ମେଡିସ୍ ପ୍ରତିଯୋଗିତାରେ ସୋମବାର ମଧ୍ୟରାତ୍ରିରେ ୨ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ କଟକ ଏସ୍‌ସିବି, ବୁର୍ଲା ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି।

- ବିଭିନ୍ନ ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ
- ଢେଲା ମାଡ଼ରେ ଭାଙ୍ଗିଲେ ଦୁଇ କଲେଜ ବସ୍
- ଅନିର୍ଦ୍ଦିଷ୍ଟ କାଳ ପାଇଁ 'ଇଣ୍ଟର ମେଡିସ୍' କାର୍ଯ୍ୟକ୍ରମ ବାତିଲ
- କାର୍ଯ୍ୟକ୍ରମ ଆୟୋଜନ ଜିଦ୍‌ରେ ଛାତ୍ରଛାତ୍ରୀଙ୍କ ଧାରଣା

ସୂଚନାଯୋଗ୍ୟ, ଚଳିତ ବର୍ଷ ଏମ୍‌କେସିଜି ମେଡିକାଲ ଛାତ୍ର ସଂସଦ ପକ୍ଷରୁ ଇଣ୍ଟର ମେଡିସ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତିଯୋଗିତାରେ ହେବାକୁ ଥିବା କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ୧୫ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ମେଡିକାଲ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କାର୍ଯ୍ୟକ୍ରମର ପ୍ରଥମ ଦିନରୁ ହିଁ ଦୁଇଗୋଷ୍ଠୀ ଛାତ୍ର ମୁହାଁମୁହିଁ ହୋଇଛନ୍ତି।

ସୋମବାର ମଧ୍ୟରାତିରେ ଏମ୍‌କେସିଜି ମେଡିକାଲ ଛାତ୍ରାବାସ୧ଓ୩ମଧ୍ୟରେକଥାକଟାକଟିରୁଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସେଥିରେ ଇଣ୍ଟର୍‌ମେଡିସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆସିଥିବା କଟକ ଏସ୍‌ସିବି ମେଡିକାଲ କଲେଜର ଛାତ୍ରମାନେ ଅଯଥାରେ ହସ୍ତକ୍ଷେପ କରି ଏମ୍‌କେସିଜି ଛାତ୍ରାବାସ-୧ ଜିନ୍ଦାବାଦ ବୋଲି ନାରା ଦେଇଥିଲେ। ଏହାକୁ ନେଇ ଏମ୍‌କେସିଜି ଓ ଏସ୍‌ସିବି ମେଡିକାଲ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ମାରପିଟ୍ ହୋଇଥିଲା। ଏଥିରେ ଏସ୍‌ସିବି, ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ୍ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ରକ୍ତଜୁଡ଼ୁବୁଡ଼ୁ ୩ ଛାତ୍ରଙ୍କୁ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଢେଲା ଓ କାଚ ବୋତଲ ମାଡ଼ କରାଯାଇଥିଲା। ଏଥିରେ ଏମ୍‌କେସିଜି ଓ ଏସ୍‌ସିବି ମେଡ଼ିକାଲ୍ କଲେଜର ବସ୍ ଭାଙ୍ଗିଥିଲା। ଖବର ପାଇ ମେଡିକାଲ କଲେଜର କିଛି ବରିଷ୍ଠ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପରେ କଟକ ଏସ୍‌ସିବି ଛାତ୍ରମାନେ ଏମକେସିଜି ମେଡିକାଲ ଛାଡ଼ି ପଳାଇଥିଲେ।



ଏ ସଂପର୍କରେ ସୋମବାର ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ବସିଥିଲା। ବୈଠକରେ ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ ଓ ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାରପିଟ୍ ହୋଇଥିବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ 'ଇଣ୍ଟର ମେଡିସ୍' କାର୍ଯ୍ୟକ୍ରମକୁ ବାତିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଶତାଧିକ ଡାକ୍ତରୀ ଛାତ୍ରଛାତ୍ରୀ ଡିନ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମ ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଗଲେ, ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଛାତ୍ରସଂସଦ ସଭାପତି ବିଶ୍ୱଭୂଷଣ ଜେନା କହିଛନ୍ତି। ବହୁ ବୁଝାସୁଝା ପରେ ସଂଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଛି।

ପ୍ରକାଶଯୋଗ୍ୟ, ଗତ ୨୦୨୩ ଜୁଲାଇରେ ସମାନ କାର୍ଯ୍ୟକ୍ରମ ବୁର୍ଲାସ୍ଥିତ ଭିମସାର ମେଡିକାଲ କଲେଜରେ ହୋଇଥିଲା। ସେତେବେଳେ ଭିମସାରର ଛାତ୍ରଙ୍କ ଆକ୍ରମଣରେ ମେଡ଼ିକାଲର ବହୁ ଛାତ୍ର ଆହତ ହୋଇଥିଲେ। ଏମ୍‌କେସିଜି ମେଡିକାଲ ଛାତ୍ରଙ୍କୁ ସ୍ୱାଗତ ନାଁରେ ଭିମସାର ଛାତ୍ରମାନେ ଅଗ୍ନି ନିର୍ବାପକ ସିଲିଣ୍ଡରରୁ ଗ୍ୟାସ୍ ଛାଡ଼ି ଆକ୍ରମଣ କରିଥିଲେ। ଏଥିରେ ଏମ୍‌କେସିଜି ମେଡ଼ିକାଲର ୩ରୁ ଊର୍ଦ୍ଧ୍ୱ ଛାତ୍ର ଅଚେତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଇଣ୍ଟରମେଡିସରେ ଡାକ୍ତର ଛାତ୍ରଛାତ୍ରୀ ପରମ୍ପରା ନାମରେ ବିଭିନ୍ନ କାର୍ଯ୍ୟକ୍ରମରେ ଅପରାଧିକ କାର୍ଯ୍ୟକଳାପକୁ ହାତକୁ ନେଇଥିବା ନଜିର ରହିଛି। ଯଦ୍ୱାରା ବହୁ ଛାତ୍ରଛାତ୍ରୀ ଆହତ ହେବା ସହିତ ଶିକ୍ଷା ଅନୁଷ୍ଠାନର ଗରିମାକୁ ନଷ୍ଟ କରାଯାଉଥିବା ଶିକ୍ଷାବିତମାନେ ମତ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ରାଜ୍ୟସରକାର ଓ ମେଡ଼ିକାଲ୍ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ରାଉରକେଲାରୁ ଅଯୋଧ୍ୟା ଯିବ ୮ ଫୁଟ୍ ଲମ୍ବର ସୁବର୍ଣ୍ଣ ଧନୁ

ରାଉରକେଲା, ୧୪।୧୦ (ସମିସ): ରାଉରକେଲାରୁ ଅଯୋଧ୍ୟାର ରାମମନ୍ଦିରକୁ ଯିବ ସୁନାରେ ପ୍ରସ୍ତୁତ ଏକ ଧନୁ। ଏନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଯୋଧ୍ୟା ରାମମନ୍ଦିରର ମହାସଚିବ ଚମ୍ପତ ରାୟଙ୍କ ଅନୁମତିକ୍ରମେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ। ଏହି ସୁବର୍ଣ୍ଣ ଧନୁର ଲମ୍ବ ୮ ଫୁଟ୍ ଓ ଚଉଡ଼ା ସାଢ଼େ ୩ଫୁଟ୍। ଏହା ତାମିଲନାଡୁ କାଞ୍ଚିପୁରମ୍‌ର ୪୦ଜଣ ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୧କେଜି ସୁନା ବ୍ୟବହୃତ ହୋଇଛି। ଆସନ୍ତା ଜାନୁଆରୀ ୨୦ତାରିଖରେ ପୁରୀରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ୨୨ତାରିଖ ଦିନ ଅଯୋଧ୍ୟାର ରାମମନ୍ଦିର ପ୍ରତିଷ୍ଠା ଦିବସରେ ପହଞ୍ଚିବ। ଏହି ଧନୁ ତିଆରିରେ ପ୍ରାୟ ୬ ରୁ ୮ କେଜି ମଧ୍ୟରେ ସୁନା ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହ ଏହି ଧନୁରେ ବୀର ସୌର୍ଯ୍ୟ ପ୍ରାପ୍ତ ହୋଇଥିବା ସହିଦ୍‌ମାନଙ୍କ ନାମ ଖୋଦିତ କରାଯିବ। ଏହି କାର୍ଯ୍ୟ ସମାପନ ପରେ ଧନୁକୁ ପ୍ରତିଟି ଜିଲ୍ଲାର ପ୍ରମୁଖ ସ୍କୁଲ ଓ କଲେଜ ପରିକ୍ରମା କରି ସମାଜରେ ଯେଉଁମାନେ ପ୍ରକୃତ ବୀର ସେମାନଙ୍କ ସମ୍ପର୍କରେ ଅବଗତ କରାଯାଇ ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ମହାସଚିବ ଚମ୍ପତ ରାୟଙ୍କୁ ଅର୍ପଣ କରାଯିବ। ସେହିପରି ଅପରେସନ ସିନ୍ଦୂରର ସଫଳତା ପାଇଁ ଶ୍ରୀଜଗନ୍ନାଥଙ୍କ ଭୂମି ତରଫରୁ ବୀର ଯବାନଙ୍କୁ ଏହା ଉତ୍ସର୍ଗୀକୃତ କରାଯିବା ସହ କାରଗିଲରୁ ପେହେଲଗାଁଓ ପର୍ଯ୍ୟନ୍ତ ସମସ୍ତ ସହିଦ୍ ଯବାନଙ୍କ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ପ୍ରତିକୂଳ ପରିସ୍ଥିତିରେ ଭୟ କରନ୍ତୁନି। ଧାର୍ମିକ ସମାବେଶରେ ସାମିଲ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଟଙ୍କା ଫେରି ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବୃଷ:** ଲୋକ ସମ୍ପର୍କ ବଢ଼ିବ। ଉଡ଼ା ଖବରକୁ ବିଶ୍ୱାସ କରନ୍ତୁନି। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କାର୍ଯ୍ୟରେ ବାଧା ଉପୁଜିପାରେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଛୋଟ ଛୋଟ କଥାରୁ କଳହ ସୃଷ୍ଟି ହୋଇପାରେ। କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଖର୍ଚ୍ଚ ବଢ଼ିପାରେ। ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**କନ୍ୟା:** ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ। ନୂତନ ଜମି କ୍ରୟ କରିପାରନ୍ତି। ମାପି ଚୁପି କଥା ହୁଅନ୍ତୁ।

**ତୁଳା:** ଭୂମି, ଯାନବାହନ କିଣି ପାରନ୍ତି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଦାନ ଧର୍ମ କରିବେ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି।

## ଅବଶିଷ୍ଟାଂଶ

### ଆଗୁଆ ଆସିବ...

ରେକଡର୍ କରାଯାଇଛି। ନେପାଳରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ହିମାଳୟ ଉପତ୍ୟକାରେ ବରଫପାତ ବୃଦ୍ଧି ପାଇଛି। ପାଣିପାଗବିଜ୍ଞାନୀମାନେ ଏହାକୁ ଏକ ଶୁଭ ସଙ୍କେତ ବୋଲି ମନେ କରୁଛନ୍ତି। ଏହାଦ୍ୱାରା ଗ୍ଲାସିୟରର ଅନ୍ୟୂନ ୫ ବର୍ଷ ପାଇଁ ଅଧିକ ଜୀବନ୍ତ ରହିବ ଓ ଉତ୍ତରଭାରତର ନଦୀଗୁଡ଼ିକର ସ୍ରୋତ ଶୁଖିବ ନାହିଁ ବୋଲି କୁହାଯାଉଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଭାରତୀୟ ଉପମହାଦ୍ୱୀପର ତାପମାତ୍ରା ଗତ ୧୨୨ ବର୍ଷରେ ୦.୯୯ ଡ଼ିଗ୍ରୀ ବୃଦ୍ଧି ପାଇଛି, ମାତ୍ର ଚଳିତ ବର୍ଷ ଅର୍ଥାତ୍ ୨୦୨୫ ଶେଷ ସୁଦ୍ଧା ଏହି ବୃଦ୍ଧିରେ ଅଙ୍କୁଶ ଲାଗିବ ଓ ଲା ନିନା କାରଣ ଯୋଗୁ ତାପମାତ୍ରା ୦.୨ଡ଼ିଗ୍ରୀ କମ୍ ହେବ।

ଅନ୍ୟପଟେ ମୌସୁମୀ ପ୍ରତ୍ୟାବର୍ତ୍ତନ ଧାରା ଆରମ୍ଭ ହେବା ପରେ ଏବେ ଓଡ଼ିଶାରେ ପାଗ ମୁଖ୍ୟତଃ ଓ ଶୁଖିଲା ଓ ଖରାଟିଆ ରହିଛି। ରାଜ୍ୟକୁ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ମଧ୍ୟ କମିଛି। ଫଳରେ ରାତିରେ ମଧ୍ୟ ଧୀରେ ଧୀରେ ବା ହାଲୁକା ଥଣ୍ଡା ଅନୁଭୂତ ଆରମ୍ଭ ହୋଇଛି। ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ୨୨-୨୪ ଡିଗ୍ରୀ ମଧ୍ୟରେ ରହୁଛି।

୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ତେଣୁ ଏବର୍ଷ ଭଲ ଶୀତର ଆକଳନ କରାଯାଇଛି।

### ୧୫.୬୭ ଲକ୍ଷ...

କରି ପାରି ନାହାନ୍ତି । ମୁଖ୍ୟତଃ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ବହୁ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ପାରି ନ ଥିବା ବେଳେ ଅନେକ ବୟସ୍କ ଓ ଶଯ୍ୟାଶାୟୀଙ୍କର ଇ-କେୱାଇସି ଅପଡେଟରେ ସମସ୍ୟା ରହିଛି। ଛୋଟ ପିଲା ଓ ବୟସ୍କ ବର୍ଗଙ୍କ ଫିଙ୍ଗର ପ୍ରିଣ୍ଟ ସମସ୍ୟା ରହିବାଯୋଗୁଁ ସେମାନଙ୍କର ଇ-କେୱାଇସି ହୋଇପାରି ନାହିଁ। ପୁନଶ୍ଚ ରାଜ୍ୟ ବାହାରେ ଅନ୍ୟ ରାଜ୍ୟରେ କାମ କରୁଥିବା ଲକ୍ଷଲକ୍ଷ ଲୋକ ମଧ୍ୟ ଇ-କେୱାଇସି କରି ପାରିନାହାନ୍ତି। ଯାହା ଫଳରେ ଏହି ଲୋକମାନେ ଆଗାମୀ ମାସରୁ ଆଉ ଚାଉଳ ପାଇବେ ନାହିଁ। ଲକ୍ଷାଧିକ ଲୋକ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିପାରିନାହାନ୍ତି।

ସେପ୍ଟେମ୍ବର ୩୦ ତାରିଖକୁ ଇ-କେୱାସି କରିବାର ଶେଷ ତାରିଖ୍ ଭାବେ ଘୋଷଣା କରାଯାଇଥିଲା। ଏହି ଅବଧି ଭିତରେ ଅନେକ ଇ-କେୱାଇସି ହୋଇପାରି ନାହିଁ ଓ ଏହି ପ୍ରକ୍ରିୟାରେ ଅନେକ ସମସ୍ୟା ହେଉଥିବା ଡିଲର୍ ଆସୋସିଏସନ୍ ଏହା ପୂର୍ବରୁ ଅଭିଯୋଗ କରି ଆସିଛି। ନିକଟରେ ସରକାରଙ୍କ ପକ୍ଷରୁ ମିଳିଥିବା ଏକ ତାଲିକାରୁ ଜଣାପଡ଼ିଛି ଯେ ଗଞ୍ଜାମରୁ ସର୍ବାଧିକ ୧ ଲକ୍ଷ ୬୪ ହଜାର ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ସେହିପରି କଟକରୁ ୯୧ ହଜାର, ମୟୁରଭଞ୍ଜରୁ ୮୭ ହଜାର, ବଲାଙ୍ଗିରରୁ ୮୩ ହଜାର, ବାଲେଶ୍ୱରରୁ ୮୩ ହଜାର ଓ କଳାହାଣ୍ଡିରୁ ୮୨ ହଜାର ଲୋକ ଇ-କେୱାଇସି କରି ନ ଥିବା ଯୋଗୁଁ ତାଲିକାରୁ ବାଦ ପଡ଼ିଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ସାମ୍ନାକୁ ଆସିଛି। ତେଣୁ ସରକାର ଅବଧି ବଢାଇବାକୁ ଦାବି ହୋଇ ଆସୁଥିଲା। ଯେମିତି ଯୋଗ୍ୟ ହିତାଧିକାରୀ ବାଦ ନ ପଡନ୍ତି ସରକାର ତା ଉପରେ ନଜର ଦେବା ଆବଶ୍ୟକ ବୋଲି ଦାବି ହୋଇଛି।

### ରୁପା ୨ ଲକ୍ଷ...

ରୁପା କିଲୋ ପିଛା ୨.୬ ଲକ୍ଷ ଟଙ୍କା ଛୁଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। କୌତୂହଳର ବିଷୟ ହେଉଛି ଯେ, ମାତ୍ର ୨୮୬ ଦିନରେ ରୁପା ମୂଲ୍ୟ ଦୁଇ ଗୁଣ ବଢ଼ିଯାଇଥିବାବେଳେ ସପ୍ତାହକରେ ଏହା ୩୩ ହଜାର ଟଙ୍କା ମହଙ୍ଗା ହୋଇଛି।

ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ନୂଆଦିଲ୍ଲୀର ବଜାରରେ ଆଜି ରୂପା ମୂଲ୍ୟ ଗୋଟିଏ ଦିନରେ ୭୦୦୦ ଟଙ୍କା ବୃଦ୍ଧି ଘଟି ପ୍ରତି କିଲୋଗ୍ରାମ ୧,୮୫,୦୦୦ ଟଙ୍କାରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ପାର୍ବଣ ଋତୁ, ଶିଳ୍ପ ଚାହିଦା ବଢ଼ିବା ଏବଂ ବିଶ୍ୱ ଯୋଗାଣରେ ହ୍ରାସ ଯୋଗୁଁ ରୁପାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଛି। ରୁପା ମୂଲ୍ୟରେ ହେଉଥିବା ବୃଦ୍ଧି ଆଗକୁ ମଧ୍ୟ ଜାରି ରହିବ। ବଜାର ବିଶେଷଜ୍ଞଙ୍କ ମତରେ ଅଗାମୀ ଦିନରେ ରୁପା ଦର କିଲୋ ପିଛା ୭ ଲକ୍ଷ ଟଙ୍କା ସ୍ତର ଛୁଇଁବ। ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜାନୁଆରୀ ମାସରେ ରୁପା ମୂଲ୍ୟ କିଲୋ ପିଛା ପ୍ରାୟ ୭୯,୩୮୦ ଟଙ୍କା ରହିଥିଲା। ଚଳିତମାସରେ ନୂଆଦିଲ୍ଲୀ ବଜାରରେ ଏହା କିଲୋ ପିଛା ସର୍ବୋଚ୍ଚ ୧,୮୫,୦୦୦ ଟଙ୍କା ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଜାନୁଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ରୁପା ମୂଲ୍ୟ ପ୍ରାୟ ୧୩୩%ରୁ ଅଧିକ ବୃଦ୍ଧି ପାଇଛି। ଅପରପକ୍ଷେ ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପାଖାପାଖି ୫୦ ହଜାର ଟଙ୍କା ବୃଦ୍ଧି ଘଟିଛି। ୨୦୨୪ ଡିସେମ୍ବର ୩୧ରେ ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ଏବେ ୧,୨୮,୮୩୦ ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ରୁପା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୮୯,୩୦୮ ଟଙ୍କା ବୃଦ୍ଧି ପାଇଛି। ଅପରପକ୍ଷେ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୮,୩୪୦ ଟଙ୍କା ସ୍ତର ଟପିଯାଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୧୭,୬୫୦ ଟଙ୍କାରେ ପହଞ୍ଚିଛି।

### ଜଗିବ କିଏ?...

ଅନ୍ୟ ସବୁ ବାଣ ଉପରେ କଟକଣା ରହିଛି। ଯଦି କେହି ବାଣ ଫୁଟାଉଛନ୍ତି ତେବେ ୧୨୫ ଡେସିବେଲ ଅର୍ଥାତ୍ କମ୍ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇ ପାରିବେ ପୁଣି ପାର୍କ, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନର ୧୦୦ ମିଟର ପରିଧି ମଧ୍ୟରେ ବାଣ ଫୁଟାଯାଇପାରିବ ନାହିଁ। ପୁନଶ୍ଚ ବାଣରେ ବୋରିଅମ ଓ ଅନ୍ୟ ନିଷିଦ୍ଧ ରାସାୟନିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏସବୁ ନିୟମ ପାଳନ ନ କଲେ ଓଡ଼ିଶା ବାଣ ଓ ଲାଉଡ୍‌ସ୍ପିକର ନିୟନ୍ତ୍ରଣ ଆଇନ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେଣୁ ଦୀପାବଳୀରେ ବାଣ ଫୁଟାଇବା ପରିବର୍ତ୍ତେ କେବଳ ଦୀପ ଜାଳିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁରୋଧ କରିଛି।

ସାଧାରଣତଃ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର ଓ ତାଳଚେର ପରି ସହରରେ ସବୁ ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ। ଗତବର୍ଷ ଦୀପାବଳି ପୂର୍ବ ଦିନ ଏଠାରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ୧୦୦ ଥିଲା ବେଳେ ଦୀପାବଳି ସନ୍ଧ୍ୟାରେ ବାଣ ଫୁଟାରୁ ଏହା ବଢ଼ି ୨୩୦ ରୁ ୩୪୦ ଏକ୍ୟୁଆଇରେ ପହଞ୍ଚିଥିଲା। ଦୀପାବଳିରେ ବାଣଫୁଟା ପରେ ପ୍ରଦୂଷଣକୁ ନେଇ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ ସାରା ଦେଶରେ କିପରି ପ୍ରଦୂଷଣକୁ ରୋକାଯାଇପାରିବ ସେନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବାଣରୁ ନିର୍ଗତ ଧୂଆଁ ଓ ଶିଳ୍ପ ବର୍ଜ୍ୟବସ୍ତୁ ବାୟୁମଣ୍ଡଳକୁ ପ୍ରବେଶ କରୁଛି। ଯେଉଁଥିରେ ଅଙ୍ଗାରକାମ୍ଳ, ଗନ୍ଧକାମ୍ଳ, ଜବଖାରକାମ୍ଳ ଓ ମିଥେନ ପରି ବିଷାକ୍ତ ଗ୍ୟାସ୍ ରହିଛି। ତେଣୁ ଦେଶର ବିଭିନ୍ନ ରାଜ୍ୟରେ ବାଣଫୁଟା ଉପରେ କଡ଼ାକଡ଼ି କଟକଣା ଲଗାଯାଇଛି। ଅନ୍ୟପକ୍ଷରେ ବାଣ ଫୁଟାଇବା ସମୟରେ ପାଖରେ ପାଣି ବା ବାଲି ରଖିବାକୁ ପରାମର୍ଶ ଦିଆଯାଇଛି। ବାଣକୁ ହାତରେ ଧରି ଫୁଟାଇବାକୁ ବାରଣ କରାଯାଇଛି। ବାଣ ଫୁଟାଇବା ସମୟରେ ନିଜକୁ ଦୂରରେ ରଖିବା ଓ ଫୁଟି ଯାଇଥିବା ବାଣକୁ ଆଉଥରେ ଫୁଟାଇବାକୁ ଚେଷ୍ଟା ନକରିବା, ବାଣ ଫୁଟାଇବା ସମୟରେ ଆଖିର ଯତ୍ନ ନେବାକୁ ସ୍ୱଚ୍ଛ ଚଷମା ବ୍ୟବହାର କରିବା ଆଦି ବିଷୟରେ ସତର୍କତା ଜାରି କରାଯାଇଛି। ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

### ସୋନପୁରର ୩ ଶ୍ରଦ୍ଧାଳୁ...

ମଟାରୀ(୫୬), ପୁଅ ଆଶୁତୋଷ ମଟାରୀ, ଝିଅ ଚିନ୍ମୟୀ ମଟାରୀ ଓ ପୁତ୍ରବଧୂ ଅଲିଭା ମଟାରୀ ଯାଇଥିଲେ। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ବୈଷ୍ଣଦେବୀଙ୍କ ଦର୍ଶନ ସାରି ସମସ୍ତେ ହେଲିକେପ୍ଟର୍‌ରେ କଟରା ଫେରିଥିଲେ। କଟରା ହେଲିପ୍ୟାଡ୍‌ରୁ ଗୋଟିଏ ଅଟୋ ଭଡ଼ା କରିଥିଲେ। ଅଟୋରେ ଦୁଇ ବନ୍ଧୁ ସପତ୍ନୀଙ୍କ ବସିଥିବା ବେଳେ ଅନ୍ୟମାନେ ଚାଲିଚାଲି ଆସୁଥିଲେ। ଜାମ୍ମୁ-କଟରା ଏକ୍ସପ୍ରେସ୍ ୱେରେ ଅଟୋ ଯାଉଥିବା ବେଳେ ଏକ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ଅଟୋକୁ ଧକ୍କା ଦେଇଥିଲା। ଏଥିରେ ଅଟୋଟି ଚୂରମାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ବିଚିତ୍ର, ଯୋଗିନ୍ଦ୍ର ଓ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ କବିତା ଓ ସ୍ନେହଲତା ଗୁରୁତର ଆହତ ହୋଇଥିଲେ। ପୁଲିସ ଓ ଉଦ୍ଧାରକାରୀ ଦଳ ସମସ୍ତଙ୍କୁ କଟରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଗୁରୁତର କବିତା ଓ ସ୍ନେହଲତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଦୁହିଁଙ୍କୁ ଜାମ୍ମୁକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ କବିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଜିଏମ୍‌ସି ଡାକ୍ତରଖାନାରେ ଗୁରୁତର ସ୍ନେହଲତାଙ୍କ ଚିକିତ୍ସା ଚାଲିଛି।

ମୃତ ବିଚିତ୍ର ତରଭା ବରିଷ୍ଠ ନାଗରିକ ସଂଘର ସମ୍ପାଦକ, ସରସ୍ୱତୀ ଶିଶୁ ମନ୍ଦିର କମିଟିର ସମ୍ପାଦକ ସହ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଯୋଗିନ୍ଦ୍ର ମଟାରୀ ବରିଷ୍ଠ ନାଗରିକ ସଂଘର ସହ ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। ଉଭୟ ବନ୍ଧୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଚାକିରି କରି ଅବସର ଗ୍ରହଣ କରିଥିଲେ। ଆଜି ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ତରଭା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

ତାମିଲନାଡୁ ମଦ ଦୁର୍ନୀତି ମାମଲା

## ଇଡି ଚଢ଼ଉ ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ତାମିଲନାଡୁ ମଦ ଦୋକାନର ଲାଇସେନ୍ସ ସମ୍ବନ୍ଧିତ ରାଜ୍ୟ ମାର୍କେଟିଂ କର୍ପୋରେସନ ଲିମିଟେଡ (ଟିଏଏସଏମଏସି) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ପୁଲିସର କ୍ଷମତାରେ ଇଡି ଦଖଲ ଦେଉଥିବା କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଇଡିକୁ ପ୍ରଶ୍ନ କରିଥିଲେ ଯେ ରାଜ୍ୟ ପୁଲିସ ଏହି ମାମଲାର ଯାଞ୍ଚ କରିପାରି ନ ଥାଆନ୍ତା କି? ଏହି ମାମଲାରେ ଇଡି ଦଖଲ ଦେବା ଜରୁରୀ ଥିଲା କି? ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥା ଉପରେ କି ପ୍ରଭାବ ପଡ଼ିବ? ଏହାର ରାଜ୍ୟ କ୍ଷମତାରେ ହସ୍ତକ୍ଷେପ ନୁହେଁ କି? ରାଜ୍ୟ ଯାଞ୍ଚ କରୁ ନଥିବା ଜାଣି ନିଜେ ଚାଲିଯିବେ କି? କୋର୍ଟ କୌଣସି ବାଦବିବାଦରେ ପ୍ରତିଯୋଗିତା ଚାହୁଁନାହାନ୍ତି। କିନ୍ତୁ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଏବଂ କେନ୍ଦ୍ରର ସୀମା ରହିଛି। ସିଜେଆଇ କହିଥିଲେ ଯେ ଗତ ୬ ବର୍ଷ ହେଲା ସେ ଇଡିର ଅନେକ ମାମଲା ଦେଖିବାକୁ ପାଇଛନ୍ତି। କିନ୍ତୁ ଏହାକୁ ନେଇ କିଛି କହିବାକୁ ଚାହୁଁନି, ନଚେତ ଏହା ପୁଣିଥରେ ଗଣମାଧ୍ୟମରେ ରିପୋର୍ଟରେ ହୋଇଯିବ।

## ଇସ୍ତଫା ପାଇଁ ନୀତୀଶଙ୍କୁ ଅନୁମତି ମାଗିଲେ ସାଂସଦ

■ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିଧାୟକଙ୍କ ବିକ୍ଷୋଭ

ପାଟନା, ୧୪।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅକଳରେ ପଡ଼ିଛନ୍ତି। ମେଣ୍ଟରେ ଆସନ ବୁଝାମଣାକୁ ନେଇ ଅସନ୍ତୁଷ୍ଟ ଥିବା ନୀତୀଶଙ୍କ ସମସ୍ୟାକୁ ଦଳୀୟ ସାଂସଦ ଏବଂ ବିଧାୟକମାନେ ଶହେ ଗୁଣା ବଢ଼ାଇ ଦେଇଛନ୍ତି। ଆସନ ବଣ୍ଟନକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଜେଡିୟୁ ବିଧାୟକ ଏବଂ କର୍ମୀ ଧାରଣା ଦେଉଛନ୍ତି। ଏପରି ସମୟରେ ଭାଗଲପୁର ସାଂସଦ ଅଜୟ କୁମାର ମଣ୍ଡଳ ନିଜ ପଦରୁ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁମତି ମାଗିଛନ୍ତି। ନିଜ କ୍ଷେତ୍ରରେ ଆସନ ବଣ୍ଟନ ପାଇଁ ତାଙ୍କ ପରାମର୍ଶ ନିଆଯାଇ ନ ଥିବାରୁ ମଣ୍ଡଳ କ୍ଷୁବ୍ଧ ହୋଇଛନ୍ତି। ଏପରି ସ୍ଥିତିରେ ପଦରେ ରହିବାର କୌଣସି ଯଥାର୍ଥତା ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଚିଠିରେ ମଣ୍ଡଳ ଲେଖିଛନ୍ତି ଯେ ବିଧାୟକ ଏବଂ ସାଂସଦ ଭାବେ ୨୦-୨୫ ବର୍ଷ ହେଲା କ୍ଷେତ୍ରରେ ଲୋକଙ୍କ ସେବା କରି ଆସୁଛି। ଜେଡିୟୁକୁ ପରିବାର ଭାବେ ଦେଖୁଥିଲେ। କିନ୍ତୁ ଗତ କିଛି ମାସ ହେଲା ତାଙ୍କୁ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିଧାୟକ ଗୋପାଳ ମଣ୍ଡଳ ଆଜି ସକାଳୁ ନୀତୀଶଙ୍କ ଘରେ ଆଗରେ ବିକ୍ଷୋଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକଟ ନ ନେବା ପର୍ଯ୍ୟନ୍ତ ଏଠାରୁ ଉଠିବେ ନାହିଁ ବୋଲି କହିଥିଲେ। ଡିଏସ୍‌ପି ବୁଝାଇବା ସତ୍ତ୍ୱେ ସେ କିଛି ସମର୍ଥକଙ୍କ ସହ ସେମିତି ବସି ରହିଥିଲେ। ଏହା ଦେଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପରେ ପୁଲିସ ତାଙ୍କୁ ସେଠାରୁ ଉଠାଇ ନେଇଥିଲା।

## ରାସ୍ତା ଖାଲ ଯୋଗୁଁ ମୃତ୍ୟୁହେଲେ ମିଳିବ ୬ ଲକ୍ଷ

ମୁମ୍ବଇ, ୧୪।୧୦ (ଏଜେନ୍ସି): ସଡ଼କ ଦୁର୍ଘଟଣା ଜନିତ ମାମଲାରେ ବମ୍ବେ ହାଇକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ମହାରାଷ୍ଟ୍ରରେ ଖାଲ ଏବଂ ସ୍ୱରେଜ ନାଳ ଯୋଗୁଁ ମୃତ୍ୟୁ ହେଲେ ପୀଡ଼ିତ ପରିବାରଙ୍କୁ ୬ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାରରୁ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣା ପାଇଁ ଠିକାଦାରଙ୍କ ସହିତ ପୌରପାଳିକା ଏବଂ ସରକାରୀ ଅଧିକାରୀ ଦାୟୀ ରହିବେ। ସବୁ ଯୋଗ୍ୟ ପୀଡ଼ିତଙ୍କୁ ୬ରୁ ୮ ସପ୍ତାହ ଭିତରେ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶଦେଇଛନ୍ତି। ଏଥିରେ ବିଳମ୍ବ ହେଲେ କମିଶନର, ଜିଲ୍ଲାପାଳ, ସିଇଓଙ୍କ ଭଳି ଅଧିକାରୀଙ୍କୁ ଦାୟୀ କରାଯିବ। ତାଙ୍କଠାରୁ ସୁଧ ସହିତ ଟଙ୍କା ଆଦାୟ କରାଯିବ। ଏହି ଅର୍ଥ ଦାୟୀ ଅଧିକାରୀ, ଠିକାଦାର, ଇଞ୍ଜିନିୟରଙ୍କଠାରୁ ଆଦାୟ କରାଯିବ। ପ୍ରତି ବର୍ଷ ଖାଲ ଏବଂ ମୁକୁଳା ଡ୍ରେନ ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଉଛି। ଏହା ଲଜ୍ଜାଜନକ। ଦୋଷ ଧାର୍ଯ୍ୟ ନ କଲେ ଏଭଳି ଘଟଣା ବନ୍ଦ ହେବନାହିଁ ବୋଲି କୋର୍ଟ କହିଛନ୍ତି।

# ବିହାର ବିଧାନସଭା ନିର୍ବାଚନ | ମେଣ୍ଟ ଅଙ୍କ ଅଡୁଆ

## ଆର୍‌ଜେଡି-କଂଗ୍ରେସ ଟଣାଓଟରା ଜାରି

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଏ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରୁନି। ଭାଗବଣ୍ଟାକୁ ନେଇ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଟଣାଓଟରା ଜାରି ରହିଛି। କୌଣସି ଦଳ କମ୍ ଆସନରେ ଲଢିବାକୁ ପ୍ରସ୍ତୁତ ନାହାନ୍ତି। ଏହି ମତଭେଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଜନସୁରାଜ, ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ 'ଇଣ୍ଡିଆ' ବେଳ ଗଡ଼ି ଗଡ଼ି ଚାଲିଛି। ଏପରି ସମୟରେ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କୌଣସି ସାଲିସ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆସନକୁ ନେଇ ଏବେ ବି ଆର୍‌ଜେଡି ସହ ଟଣାଓଟରା ଲାଗି ରହିଛି।

**ତେଜସ୍ୱୀଙ୍କୁ ଭେଟିଲେନି ରାହୁଲ**

**ସାଲିସ କରିବୁନି:କଂଗ୍ରେସ**

**ଚିହ୍ନ ଦେଲେ ଲାଲୁ; ଫେରାଇନେଲେ ତେଜସ୍ୱୀ**

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଦିଲ୍ଲୀରୁ ପାଟନା ଫେରି ଆସିଛନ୍ତି। କିନ୍ତୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନ ଥିବା ଜଣାପଡ଼ିଛି। ଲୋକସଭା ଭଳି ବିଧାନସଭା ନିର୍ବାଚନର ନେତୃତ୍ୱ ମଧ୍ୟ ଲାଲୁ ଏବଂ ତେଜସ୍ୱୀ ନେବାକୁ ଚାହୁଁଛନ୍ତି। ବାପପୁଅ ନିଜ ହିସାବରେ ଆସନ ବାଣ୍ଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଚଳିତ ଥର ରାହୁଲ ନଇଁବାକୁ ପ୍ରସ୍ତୁତ ନାହାନ୍ତି। ସେ ବିହାର କଂଗ୍ରେସ ନେତାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହା ଚାପର ଆସନ ବୁଝାମଣା ହେବନାହିଁ ବୋଲି କହିଛନ୍ତି। ଏହି କାରଣରୁ ପ୍ରଦେଶ କଂଗ୍ରେସର କୌଣସି ନେତା ଆସନ ବଣ୍ଟନକୁ ନେଇ ମୁହଁ ଖୋଲୁ ନାହାନ୍ତି।

ଏହି ପ୍ରସଙ୍ଗରେ ରାହୁଲଙ୍କୁ ଭେଟିବା ପାଇଁ ତେଜସ୍ୱୀ ଦିଲ୍ଲୀ ଯାଇଥିଲେ, ମାତ୍ର କଂଗ୍ରେସ ନେତା ତାଙ୍କୁ ସମୟ ଦେଇ ନ ଥିଲେ। ଏହା ପରେ ତେଜସ୍ୱୀ ଖାଲି ହାତରେ ଫେରି ଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ମେଣ୍ଟ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ପଷ୍ଟ କରିଦେଇଛନ୍ତି। ଏହି କାରଣରୁ ପାଟନା ପହଞ୍ଚିବା ପରେ ଲାଲୁ ଯାଦବ ନିଜ ଲୋକଙ୍କୁ ଦଳୀୟ ଚିହ୍ନ ବାଣ୍ଟିବା ଆରମ୍ଭ କରିଦେଇଥିଲେ। ମାତ୍ର ତେଜସ୍ୱୀ ଏହା ଉପରେ ଅସନ୍ତୁଷ୍ଟ ହୋଇଥିଲେ। ଦଳୀୟ ନେତାଙ୍କୁ ବାପା ଦେଇଥିବା ଚିହ୍ନଗୁଡିକୁ ପୁଅ ଫେରାଇ ଆଣିଥିଲେ। ମହାମେଣ୍ଟର ସହଯୋଗୀ ଦଳ ସିପିଆଇ (ଏମଏଲ) ମଧ୍ୟ ପ୍ରାର୍ଥୀଙ୍କୁ ଟିକଟ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଦେଇଥିଲା। କିନ୍ତୁ କଂଗ୍ରେସ ଏ



ପର୍ଯ୍ୟନ୍ତ ଏଥିରୁ ଦୂରେଇ ରହିଛି।

ଅନ୍ୟପଟେ ମହାମେଣ୍ଟରେ ତେଜସ୍ୱୀଙ୍କ ବଡ଼ ଭାଇ କହୁଥିବା ମୁକେଶ ସହାନୀଙ୍କ ସ୍ଥିତି ବି ଅସମ୍ଭାଳ ହେବାରେ ଲାଗିଛି। ସେ ପୂର୍ବରୁ ୬୦ ଆସନ ମାଗିଥିଲେ, କିନ୍ତୁ ଏବେ ୩୦ରେ ଦେବାକୁ କହୁଛନ୍ତି। ସେ ଉପ-ମୁଖ୍ୟମନ୍ତ୍ରୀ ହେବାର ଆଶାକୁ ବି ଭୁଲି ଗଲେଣି। କାରଣ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ଚାହୁଁନାହିଁ। ଯଦି ମହାମେଣ୍ଟରେ ଆସନ ବୁଝାମଣା ନ ହୁଏ ଏବଂ ରାହୁଲ ଦିଲ୍ଲୀ ଭୁଲ୍‌କୁ ଦୋହରାନ୍ତି ତେବେ ଅକଳରେ ପଡ଼ିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।

## ଆସନ ବଣ୍ଟନ; ନୀତୀଶ ଅସନ୍ତୁଷ୍ଟ

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ହୋଇସାରିଛି। ମାତ୍ର ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ପୂର୍ବରୁ ହାମ୍ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଦଳକୁ ମିଳିଥିବା ଆସନକୁ ନେଇ କ୍ଷୁବ୍ଧ ହୋଇଥିଲେ। ଏବେ ନୀତୀଶଙ୍କ ଆଭିମୁଖ୍ୟ ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ୯ଟି ଆସନର ଭାଗବଣ୍ଟାକୁ ନେଇ ଖୁସି ନାହାନ୍ତି। ତେଣୁ ପୁଣିଥରେ ଏହା ଉପରେ ବିଚାର କରିବା ପାଇଁ ବିଜେପିକୁ କହିଛନ୍ତି।

**ପ୍ରଥମ ପ୍ରାର୍ଥୀ ତାଲିକା ଜାରିକଲା ବିଜେପି**

**ବାଦ୍‌ପଡ଼ିଲେ ବାଚସ୍ପତି**



ଏହା ମଧ୍ୟରେ ବିଜେପି ପ୍ରଥମ ତାଲିକାରେ ୭୧ ଜଣଙ୍କୁ ଟିକଟ ଦେଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ଏବଂ ବିଜୟ ସିହ୍ନାଙ୍କୁ ଲଖିସରାୟରୁ ପ୍ରାର୍ଥୀ କରାଯାଇଛି। ତେବେ ବାଚସ୍ପତି ନନ୍ଦକିଶୋର ଯାଦବଙ୍କ ଟିକଟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ବିଜେପି ନେତା ତଥା ହାଇକୋର୍ଟ ଓକିଲ ରତ୍ନେଶ କୁଶ୍ୱାହଙ୍କୁ ମୈଦାନକୁ ଓହ୍ଲା ଯାଇଛି। କୁମହରାର ୫ ଥରର ବିଧାୟକ ଅରୁଣ କୁମାର ସିହ୍ନାଙ୍କ ଟିକଟ ମଧ୍ୟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ସଞ୍ଜୟ ଗୁପ୍ତାଙ୍କୁ ସୁଯୋଗ ମିଳିଛି। ସେ ଦଳର ମହାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହି ତାଲିକାରେ ୧୩ ମନ୍ତ୍ରୀ ଏବଂ ୯ ମହିଳାଙ୍କ ନାମ ରହିଛି। ପୁଣିଥରେ ୪୮ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଚଳିତ ଥର ବିଜେପି ୧୦୧ ଆସନରେ ନିର୍ବାଚନ ଲଢ଼ିବ। ଏଥିରୁ ୭୧ ଜଣଙ୍କ ନାମ ସାମ୍ନାକୁ ଆସିଯାଇଛି। ଆଉ ୩୦ ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି। ବିହାରରେ ନଭେମ୍ବର ୬ ଏବଂ ୧୧ରେ ମତଦାନ ହେବ। ନଭେମ୍ବର ୧୪ରେ ଭୋଟ ଗଣତି ହେବ। ଅନ୍ୟପକ୍ଷରେ ଗାୟିକା ମୈଥିଲି ଠାକୁର ବିଜେପିରେ ସାମିଲ ହୋଇଛନ୍ତି। ଏଥିପାଇଁ ପାଟନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନରେ ଲଢିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତେବେ ସେ ଅଲିନଗରରୁ ନିର୍ବାଚନ ଲଢ଼ିପାରନ୍ତି।

## ଏସି ବସ୍‌ରେ ନିଆଁ; ୨୦ ଜୀବନ୍ତ ଦଗ୍ଧ




ଜୟପୁର, ୧୪।୧୦ (ଏଜେନ୍ସି): ରାଜସ୍ଥାନ ଜୈସାଲମେରର ଯୋଧପୁର ରାସ୍ତାରେ ମଙ୍ଗଳବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଚଳନ୍ତା ଏସି ସ୍ଲିପର ବସ୍‌ରେ ନିଆଁ ଲାଗି ଯାଇଛି। ଏଥିରେ ୨୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି। ୧୬ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜୈସାଲମେରର ଜବାହାରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହା ଦେଖୁ ଦେଖୁ ସାରା ବସ୍‌କୁ କବଳିତ କରି ନେଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସମୟ ମିଳି ନ ଥିଲା। ଜୀବନ ବିକଳରେ କିଛି ଲୋକ ଝରକା ଭାଙ୍ଗି ରାସ୍ତାକୁ ଡେଇଁ ପଡିଥିଲେ। ଏଥିରେ ୨ ଶିଶୁ, ୪ ମହିଳାଙ୍କ ସମେତ ୧୬ରୁ ଅଧିକ ଲୋକ ୭୦ ପ୍ରତିଶତରୁ ଅଧିକ ଜଳି ଯାଇଛନ୍ତି। ଏହି ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଥିଲେ। ତେବେ ସିଟି କାଉନସିଲର ସହାୟକ ଦମକଳ ଅଧିକାରୀ କୃଷ୍ଣପାଲ ସିଂହ ରାଠୋର କହିଛନ୍ତି ଯେ ଦୁର୍ଘଟଣାରେ ୧୦-୧୨ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାପାଳ ପ୍ରତାପ ସିଂହଙ୍କ ଅନୁଯାୟୀ, ବସ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ୧୬ ଆହତଙ୍କୁ ଯୋଧପୁର ହସ୍ପିଟାଲକୁ ପଠାଇ ଦିଆଯାଇଛି। ବସ୍‌ରେ ଅନ୍ୟ ଯାତ୍ରୀଙ୍କ ମୃତଦେହ ପଡି ରହିଛି।

ହରିୟାଣା ଆଇପିଏସ୍ ଆତ୍ମହତ୍ୟା ମାମଲା

## ଏଏସ୍‌ଆଇଙ୍କ ଆତ୍ମହତ୍ୟାରୁ ନୂଆ ମୋଡ଼

**ଦୁର୍ନୀତି ମାମଲାରେ ବଦନାମ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ ପୁରନ**

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣା ଆଇପିଏସ ୱାଇ ପୂରନଙ୍କ ଆତ୍ମହତ୍ୟାକୁ ନେଇ ରାଜ୍ୟ ରାଜ୍ୟନୀତି ଉଠୁଛି ପଡୁଛି। ଆଇଏଏସ ପତ୍ନୀ ଅମନୀତ ପି କୁମାର ଜିଦ୍‌ରେ ଅଟଳ ରହିଥିବାରୁ ଏ ପର୍ଯ୍ୟନ୍ତ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସେ ଡିଜିପି ଶତ୍ରୁଜିତ କପୁରଙ୍କ ବହିଷ୍କାର ଦାବି କରୁଥିବାବେଳେ ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ପୁରନଙ୍କ ମାମଲାର ତଦନ୍ତ ଚାଲିଥିବାବେଳେ ରାଜ୍ୟର ଆଉ ଜଣେ ପୁଲିସ ଅଧିକାରୀ ତଥା ଆସିଷ୍ଟାଣ୍ଟ ସବ୍-ଇନସପେକ୍ଟର (ଏଏସଆଇ) ସନ୍ଦୀପ କୁମାର ମଙ୍ଗଳବାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ଲାଢୌତ ରୋଡରେ ଥିବା ତାଙ୍କ ମାମୁଁ ଘରୁ ସନ୍ଦୀପଙ୍କ ମୃତଦେହ ମିଳିଛି। ଏହା ପୁରନଙ୍କ ମାମଲାକୁ ନୂଆ ମୋଡ ଦେଇଛି। ସନ୍ଦୀପ ମୃତ୍ୟୁ ପୂର୍ବରୁ ଭିଡିଓ ରେକର୍ଡିଂ ଏବଂ ୪ ପୃଷ୍ଠାର ସୁଇସାଇଡ ନୋଟ୍ ଲେଖି ଯାଇଛନ୍ତି। ରୋହତକ ସାଇବର ସେଲ୍‌ରେ ମୁତୟନ ହୋଇଥିବା ଏହି ଏଏସଆଇ ସତ୍ୟ ପାଇଁ ଜୀବନ ଦେଇଥିବା ଉଲ୍ଲେଖ କରିଛନ୍ତି। ଦେଶର ଲୋକେ ବଳିଦାନ ପରେ ଚେତିଥାନ୍ତି। ତେଣୁ ଭଗତ ସିଂହଙ୍କ ପରି ଲୋକଙ୍କୁ ସତ କ'ଣ ଜଣାଇବା ପାଇଁ ବଳିଦାନ ଦେଉଥିବା ସନ୍ଦୀପ କହିଛନ୍ତି।



ପୂର୍ବତନ ଆଇଜି ପୁରନ ଏବଂ ତାଙ୍କ ଗନ୍‌ମ୍ୟାନ ସୁଶୀଳ କୁମାରଙ୍କ ବିରୋଧରେ ଏଏସଆଇ ଗୁରୁତର ଅଭିଯୋଗ ଲଗାଇଛନ୍ତି। ପୁରନ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିଲେ। ରୋହତକ ରେଞ୍ଜରେ ମୁତୟନ ହେବା ପରେ ସେ ବ୍ୟବସ୍ଥାକୁ ହାଇଜ୍ୟାକ କରି ନେଇଥିଲେ। ଜାତିଗତ ଭେଦଭାବ ଆରମ୍ଭ କରିଦେଇଥିଲେ। ଜାତି ଦେଖି ଅଧିକାରୀଙ୍କୁ ହଟାଇ ଦେଉଥିଲେ।ସଦର ଥାନାର ଏକ ହତ୍ୟା ମାମଲା ପାଇଁ ସେ ୫୦ କୋଟି ଟଙ୍କାର ଡିଲ୍ କରିଥିଲେ। ସଚ୍ଚୋଟ ଅଧିକାରୀଙ୍କ ବଦଳରେ ପୁରନ ଦୁର୍ନୀତିଗ୍ରସ୍ତଙ୍କୁ ମୁତୟନ କରିଥିଲେ। ଏମାନେ ଫାଇଲକୁ ପକାଇ ରଖୁଥିଲେ। ମାନିସକ ଉତ୍ପୀଡ଼ନ ଦେଇ ଟଙ୍କା ମାଗୁଥିଲେ। ବଦଳି ଚାହୁଁଥିବା ମହିଳା ଅଧିକାରୀଙ୍କୁ ମଧ୍ୟ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା। ଦୁର୍ନୀତି ମାମଲା ସାମ୍ନାକୁ ଆସିବା ପରେ ପୁରନଙ୍କୁ ବଦଳି କରାଯାଇଥିଲା। ଦୁର୍ନୀତି ମାମଲାରେ ଧରା ପଡ଼ିଯିବା ଭୟରେ ପୁରନ ଆତ୍ମହତ୍ୟା କରିଥିଲେ। ଏହା ଉଜାଗର ହୋଇଗଲେ ପାରିବାରିକ ରାଜନୀତି ଉପରେ ପ୍ରଭାବ ପଡିବ ବୋଲି ସେ ଭୟ କରି ଚରମ ନିଷ୍ପତ୍ତି ନେଇଥିଲେ। ଡିଜିପି ଜଣେ ସଚ୍ଚୋଟ ବ୍ୟକ୍ତି। ଡିଜିପି ଚାଲିଗଲେ ମଲେଇ ଖାଇବେ ବୋଲି ଆଇଏଏସ ଲବି ଭାବୁଛନ୍ତି। ଏମାନେ ଦେଶକୁ ନଷ୍ଟ କରୁଛନ୍ତି। ସାରା ରାଜ୍ୟରେ ଜାତିର ବିଷ ଓଗାଳି ସଚ୍ଚୋଟ, କର୍ମଠଙ୍କୁ ପ୍ରତାଡ଼ନା ଦେଉଛନ୍ତି। ସେଥିପାଇଁ ଅନ୍ତିମ ସଂସ୍କାର କରାଯାଉ ନାହିଁ।

ସନ୍ଦୀପଙ୍କ ଅନୁଯାୟୀ, ଦେଶ ଏବଂ ସମାଜ ପାଇଁ ଆଗକୁ ବଢ଼ିବା ବହୁତ ଜରୁରୀ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଦୁର୍ନୀତି ବିରୋଧୀ ଲଢେଇକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଆମ ଶରୀରରେ ଦେଶଭକ୍ତି ଭରି ହୋଇ ରହିଛି ବୋଲି ଭୁଲି ଯାଉଛନ୍ତି। ମୋ ଭଳି ଶହେ ଜୀବନ ବାଜି ଲଗାଇ ଦେବୁ ପଛେ ଦେଶକୁ ନଇଁବାକୁ ଦେବୁନି। ସତ୍ୟର ହିଁ ବିଜୟ ହେବ। ଏହ ଲଢେଇ ପାଇଁ ମୁଁ ପ୍ରଥମ ଆହୂତି ଦେଉଛି। ଅନ୍ୟପକ୍ଷରେ ପୁରନ ମୃତ୍ୟୁ ପୂର୍ବରୁ ଅନେକ ଆଇଏଏସ, ଆଇପିଏସ ଅଧଇକାରୀଙ୍କ ସମେତ ଓକିଲଙ୍କ ସହ କଥା ହୋଇଥିଲେ ବୋଲି ଜଣାପଡ଼ିଛି।

### ସରକାର ତାମସା ବନ୍ଦ କରନ୍ତୁ:ରାହୁଲ

ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୁରନଙ୍କ ଆତ୍ମହତ୍ୟାକୁ ୭ ଦିନ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଏହି ଘଟଣାକୁ ନେଇ ଅଡୁଆ ବଢୁଥିବାବେଳେ ଛିଡ଼ିବାର ନା ଧରୁନି। ମଙ୍ଗଳବାର ସକାଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରାହୁଲ କହିଥିଲେ ଯେ ସରକାର ତାମସା ବନ୍ଦ କରନ୍ତୁ। ଆଇପିଏସଙ୍କ ପରିବାର ଉପରେ ଚାପ ପକାଯାଉଛି। ଏପରି ନ ହେବା ଉଚିତ। ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଉ ଏବଂ ଦିବଂଗତକୁ ଅପମାନିତ କରା ନ ଯାଉ।

**୧୦% କମିଶନ ଲାଗି ଗଲା ୨୫ ଶିଶୁଙ୍କ ଜୀବନ**

## ୨.୫୬ ଟଙ୍କା ପାଇଁ ଡାକ୍ତର ଲେଖୁଥିଲେ କୋଲ୍‌ଡ୍ରିଫ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଲୋକଙ୍କ ବିଶ୍ୱାସରେ ବିଷ ଦେଇ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। କୋଲ୍‌ଡ୍ରିଫ କଫ ସିରପକୁ ନେଇ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଥିରେ ଦେଶରେ ମେଡିସିନ୍ ଲେଖିବା ପାଇଁ ଚାଲିଥିବା କମିଶନର କଟୁ ସତ୍ୟ ସାମନାକୁ ଆସିଛି। କିଛି ଟଙ୍କାର ଲୋଭ ପାଇଁ ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳିଥିଲେ। ମାତ୍ର ୧୦ ପ୍ରତିଶତ କମିଶନ ପାଇଁ ଡାକ୍ତର ଶିଶୁଙ୍କୁ ଏହି ବିଷାକ୍ତ କୋଲ୍‌ଡ୍ରିଫ ସିରପ ଲେଖୁଥିଲେ। ଯେତିକି ଟଙ୍କା ଏହି କଫ ସିରପ ଲେଖିବା ପାଇଁ ଡାକ୍ତର ନେଉଥିଲେ ତାହାକୁ କେହି ସହଜରେ ବି ବିଶ୍ୱାସ କରିପାରିବେ ନାହିଁ। କେତେ ଟଙ୍କାରେ ଶିଶୁଙ୍କ ଜୀବନକୁ ବିକ୍ରି କରିଦିଆଗଲା ତାହା ବି କେହି କଳନା କରିପାରିବେନି। ଡାକ୍ତର ଲେଖିଥିବା କଫ ସରିପ ପିଇ ମଧ୍ୟପ୍ରଦେଶରେ ୨୫ ଶିଶୁ ପ୍ରାଣ ହରାଇ ଥିଲେ। ଗୋଟିଏ କଫ ସିରପ ପାଇଁ ଡାକ୍ତରଙ୍କୁ ୧୦ ପ୍ରତିଶତ ତଥା ମାତ୍ର ୨ଟଙ୍କା ୫୪ ପଇସା କମିଶନ ମିଳୁଥିଲା। ଏହି କଫ ସିରପ ବୋତଲ ମାତ୍ର ୨୪.୫୪ ଟଙ୍କାରେ ବିକ୍ରି ହେଉଥିଲା। ଏହାକୁ ଲେଖୁଥିବାରୁ ପ୍ରତ୍ୟେକ ବୋଟଲ ପିଛା ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଡାକ୍ତରଙ୍କୁ ୨ଟଙ୍କା ୫୪ ପଇସା କମିଶନ ପ୍ରଦାନ କରୁଥିଲା।

ପୁଲିସ ଅଭିଯୋଗ କରିଛି ଯେ ପରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁତୟନ ଶିଶୁରୋଗ ଡାକ୍ତର ପ୍ରବୀଣ ସୋନି କ୍ରମାଗତ ଭାବେ କୋଲଡ୍ରିଫ ଲେଖିବା ଜାରି ରଖିଥିଲେ। କେନ୍ଦ୍ର ପକ୍ଷରୁ ଫିକ୍ସଡ-ଡୋଜ କମ୍ବିନେସନ (ଏଫଡିସି) ନିଷିଦ୍ଧ କରାଯାଇଥିବାବେଳେ ସେ ଘରୋଇ ଭାବେ ରୋଗୀ ଦେଖୁଥିବାବେଳେ ଏହାକୁ ଲେଖୁଥିଲେ। ଏହା ପିଇ ଶିଶୁଙ୍କ ଜୀବନ ଯାଉଥିବା ଜାଣି ବି ସୋନି ଏପରି କରୁଥିଲେ। ତାମିଲନାଡୁର ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଦ୍ୱାରା ପ୍ରସ୍ତୁତ କୋଲଡ୍ରିଫରେ ଡାଇଏଥିଲିନ ଗ୍ଲାଇକଲ (ଡିଇଜି) ମାତ୍ରା ଧାର୍ଯ୍ୟ ସୀମାଠାରୁ ୫୦୦ ଗୁଣ ଅଧିକ ଥିଲା। ଏହା ଶିଶୁଙ୍କ କିଡ୍‌ନୀ (ବୃକକ) ଉପରେ ପ୍ରଭାବ ପକାଉ ଥିଲା। ଫଳରେ ଶିଶୁଙ୍କ ଜୀବନ ଯାଇଥିଲା।

**ଭାରତର ତିନି କଫ ସିରପ ବିରୋଧରେ 'ହୁ'ରେ ଚେତାବନୀ**

**କୋଲଡ୍ରିଫ, ରେସ୍ପିଫ୍ରେସ ଟିଆର, ରିଲାଇଫ ସାମିଲ**



ଏବେ ଡ. ସୋନି ଏବଂ ଶ୍ରୀସେନର ମାଲିକ ରଙ୍ଗନାଥନ ପୁଲିସ ହେପାଜତରେ ଅଛନ୍ତି। ତାମିଲନାଡୁ ସରକାର ଏହି କମ୍ପାନୀକୁ ବନ୍ଦ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀର ବିଭିନ୍ନ ଠିକଣାରେ ଚଢ଼ଉ କରିଛି। ଅନ୍ୟପକ୍ଷରେ ଭାରତର ତିନି ଅପମିଶ୍ରିତ କଫ ସିରପକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସୋମବାର ଚେତାବନୀ ଜାରି କରିଛି। ଏଥିରେ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସର କୋଲଡ୍ରିଫ, ରେଡନେକ୍ସ ଫାର୍ମାସ୍ୟୁଟିକାଲ୍ସର ରେସ୍ପିଫ୍ରେଶ ଟିଆର ଏବଂ ସେପ ଫାର୍ମାର ରିଲାଇଫ ସାମିଲ ରହିଛି।'ହୁ' ପକ୍ଷରୁ କୁହାଯାଇଛି ଯେ ଏହି ତିନୋଟି କଫ ସିରପ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏହା ଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ରୋଗର କାରଣ ପାଲଟି ପାରେ। ଯଦି ଏହି ଔଷଧ ମିଳୁଛି ତେବେ ଏହାର ସୂଚନା ଦେବା ପାଇଁ 'ହୁ' ସବୁ ଦେଶଙ୍କୁ କହିଛି।

ଅକ୍ଟୋବର ୯ରେ ଏହି ସିରପକୁ ନେଇ 'ହୁ' ଭାରତକୁ ଜବାବ ମାଗିଥିଲା। କୌଣସି ଦେଶକୁ ଏହା ପଠା ଯାଇଛି କି ନାହିଁ ତାହାର ଉତ୍ତର ମାଗିଥିଲା। ଭାରତରେ ଔଷଧ ଉପରେ ନଜର ରଖୁଥିବା ସିଡିଏସସିଓ ପକ୍ଷରୁ ଏ ନେଇ କୁହାଯାଇଥିଲା ଯେ କୌଣସି ଅପମିଶ୍ରିତ ଔଷଧ ବାହାରକୁ ପଠାଯାଇ ନାହିଁ।

ବାଂଲାଦେଶ, ନେପାଳ ପରେ ମାଡାଗାସ୍କର

## କ୍ଷମତା ବଦଳାଇଦେଲେ ଜେନ୍-ଜେଡ୍

ଅଣ୍ଟାନାନରିଭୋ, ୧୪।୧୦ (ଏଜେନ୍ସି): ପୁଣି ଜେନ୍-ଜେଡ୍ ଗୋଷ୍ଠୀ ଏକ ଦେଶରେ ରାଜନୈତିକ ପରିବର୍ତ୍ତନ ଆଣିଛନ୍ତି। ଚଳିତ ଥର ଏହି ଆନ୍ଦୋଳନ ଏସିଆରୁ ଆଫ୍ରିକାକୁ ବ୍ୟାପି ଯାଇଛି। ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ମାଡାଗାସ୍କରରେ ଜେନ୍-ଜେଡ୍ ଏକତା ପ୍ରଦର୍ଶନ କରି ସରକାରଙ୍କୁ ଗାଦିଚ୍ୟୁତ କରିଛନ୍ତି। ଜଳାଭାବରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ ରାଷ୍ଟ୍ରପତି ଏଣ୍ଡ୍ରି ରାଜୋଏଲିନା ଦେଶା ଛାଡ଼ି ଫେରାର ହେବା ପରେ ଶାନ୍ତ ହୋଇଛି। ବିକ୍ଷୋଭକାରୀଙ୍କୁ ସେନାର ସମର୍ଥନ ମିଳିବା ପରେ ରାଷ୍ଟ୍ରପତି ଦେଶ ଛାଡ଼ି ପଳାଇଥିବା ବିରୋଧୀ ଦଳ ନେତା ସିଟେନି ରନ୍ଦ୍ରିୟାନା ସୋଲୋନିକୋ କହିଛନ୍ତି। ରାଷ୍ଟ୍ରପତି ସେନା ବିମାନରେ ଫ୍ରାନ୍ସ ପଳାଇ ଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ରାତିରେ ରାଷ୍ଟ୍ରପତି ସମ୍ବୋଧନ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

## ଭାରତକୁ ପ୍ରଶଂସା କଲେ ଟ୍ରମ୍ପ

କାଇରୋ, ୧୪।୧୦ (ଏଜେନ୍ସି): ଏବେ ଭାରତ ଏବଂ ପାକିସ୍ତାନ ମିଳିମିଶି ରହିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଗାଜା ଶାନ୍ତି ସମ୍ମିଳନୀରେ ଏହା କହିବା ସମୟରେ ପଛରେ ଛିଡ଼ା ହୋଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଟ୍ରମ୍ପ ଦେଖିଥିଲେ। ଏଭଳି ହେବ କି ନାହିଁ ବୋଲି ତାଙ୍କୁ ପଚାରି ଥିଲେ। ହଠାତ ଏହା ଶୁଣି ଶାହବାଜ ଅସହଜ ହୋଇ ସ୍ମିତହାସ୍ୟ ଦେଇଥିଲେ। ମାତ୍ର ଅନ୍ୟ ନେତାମାନେ ହସିବାରେ ଲାଗିଥିଲେ। ଏହା ବ୍ୟତୀତ ଟ୍ରମ୍ପ ଭାରତକୁ ଖୁବ୍ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଭାରତ ଏକ ମହାନ ଦେଶ। ଏହାର ଶୀର୍ଷ ନେତା ମୋର ଉତ୍ତମ ଭଲ ବନ୍ଧୁ। ସେ ବହୁତ ଭଲ କାମ କରୁଛନ୍ତି। ଅନ୍ୟପକ୍ଷରେ 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନ ଶହେରୁ ଉର୍ଦ୍ଧ୍ୱ ଅଧିକାରୀଙ୍କୁ ହରାଇ ଥିଲା ବୋଲି ଭାରତର ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି।

## ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ପରାସ୍ତ

# ଭାରତର କ୍ରମାଗତ ୧୦ମ ଟେଷ୍ଟ ସିରିଜ୍ ବିଜୟ

ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି):




ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି । ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଘରୋଇ ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି । ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ଏହା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ ହୋଇଛି । ୨୦୦୨ରୁ ଏହି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ସମସ୍ତ ଟେଷ୍ଟ ସିରିଜକୁ ଭାରତ ଜିତିଛି । ଏଥିସହ ଗୋଟିଏ ଦେଶ ବିପକ୍ଷରେ କ୍ରମାଗତ ଭାବେ ସର୍ବାଧିକ ଟେଷ୍ଟ ସିରିଜ ଜିତିବାରେ ଦକ୍ଷିଣ ଆଫ୍ରିକା ସହ ଭାରତ ସମକକ୍ଷ ହୋଇଛି । ଦକ୍ଷିଣ ଆଫ୍ରିକା ଦଳ ୧୯୯୮ରୁ ୨୦୨୪ ମଧ୍ୟରେ ୱେଷ୍ଟଇଣ୍ଡିଜ ସହ ଖେଳାଯାଇଥିବା ସମସ୍ତ ୧୦ଟି ସିରିଜ ଜିତିଥିଲା ।

ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ସୋମବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୬୩ ରନ ସଂଗ୍ରହ କରିଥିଲା । ମଙ୍ଗଳବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଭାରତ ବିଜୟ ଲାଗି ଆବଶ୍ୟକ ଥିବା ୫୮ ରନ ଲାଗି ଆଉ ୨ଟି ୱିକେଟ ହରାଇଥିଲା । ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ । ପୂର୍ବରାତିରୁ ଅପରାଜିତ ରହିଥିବା ସାଇ ସୁଦର୍ଶନ ୩୯ ରନରେ ଆଉଟ୍ ହୋଇଥିଲେ । ସେହିଭଳି ଅଧିନାୟକ ଶୁବମନ ଗିଲ୍ ମଧ୍ୟ ୧୩ ରନ କରି ପ୍ରତିପକ୍ଷ ଅଧିନାୟକ ରୋଷ୍ଟନ ଚେଜଙ୍କ ଶିକାର ହୋଇଥିଲେ । ୱେଷ୍ଟଇଣ୍ଡିଜ ପାଇଁ ଚେଜ୍ ୨ଟି ଓ ଜାମେଲ ୱାରିକାନ ଗୋଟିଏ ୱିକେଟ୍ ପାଇଥିଲେ । ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଶୁବମନ (୧୨୯)ଙ୍କ ଶତକ ବଳରେ ୫ ୱିକେଟରେ ୫୧୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା । ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୪୮ ରନରେ ସୀମିତ ରହି ଫଲୋଅନ ହୋଇଥିଲା । ଫଲୋଅନ ପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳିରେ ଜନ୍ କ୍ୟାମ୍ପବେଲ୍ (୧୧୫) ଓ ସାଇ ହୋପ୍ (୧୦୩)ଙ୍କ ଶତକ ସହାୟତାରେ ୩୯୦ ରନର ସମ୍ମାନଜନକ ସ୍କୋର କରିଥିଲା । ଏଠାରେ ମୋଟ୍ ୮ଟି ୱିକେଟ୍ ନେଇଥିବା କୁଳଦୀପ୍ ଯାଦବ ମ୍ୟାଚର ଏବଂ ୮ ୱିକେଟ୍ ସହ ୧୦୪ ରନ କରିଥିବା ରବୀନ୍ଦ୍ର ଜାଡେଜା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଜାଡେଜା ତାଙ୍କ ଟେଷ୍ଟ କ୍ୟାରିୟରରେ ୩ୟଥର ଲାଗି ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି । ଏଥିପୂର୍ବରୁ ସେ ୨୦୧୭ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

### ୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଆରମ୍ଭ

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିବା ପରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆ ଗସ୍ତ କରିବ । ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଆସନ୍ତା ସପ୍ତାହରୁ ସୀମିତ ଓଭର ସିରିଜ ଖେଳିବ । ଅକ୍ଟୋବର ୧୯ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ । ଏହାପରେ ପାଞ୍ଚମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ କାନବେରାରୁ ଆରମ୍ଭ ହେବ ।

### ଗୋଟିଏ ଦଳ ବିପକ୍ଷରେ କ୍ରମାଗତ ଟେଷ୍ଟ ସିରିଜ ବିଜୟ

| ଦଳ | ସିରିଜ | ପ୍ରତିପକ୍ଷ | ସମୟ |
|---|---|---|---|
| ଭାରତ | ୧୦ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଦ.ଆଫ୍ରିକା | ୧୦ | ୱେଷ୍ଟଇଣ୍ଡିଜ | ୧୯୯୮-୨୪ |
| ଅଷ୍ଟ୍ରେଲିଆ | ୯ | ୱେଷ୍ଟଇଣ୍ଡିଜ | ୨୦୦୦-୨୨ |
| ଅଷ୍ଟ୍ରେଲିଆ | ୮ | ଇଂଲଣ୍ଡ | ୧୯୮୯-୨୦୦୩ |
| ଶ୍ରୀଲଙ୍କା | ୮ | ଜିମ୍ବାୱେ | ୧୯୯୬-୨୦ |

### ଭାରତ ମାଟିରେ କ୍ରମାଗତ ଟେଷ୍ଟ ମ୍ୟାଚ୍ ପରାଜୟ

| ମ୍ୟାଚ୍ | ଦଳ | ସମୟ |
|---|---|---|
| ୭ | ଅଷ୍ଟ୍ରେଲିଆ | ୨୦୦୮-୧୩ |
| ୬ | ଶ୍ରୀଲଙ୍କା | ୧୯୮୬-୯୪ |
| ୬ | ନ୍ୟୁଜିଲାଣ୍ଡ | ୨୦୧୦-୧୬ |
| ୬ | ୱେଷ୍ଟଇଣ୍ଡିଜ | ୨୦୧୩-୨୫ |

### ଟେଷ୍ଟରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଅପରାଜେୟ ଧାରା

| ଦଳ | ମ୍ୟାଚ୍ | ପ୍ରତିପକ୍ଷ | ସମୟ |
|---|---|---|---|
| ଇଂଲଣ୍ଡ | ୪୭ | ନ୍ୟୁଜିଲାଣ୍ଡ | ୧୯୩୦-୭୫ |
| ଇଂଲଣ୍ଡ | ୩୦ | ପାକିସ୍ତାନ | ୧୯୬୧-୮୨ |
| ୱେଷ୍ଟଇଣ୍ଡିଜ | ୨୯ | ଇଂଲଣ୍ଡ | ୧୯୭୬-୮୮ |
| ଭାରତ | ୨୭ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଅଷ୍ଟ୍ରେଲିଆ | ୨୪ | ଦ.ଆଫ୍ରିକା | ୧୯୧୧-୫୨ |
| ୱେଷ୍ଟଇଣ୍ଡିଜ | ୨୪ | ଭାରତ | ୧୯୪୮-୭୧ |

## ଜାତୀୟସ୍ତରରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀ ଜିତିଲେ ୩ ପଦକ



ଭୁବନେଶ୍ୱର, ୧୪ ।୧୦ (ସମିସ): ଦୁଇ ଦୁଇଟି ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀମାନେ ୩ଟି ପଦକ ବିଜୟୀ ହୋଇଛନ୍ତି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୧୮ତମ ସିନିଅର ଜାତୀୟ ଗେଟବଲ୍ ଚାମ୍ପିଅନସିପ୍‌ରେ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା କର୍ଣ୍ଣାଲ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ । ସେହିଭଳି ନମ୍ରତା ବ୍ୟକ୍ତିଗତ ଭାବେ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଥିଲେ । ସେହିଭଳି ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ୩୪ତମ ସର୍ବଭାରତୀୟ ଜିଭି ମାଭାଲାଙ୍କର ସୁଟିଂ ଚାମ୍ପିଅନସିପ୍‌ରେ ରଶ୍ମୀ ବାଗ ରୌପ୍ୟ ପଦକ ଜିତିଛନ୍ତି । ସେ କନିଷ୍ଠ ମହିଳା ୫୦ ମିଟର ସୁଟିଂ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ । ଉଭୟ ନମ୍ରତା ଓ ରଶ୍ମୀ ବର୍ତ୍ତମାନ ଅଞ୍ଚଳ ମହାବିଦ୍ୟାଳୟରେ ଯଥାକ୍ରମେ ସ୍ନାତକ ଶିକ୍ଷା ବିଭାଗର ପ୍ରଥମ ବର୍ଷ ଓ ସ୍ନାତକ ଇତିହାସ ବିଭାଗର ଅନ୍ତିମ ବର୍ଷର ଛାତ୍ରୀ । ଏହି ସଫଳତା ଲାଗି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, କ୍ରୀଡ଼ା ସଂସଦର ଉପ-ସଭାପତି ଅଧ୍ୟାପକ ଷଡ଼ାନନ ଭୋଇ, ଖେଳ ଶିକ୍ଷକ ସଦାନନ୍ଦ ସାହୁ ଓ ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଆଇସିସି ମହିଳା ବିଶ୍ୱକପ୍‌ରେ ବର୍ଷା ବାଧକ
## ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡକୁ ୧-୧ ପଏଣ୍ଟ

କଲମ୍ବୋ, ୧୪ ।୧୦ (ଏଜେନ୍ସି): ମଙ୍ଗଳବାର ଘରୋଇ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚ ବର୍ଷା ଲାଗି ବାତିଲ ହୋଇଛି । ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ପାଇଛନ୍ତି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଛି । ଦଳ ପକ୍ଷରୁ ଅଧିନାୟିକା ଚାମିରା ଆଟାପାଟ୍ଟୁ ୫୩ ଓ ନୀଳାକ୍ଷୀ ଡି ସିଲଭା ୨୮ ବଲରେ ଅପରାଜିତ ୫୫ ରନର ପାଳି ଖେଳିଥିଲେ । ନ୍ୟୁଜିଲାଣ୍ଡର ଅଧିନାୟିକା ସୋଫି ଡିଭାଇନଙ୍କୁ ୩ଟି ୱିକେଟ୍ ମିଳିଥିଲା । ଏହାପରେ ବର୍ଷା ଲାଗି ରହିବାରୁ ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ ହୋଇପାରି ନ ଥିଲା । ବୁଧବାର ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ସୁଲତାନ ଜୋହର କପ୍‌ରେ ହାତ ମିଳାଇଲେ ଭାରତ-ପାକିସ୍ତାନ ଖେଳାଳି

ଜୋହର ବହରୁ, ୧୪ ।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ବାଳକ ହକି ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି । ନିର୍ଦ୍ଧାରିତ ୬୦ ମିନିଟ୍ ସମୟ ମଧ୍ୟରେ ଦୁଇ ଦଳ ୩ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ । ଫଳରେ ମ୍ୟାଚ୍ ୩-୩ରେ ସମାପ୍ତ ହୋଇଥିଲା । ଭାରତ ପକ୍ଷରୁ ଅରଜିତ୍ ସିଂ ହୁଣ୍ଡାଲ, ସୌରଭ ଆନନ୍ଦ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଫଳରେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି । ଭାରତ ୩ଟି ମ୍ୟାଚରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ମ୍ୟାଚରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଳାଇବା ଘଟଣା ସବୁଠୁ ଚର୍ଚ୍ଚାର ବିଷୟ ରହିଥିଲା । ଅପରେସନ ସିନ୍ଦୁର ପରେ ଗତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଶାଇ ନ ଥିଲେ । ଯାହାକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା ।

## ବାରବାଟୀରେ ଓଡ଼ିଶାର 'ବରୋଦା' ପରୀକ୍ଷା



କଟକ,୧୪।୧୦(ସମିସ): ୫ଥର ରଣଜୀ ଟ୍ରଫି ବିଜେତା ବରୋଦା ବିପକ୍ଷ ମ୍ୟାଚ୍‌ରୁ ଚଳିତ ରଣଜୀ ଟ୍ରଫି ଅଭିଯାନ ଆରମ୍ଭ କରିବ ଓଡ଼ିଶା । ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବୁଧବାରଠାରୁ ମ୍ୟାଚ୍ ଖେଳାଯିବ । ବିଗତ ୧୩ ବର୍ଷରେ ଉଭୟ ଦଳ ୫ଥର ମୁହାଁମୁହିଁ ହୋଇଥିବାବେଳେ ବରୋଦା ଅପରାଜେୟ ରହିଛି । ପୁଣିଥରେ ରାଜ୍ୟ ଦଳର ମଙ୍ଗ ଧରିଥିବା ଶୁଭ୍ରାଂଶୁ ଶେଖର ସେନାପତି ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି । ବାରବାଟୀର ନାଲିମାଟି ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବାକୁ କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି । ଅନ୍ୟପକ୍ଷରେ ଦଳରେ ତିନି ନବାଗତ ସ୍ଥାନ ପାଇଥିବାବେଳେ ଗୌରବ ଚୌଧୁରୀ ବୁଧବାର ପଦାର୍ପଣ କରିବା ନେଇ ଆଶା ରହିଛି ।

ଭାରତୀୟ ଘରୋଇ କ୍ରିକେଟର ସିଜନ୍ ଚଳିତଥର ରଣଜୀ ଟ୍ରଫିରୁ ଆରମ୍ଭ ହେଉଛି । ବାରବାଟୀ ଷ୍ଟାଡିୟମରେ ଶକ୍ତିଶାଳୀ ବରୋଦାକୁ ପ୍ରଥମ ମୁକାବିଲାରେ ଓଡ଼ିଶା ଭେଟିବ । ୨୦୧୨ରୁ ଇତି ମଧ୍ୟରେ ଏହି ଦୁଇ ଦଳ ଭିତରେ ଖେଳାଯାଇଥିବା ୫ଟି ମ୍ୟାଚରୁ ୩ଟି ମ୍ୟାଚ୍‌ରେ ବରୋଦାକୁ ସହଜ ବିଜୟ ମିଳିଥିବା ବେଳେ ୨ଟି ମ୍ୟାଚ୍ ଡ୍ର ରହିଛି । ଏପରିକି ଗତ ସଂସ୍କରଣରେ ବରୋଦାକୁ ଇନିଂସ୍ ବିଜୟ ମିଳିଥିଲା । ୨୯ ବର୍ଷୀୟ ଅତିତ ସେଠ୍ ଚଳିତଥର ବରୋଦା ଦଳର ନେତୃତ୍ୱ ନେଉଛନ୍ତି । ଉପଅଧିନାୟକ ଭାର୍ଗବ ଭଟ୍ଟ, ଜ୍ୟୋତ୍ସ୍ନିଲ ସିଂହ,ମହେଶ ପିଠିଆ, ବିଷ୍ଣୁ ସୋଲାଙ୍କି, ଲୁକମାନ ମେରିୱାଲା ଭଳି ଚର୍ଚ୍ଚିତ ଖେଳାଳି ଦଳରେ ରହିଛନ୍ତି । ତେବେ ବାରାବାଟୀରେ ବରୋଦାକୁ ଚ୍ୟାଲେଞ୍ଜ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ କହିଛନ୍ତି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉପଅଧିନାୟକ ସ୍ୱସ୍ତିକ ସାମଲଙ୍କ ସହ ନବାଗତ ଗୌରବ ଚୌଧୁରୀ ଓପନିଂ ସମ୍ଭାଳିପାରନ୍ତି । ଏକଦିବଦସୀୟ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଗୌରବ ରଣଜୀ ଟ୍ରଫିରେ ପଦାର୍ପଣ କରି ପାରନ୍ତି । ଏହାଛଡ଼ା ନବାଗତ ବାଦଲ ବିଶ୍ୱାଳଙ୍କୁ ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି ।

## ଏସୀୟ ଟିଟି: ଭାରତୀୟ ପୁରୁଷ ୬ଷ୍ଠ, ମହିଳା ୮ମ

ଭୁବନେଶ୍ୱର, ୧୪ ।୧୦ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏସିଆନ୍ ଟେବଲ ଟେନିସ ଚାମ୍ପିଅନସିପ୍‌ରେ ପଦକ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଘରୋଇ ଭାରତୀୟ ପୁରୁଷ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ମଙ୍ଗଳବାର କ୍ଲାସିଫିକେଶନ ମ୍ୟାଚରେ ପୁରୁଷ ଦଳ ୩-୦ରେ ଦକ୍ଷିଣ କୋରିଆଠାରୁ ମହିଳା ଦଳ ୩-୨ରେ ହଂକଂ ନିକଟରୁ ହାରିଥିଲା । ଅପରପକ୍ଷରେ ବୁଧବାର ଉଦ୍‌ଯାପନୀ ଦିବସରେ ଚୀନ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ଖେଳାଯିବ । ପୁରୁଷ ବିଭାଗର ପ୍ରଥମ ସେମିରେ ହଂକଂ ୩-୨ରେ ଚାଇନିଜ ତାଇପେଇକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି । ଚୀନ ଓ ଜାପାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ ।

## ଜାତୀୟ ଆଥ୍‌ଲେଟିକ୍ସରେ ତାମିଲନାଡୁର ବାଜିମାତ୍

ଭୁବନେଶ୍ୱର, ୧୪ ।୧୦ (ସମିସ): ଜାତୀୟ ଜୁନିଅର ଆଥ୍‌ଲେଟିକ୍ସର ୪୦ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି । ଏଥିରେ ଓଭରଅଲ୍ ତାମିଲନାଡୁ ୨୮୯ ପଏଣ୍ଟ ରଖି ଚାମ୍ପିଅନ ହୋଇଛି । ୨୮୭ ପଏଣ୍ଟ ସହ ହରିୟାଣା ରନର୍ସଅପ୍ ହୋଇଛି । ଅନ୍ତିମ ଦିବସରେ ଓଡ଼ିଶାର ଆନି ସାଲବାମ ୧୬ ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ । ଓଡ଼ିଶା ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତିଛି ।




# ଆଜିଠୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ

ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି)



ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି । ଆସନ୍ତା ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ । ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଏହାପରେ ଜାନୁଆରୀ ୨୨ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ଖେଳ ଅନୁଷ୍ଠିତ ହେବ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ରହିଥିବା ସମୟରେ ସୟଦ ମୁସ୍ତାକ ଅଲି ଟ୍ରଫି (ଟି-୨୦) ଓ ବିଜୟ ହଜାରେ ଟ୍ରଫି (ଦିନିକିଆ) ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

ଏଥର ରଣଜୀ ଟ୍ରଫିରେ ମୋଟ୍ ୩୮ ଗୋଟି ଦଳ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରୁ ୩୨ଟି ଦଳ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି । ସେହିଭଳି ଅନ୍ୟ ୬ଟି ଦଳ ପ୍ଲେଟ୍ ଡିଭିଜନରେ ଖେଳିବେ । ଏଲିଟ୍ ପର୍ଯ୍ୟାୟରେ ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଅନୁଷ୍ଠିତ ହେବ । ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ରାଉଣ୍ଡରେ ୧୯ଟି ମ୍ୟାଚ୍ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ । ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବେଙ୍ଗାଲୁରୁରେ ନାଗାଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ସେହିଭଳି ରେକର୍ଡ ୪୨ଥରର ବିଜେତା ମୁମ୍ବାଇ ପ୍ରଥମ ମ୍ୟାଚରେ ଘରୋଇ ଜମ୍ମୁ କାଶ୍ମୀରକୁ ଶ୍ରୀନଗରରେ ଭେଟିବ । ଗତ ସଂସ୍କରଣର ଉପବିଜେତା କେରଳା ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ସହ ଖେଳିବ ।

### ଏଲିଟ୍ ଗ୍ରୁପ୍ ତାଲିକା

**ଗ୍ରୁପ୍-ଏ** : ଓଡ଼ିଶା, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ, ବରୋଦା, ନାଗାଲାଣ୍ଡ, ବିଦର୍ଭ

**ଗ୍ରୁପ୍-ବି**: ସୌରାଷ୍ଟ୍ର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଗୋଆ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ପଞ୍ଜାବ

**ଗ୍ରୁପ୍-ସି**: ରେଳବାଇ, ହରିୟାଣା, ବେଙ୍ଗଲ, ଉତ୍ତରାଖଣ୍ଡ, ଗୁଜରାଟ, ଆସାମ, ସର୍ଭିସେସ, ତ୍ରିପୁରା

**ଗ୍ରୁପ୍-ଡି**: ହାଇଦରାବାଦ୍, ଦିଲ୍ଲୀ, ରାଜସ୍ଥାନ, ଛତିଶଗଡ଼, ଜମ୍ମୁ କାଶ୍ମୀର, ମୁମ୍ବାଇ, ପୁଡୁଚେରୀ, ହିମାଚଳ ପ୍ରଦେଶ

**ପ୍ଲେଟ ଗ୍ରୁପ୍** : ବିହାର, ଅରୁଣାଚଳ ପ୍ରଦେଶ, ସିକ୍କିମ, ମଣିପୁର, ମେଘାଳୟ, ମିଜୋରାମ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS